ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ବୁଧବାର ୧୧ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 11 December 2024

Vol.No. 35 ■ No.329 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## କାନାଡାରୁ ଆସିଥିଲା ଧମକପୂର୍ଣ୍ଣ ମେଲ୍: ସ୍ପଷ୍ଟ କଲା କ୍ରାଇମବ୍ରାଞ୍ଚ





ଭୁବନେଶ୍ୱର, ୧୦/୧୨ (ନି.ପ୍ର): ସ୍ଥାନୀୟ ଲୋକସେବା ଭବନରେ ଗତମାସ ୨୯ ତାରିଖ ଠାରୁ ଡିସେମ୍ବର ୧ ତାରିଖ ଯାଏଁ ଆୟୋଜିତ ୩ଦିନିଆ ପୁଲିସ ମହାନିର୍ଦ୍ଦେଶକ/ମହାନିରୀକ୍ଷକ ମାନଙ୍କର ୫୯ତମ ସର୍ବଭାରତୀୟ ସମ୍ମିଳନୀ ପୂର୍ବରୁ ଓ ସମ୍ମିଳନୀ ସମୟରେ ଧମକପୂର୍ଣ୍ଣ ମେଲ ଆସିଥିଲା। ଏହି ଧମକପୂର୍ଣ୍ଣ ମେଲ୍ କାନାଡା ଓ ଆମେରିକାରୁ ଆସିଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ପ୍ରଦାନ କରାଯାଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଆଇପି ଆଡ୍ରେସ୍ ଯାଞ୍ଚ ବେଳେ ଜଣାପଡ଼ିଛି ଯେ, ଅଡିଓ ରେକର୍ଡ ମଧ୍ୟ ଦେଶ ବାହାରୁ ଆସିଛି ଏହାକୁ ଇଣ୍ଟରନେଟ୍ ଆପ ଜରିଆରେ ପ୍ରସ୍ତୁତ କରାଯାଇଥିଲା। ପୁଲିସ ଡିଜି/ଆଇଜି ସମ୍ମିଳନୀ ବେଳେ ଆସିଥିବା ଆତଙ୍କୀ ମେଲ୍ ଯାଞ୍ଚ ଦାଇତ୍ୱ କ୍ରାଇମବ୍ରାଞ୍ଚ ନେଇଥିଲା। ଧମକପୂର୍ଣ୍ଣ ମେଲ୍ ଓ ଅଡିଓ ରେକର୍ଡ ଆସିବାରେ ଓଡ଼ିଶାର କାହାର ଲିଙ୍କ ନାହିଁ ବୋଲି ଏବେ ସ୍ପଷ୍ଟ ହୋଇଛି। ତେବେ ଭୁବନେଶ୍ୱରରେ ପୁଲିସ ଡିଜି ସମ୍ମିଳନୀ ବେଳେ ଖଲିସ୍ତାନୀ ଆତଙ୍କବାଦୀ ପନୁର ଫଟୋ ଥାଇ ମେଲ୍ ଓ ଅଡିଓ କଲ୍ ରେକର୍ଡ ଆସିବା ଘଟଣା ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ନିଦ ହଜାଇ ଦେଇଥିଲା। ଧମକପୂର୍ଣ୍ଣ ଅଡିଓ ରେକର୍ଡ ମଧ୍ୟ ଦେଶ ବାହାରୁ ଆସିଛି ଏହାକୁ ଇଣ୍ଟରନେଟ୍ ଆପ ଜରିଆରେ ପ୍ରସ୍ତୁତ କରାଯାଇଥିଲା। ପୁଲିସ ଡିଜି/ଆଇଜି ସମ୍ମିଳନୀ ବେଳେ ଆସିଥିବା ଆତଙ୍କୀ ମେଲ୍ ଯାଞ୍ଚ ଦାଇତ୍ୱ କ୍ରାଇମବ୍ରାଞ୍ଚ ନେଇଥିଲା। ଧମକପୂର୍ଣ୍ଣ ମେଲ୍ ଓ ଅଡିଓ ରେକର୍ଡ ଆସିବାରେ ଓଡ଼ିଶାର କାହାର ଲିଙ୍କ ନାହିଁ ବୋଲି ଏବେ ସ୍ପଷ୍ଟ ହୋଇଛି। ପୁଲିସ ମହାନିର୍ଦ୍ଦେଶକ/ମହାନିରୀକ୍ଷକ ମାନଙ୍କର ସର୍ବଭାରତୀୟ ସମ୍ମିଳନୀକୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଗତ ୨୯ ତାରିଖ ଦିନ ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀର ଦ୍ୱିତୀୟ ଦିନ ଓ ଉଦଯାପନୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଉଦ୍‌ଯାପନୀ ଦିବସରେ ଗୁଇନ୍ଦା ବିଭାଗର ଅଧିକାରୀମାନଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୁଲିସ ପଦକ ବଣ୍ଟନ କରିଥିଲେ।

▶▶ପୃଷ୍ଠା ୭

## ୧୭ରୁ ରତ୍ନଭଣ୍ଡାର ମରାମତି



ପୁରୀ, ୧୦/୧୨ (ନି.ପ୍ର): ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି କାମ। ଆଜି ଛତିଶା ନିଯୋଗ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦ୍ୱିତୀୟ ଭୋଗ ମଣ୍ଡପ ପରେ ମରାମତି କାମ ଆରମ୍ଭ ହେବ। ଦିନ ଗୋଟାଏରୁ ସଂଧ୍ୟା ୫ଟା ବା ୬ଟା ଯାଏଁ କାମ ଚାଲିବ। ଶନିବାର, ରବିବାର ଓ ବିଶେଷ ଦିନରେ ମରାମତି ନ କରିବାକୁ ପରାମର୍ଶ ଦିଆଯାଇଛି। ଡିସେମ୍ବର ୩୧, ଜାନୁଆରୀ ୧ ପରି ଦିନରେ ମରାମତି ନ କରିବାକୁ କହିଛୁ। ମରାମତି ଦିନମାନଙ୍କରେ ବାହାର କାଠ ନିକଟରୁ ଶ୍ରୀଜିଉଙ୍କୁ ଦର୍ଶନ କରିବେ ଭକ୍ତ। ଭିତର କାଠରୁ ଦର୍ଶନ ମନା ହେବ। ବିଶେଷ ନୀତିକାନ୍ତି ଥିଲେ ମରାମତି କାର୍ଯ୍ୟ ବନ୍ଦ ରହିବ। ମରାମତି କାମ ୩ ମାସ ମଧ୍ୟରେ

▶▶ପୃଷ୍ଠା ୭

## ରାଜ୍ୟସଭା ଉପନିର୍ବାଚନ: ବିଜେପିର ସୁଜିତ କୁମାର ଏକ ମାତ୍ର ପ୍ରାର୍ଥୀ



ଭୁବନେଶ୍ୱର, ୦୯/୧୨ (ନି.ପ୍ର): ଡିସେମ୍ବର ୨୦ ତାରିଖରେ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନ ପାଇଁ ଓଡ଼ିଶାରୁ ବିଜେପିର ସୁଜିତ କୁମାର ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆଜି ଏନେଇ ଓଡ଼ିଶା ବିଧାନସଭା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ସେପ୍ଟେମ୍ବର ମାସରେ ସୁଜିତ କୁମାର ରାଜ୍ୟସଭାରୁ ଇସ୍ତଫା ଦେବା ପରେ ଏହି ଆସନଟି ଖାଲି ପଡ଼ିଥିଲା। ସେ ରାଜ୍ୟସଭା ପଦ ସହିତ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଥିଲେ। ପରେ ବିଜେପିରେ ମିଶିଥିଲେ। ଖାଲି ଥିବା ଏହି ଗୋଟିଏ ରାଜ୍ୟସଭା ପଦବୀ ପାଇଁ ଉପନିର୍ବାଚନ ହେବାକୁ ଯାଉଥିବା ବେଳେ ବିଜେପି ସୁଜିତ କୁମାରଙ୍କୁ ପ୍ରାର୍ଥୀ କରିଛି। ଗତକାଲି ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେ ଏକୁଟିଆ ନାମାନଙ୍କନ ପତ୍ର ଭରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ।

▶▶ପୃଷ୍ଠା ୭

## ଡିସେମ୍ବର ୧୪ରେ ଚାଷୀଙ୍କ ପୁଣି ଦିଲ୍ଲୀ ଚଲୋ ଆନ୍ଦୋଳନ

ନୂଆଦିଲ୍ଲୀ, ୧୦/୧୨ :୧୪ ତାରିଖରେ ଚାଷୀ କରିବେ ବିଶାଳ ସମାବେଶ । ଶମ୍ଭୁସୀମାରେ ଏକାଠି ହେବେ ଶହ ଶହ ଚାଷୀ । ଆଜିର ବୈଠକରେ ଏହି ନିଷ୍ପତି ନିଆଯାଇଛି । ଶମ୍ଭୁ ଓ ଟିକରୀ ସୀମାରେ ଅଧିକରୁ ଅଧିକ ଚାଷୀ ଏକାଠି ହୋଇ ଆନ୍ଦୋଳନରେ ସାମିଲ ହେବାକୁ ଚାଷୀ ସଂଗଠନ ଆହ୍ୱାନ ଦେଇଛନ୍ତି । ଏଥିସହ କଳାକାର ଓ ବିଭନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଆନ୍ଦୋଳନରେ ସାମିଲ ହୋଇ ଆନ୍ଦୋଳନକୁ ସଫଳ କରିବାକୁ ଅପିଲ କରାଯାଇଛି । ଦାବି ପୂରଣ ନହେଲେ ଦିଲ୍ଲୀ ଚଲୋ ଆନ୍ଦୋଳନ ଆଗକୁ ଉଗ୍ର ରୂପ ନେବ ବୋଲି ଧମକ ଦେଇଛନ୍ତି ଚାଷୀ ନେତା ।

## ଇସ୍ରାଏଲ ପରେ ସିରିଆ ଉପରେ ତୁର୍କୀ ଓ ଆମେରିକାର ଘନ ଘନ ଆକ୍ରମଣ



ନୂଆଦିଲ୍ଲୀ, ୧୦/୧୨ : ସିରିଆରେ ପ୍ରଥମେ ଆମେରିକା ଓ ପରେ ଇସ୍ରାଏଲ ରକେଟ୍ ମାଡ଼ କରିଥିଲା । ଏବେ ତୁର୍କ କରିଛି ଆକ୍ରମଣ ତୁର୍କୀର ଡ୍ରୋନ୍ ପୂର୍ବ ସିରିଆର ବିଭିନ୍ନ ଅଞ୍ଚଳରେ ଆକ୍ରମଣ କରି ୬ ଜଣ ଶିଶୁଙ୍କ ସମେତ ୧୨ ଜଣ ସାଧାରଣ ନାଗରିକଙ୍କୁ ହତ୍ୟା କରିଛି । ତୁର୍କୀ ସେନା ସିରିଆର ଉତ୍ତରାଞ୍ଚଳ ମନବିଜକୁ ମଧ୍ୟ ନିଜ କବଜ୍ଜା । ଆତଙ୍କବାଦୀଙ୍କୁ ନିପାତ କଲା ତୁର୍କୀ । ୨୦୧୬ରେ କୁର୍ଦ୍ଦ ସିରିଆନ୍ ଡେମୋକ୍ରାଟିକ୍ ଫୋର୍ସ (ଏସ୍ ଏଫ୍ ଡି) ଆଇଏସଆଇଏସ୍ କୁ ପରାସ୍ତ କରି ମନବିଜକୁ ନିଜ ନିୟନ୍ତ୍ରଣକୁ ନେଇଥିଲା । ମନବିଜରେ ଏସଡିଏଫର ପରାଜୟ ପରେ

▶▶ପୃଷ୍ଠା ୭

## ପ୍ରଦୀପ ପାଣିଗ୍ରାହୀଙ୍କୁ ଫସାଇବାକୁ କିଏ କରିଥିଲା ଷଡ଼ଯନ୍ତ୍ର ?



ଭୁବନେଶ୍ୱର, ୧୦/୧୨ (ନି.ପ୍ର): ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲାରେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କୁ ଫସାଇ ଦେଇଥିଲା କି ବିଜେଡି ସରକାର ? ପୂର୍ବ ସରକାର ବେଳେ ଜାଣିଶୁଣି ଚାପ ପକାଇ ମାମଲା ହୋଇଥିଲା ? ଆଜି ବ୍ରହ୍ମପୁର ଜେଏମ୍ଏଫ୍ସି କୋର୍ଟରେ ଅଭିଯୋଗକାରୀଙ୍କ ବୟାନ ପରେ ଏଭଳି କିଛି ଚାଞ୍ଚଲ୍ୟକର ପ୍ରତିକ୍ରିୟା ରଖିଛନ୍ତି ପ୍ରଦୀପଙ୍କ ଓକିଲ ଦୀପକ ପଟ୍ଟନାୟକ। ପ୍ରଦୀପଙ୍କ ନାଁରେ ମାମଲା କରିଥିବା ଲକ୍ଷ୍ମୀଧର ନାୟକ ଓ ପ୍ରଭାତ କୁମାର ନାୟକ କୋର୍ଟରେ ବୟାନ ଦେଇଥିଲେ। ସେମାନେ କହିଛନ୍ତି, ପ୍ରଦୀପଙ୍କୁ କୌଣସି ପ୍ରକାର ଅର୍ଥ ନେଣଦେଣ ହୋଇନି। ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ବିଜେଡିର କିଛି ବରିଷ୍ଠ ନେତା ଗୋଳନ୍ଥରା ଥାନାରେ ବସି ସେମାନଙ୍କ ଉପରେ ଚାପ ପକାଇ ମାମଲା ରୁଜୁ କରିଥିଲେ। ଏହି ଚାପ ପାଇଁ ହିଁ ସେମାନେ ମାମଲା ଦାଏର କରିଥିବା କହିଛନ୍ତି ପ୍ରଦୀପଙ୍କ ଓକିଲ। ସେପଟେ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିଛନ୍ତି ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ। ସେ କହିଛନ୍ତି, ଦଳ ପକ୍ଷରୁ କୌଣସି ଚାପ ନାହିଁ। ଯଦି ଚାପ ଥିଲା, ସେତେବେଳେ କାହିଁକି ଜଣାଇଲେନାହିଁ। ଏବେ ସେମାନେ ଚାପରେ କହୁ ଥାଇପାରନ୍ତି। ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଜେଲ ଯାଇଥିଲେ ପ୍ରଦୀପ ପାଣିଗ୍ରାହୀ।

## ଲାଞ୍ଚ ନେବା ପଡ଼ିଲା ମହଙ୍ଗା: ଗିରଫ ହେଲେ ଦେବଯାନୀ

ଭୁବନେଶ୍ୱର, ୧୦/୧୨ (ନି.ପ୍ର): କନିଷ୍ଠ କିରାଣିଙ୍କୁ ଲାଞ୍ଚ ନେବା ପଡ଼ିଲା ମହଙ୍ଗା। ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ଅଫିସ କନିଷ୍ଠ କିରାଣି ଦେବଜାନି କରଙ୍କୁ ମାଡ଼ି ବସିଲା ଭିଜିଲାନ୍ସ। ଦେବଜାନିଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯିବା ସହ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ। ଜମି କାଗଜପତ୍ର ବାବଦକୁ ଦେବଜାନି ଜଣେ ବ୍ୟକ୍ତିଙ୍କୁ ୨୦ହଜାର ଟଙ୍କା ମାଗିଥିଲେ। ସଂପୃକ୍ତ ବ୍ୟକ୍ତି ଜଣଙ୍କ ଭିଜିଲାନ୍ସ ନିକଟରେ ଏନେଇ ଅଭିଯୋଗ କରିଥିଲେ। ପରେ ଭିଜିଲାନ୍ସ ଦେବଜାନି ଧରିବାକୁ ଯୋଜନା କରିଥିଲା। ଜମିଜମା ବାବଦକୁ ବ୍ୟକ୍ତିଙ୍କଠାରୁ ଦେବଜାନି ଲାଞ୍ଚ ନେବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ଭିଜିଲାନ୍ସ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ଅଫିସରେ ଯାଞ୍ଚ କରିଥିଲା

▶▶ପୃଷ୍ଠା ୭

## କଂଗ୍ରେସକୁ ଝଟ୍‌କା: ଲାଲୁ କହିଲେ- ମମତାଙ୍କୁ ଦିଆଯାଉ 'ଇଣ୍ଡି' ମେଣ୍ଟର ଦାୟିତ୍ୱ



ନୂଆଦିଲ୍ଲୀ, ୧୦/୧୨ : ଏଥରକ କଂଗ୍ରେସ ଉପରେ ଆଉ କିଏ ନୁହେଁ ଖୋଦ ଇଣ୍ଡିମେଣ୍ଟର ସହଯୋଗୀ ଦଳମାନଙ୍କ ବଡ ଚାପ ପଡିଲାନି । କାରଣ କୌଣସି ରାଜନୈତିକ ରଣନୀତି ନୁହଁ ବଂର ପଟ ପରିବର୍ତ୍ତନ । ପ୍ରଥମ ଦିନରୁ ମେଣ୍ଟର ମଙ୍ଗ ସମ୍ଭାଳିଥିବା କଂଗ୍ରେସ ଉପରେ ଲଗାତାର ପ୍ରଶ୍ନ ଉଠିବା ପରେ ଏବେ ବିରୋଧୀ ମଧ୍ୟ ମୁଖିଆ ବଦଳାଇବା ମୁଡରେ ।ନିକଟରେ ଟିଏମସି ମୁଖିଆ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ନାଁ ନିଜେ ପ୍ରସ୍ତାବ ଦେବା ପରେ ତାଙ୍କ ପ୍ରତି ବଢୁଛି ସମର୍ଥନ । ପୂର୍ବରୁ ମମତାଙ୍କ ପ୍ରତି ଶିବସେନା, ସପା ସମର୍ଥନ ଉପରେ ମୋହର ମାରିଛନ୍ତି ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ। ବିଜେପି ନେତୃତ୍ୱାଧୀନ ଏନଡିଏକୁ ମାତ ଦେବାକୁ ୨୦୨୩ରେ ବିରୋଧୀ ଗଠନ କରିଥିଲେ ଦ ନ୍ୟାଶନାଲ ଡେଭଲପମେଣ୍ଟ ଇନକ୍ୟୁଲସିଭ ଆଲାଏନ୍ସ ବା ଇଣ୍ଡିଆ । ଯାହା ପରବର୍ତ୍ତୀ ସମୟରେ ଇଣ୍ଡିମେଣ୍ଟ ନାଁରେ ପରିଚିତ ହୋଇ ବିଜେପି ସରକାରଙ୍କ ବିରୋଧରେ ସଡ଼କ ଠୁ ନେଇ ସଂସଦରେ ଲଢୁଛି । କିନ୍ତୁ ଏବେ ମେଣ୍ଟର କନ୍ଦଳ ପଦାରେ ପଡି ହାଟରେ ଗଢୁଛି । କଂଗ୍ରେସ ନେତୃତ୍ୱକୁ ନେଇ ବାରମ୍ବାର ପ୍ରଶ୍ନ ଉଠିବା ପରେ ଏବେ ଟିଏମସି ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗ ସମ୍ଭାଳିବାକୁ ଆଗ୍ରହ ପ୍ରକାଶ କରିବା ପରେ ବିରୋଧୀ ଶିବିରରେ ହଇଚଇ ଦେଖାଦେଇଛି । ଏବେ ପ୍ରଶ୍ନ ଉଠୁଛି କ'ଣ ମମତାଙ୍କ ପ୍ରସ୍ତାବ ଆଗରେ ମୁଣ୍ଡ ନୁଆଁଇବ କଂଗ୍ରେସ ? -ଯଦି ଚାପରେ ପଡି କଂଗ୍ରେସ ହଁ କୁହେ ତେବେ କ'ଣ ରାହୁଲଙ୍କ ପରି ମମତା ମେଣ୍ଟକୁ ଆଗେଇପାରିବେ ? -ମେଣ୍ଟର ସବୁଠୁ ବଡ ଦଳ କଂଗ୍ରେସ ଉପରେ ଆସ୍ଥା ପ୍ରକଟ କରି କ'ଣ ଭୂଲ କରିଥିଲେ କି ବିରୋଧୀ ? -ସମସ୍ତଙ୍କୁ ଏକାଠି ନେଇ ଆଗକୁ ବଢ଼ିବାକୁ ପ୍ରତିଶ୍ରୁତି କ'ଣ ଫେଲ ହେଲେ ରାହୁଲ ? -ନିଡର ଭାବମୂର୍ତି, ଏକାକୀ ଚ୍ୟାଲେଞ୍ଜ ସମ୍ଭାଳୁଥିବା ମମତା କ'ଣ ପୂରା ମେଣ୍ଟକୁ ନେଇ ଆଗକୁ ବଢ଼ିପାରିବେ ? ମମତାଙ୍କ ପ୍ରସ୍ତାବ ଏକଥା ପ୍ରମାଣ କରିଛି ଯେ ବିରୋଧୀ

▶▶ପୃଷ୍ଠା ୭

## ଦୁଇ ଦିନ ହେଲା ଶୀତ କାକରରେ ବସିଛନ୍ତି ମିଶନ ଶକ୍ତି ମହିଳା: ଦରମା ସମେତ ୧୦ ଦଫା ଦାବିରେ ପ୍ରତିବାଦ ଜାରି

### କାହା କଥାରେ ପଡ଼ି ରାସ୍ତାରେ ଗଡ଼ିବାର ଆବଶ୍ୟକତା ନାହିଁ: ପ୍ରଭାତୀ ପରିଡ଼ା



ଭୁବନେଶ୍ୱର, ୧୦/୧୨ (ନି.ପ୍ର): ୬ଟି କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କର ୯ ମାସର ଦରମା ପ୍ରଦାନ ସହ ୧୦ ଦଫା ଦାବିରେ ଆଜି ବିଧାନସଭା ସମ୍ମୁଖରେ ଗର୍ଜିଛନ୍ତି ଅଲ୍ ଓଡ଼ିଶା ଜିପିଏଲ୍ଏଫ୍ କର୍ମୀ ମହାସଂଘ। ଆଜି ପୂର୍ବାହ୍ନରେ ହଜାରହଜାର ସଂଖ୍ୟାରେ ମିସନ ଶକ୍ତି ବିଭାଗ ସହ ଜଡ଼ିତ ମହିଳାମାନେ ମାଷ୍ଟରକ୍ୟାଣ୍ଟିନ ନିକଟରେ ଏକାଠି ହୋଇ ବିଧାନସଭା ଆଡ଼କୁ ଯାଇଥିଲେ। ଲୋୟର ପିଏମ୍‌ଜିରେ ପୁଲିସ ସେମାନଙ୍କୁ ଅଟକାଇବାରୁ ମହିଳାମାନେ ରାସ୍ତାରେ ବସି ପ୍ରତିବାଦ ସଭା କରିଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ ୯ ମାସ ଧରି କମ୍ୟୁନିଟି ସର୍ପୋଟ୍ ଷ୍ଟାଫ୍‌ମାନେ ପାରିଶ୍ରମିକ ପାଉନାହାନ୍ତି। ତେଣୁ ସେମାନେ ଘୋର ଆର୍ଥିକ ସଂକଟରେ ଗତି କରୁଛନ୍ତି। ଜିପିଏଲ୍ଏଫ୍ କମ୍ୟୁନିଟି କ୍ୟାଡରମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ସ୍ଥାୟୀ ନିଯୁକ୍ତି ପ୍ରଦାନ, ୫ ବର୍ଷିଆ ପଲିସିରେ ଥିବା ୭୫ % ଓ ୫୦%କୁ ଉଚ୍ଛେଦ କରି ୧୦୦ % ପାରିଶ୍ରମିକ ପ୍ରଦାନ, କମ୍ୟୁନିଟି ଷ୍ଟାଫ୍‌ଙ୍କର ବକେୟା ଥିବା ପାରିଶ୍ରମିକ ରାଶି ପ୍ରଦାନ କରାଯାଉ। ମିସନ ଶକ୍ତି ଦ୍ୱାରା ପ୍ରଦାନ କରାଯାଇଥିବା ପରିଚୟପତ୍ର ୧୫ ଦିନ ମଧ୍ୟରେ ଦିଆଯିବା ସହ ୬ ବର୍ଷ ଧରି କାର୍ଯ୍ୟ କରିଥିବା କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କୁ ଯୋଗ୍ୟତା ଅନୁସାରେ ପଦୋନ୍ନତି ପ୍ରଦାନ କରାଯାଉ ବୋଲି ସଂଘ ଦାବି କରିଛି। ସେହିଭଳି ମୃତ୍ୟୁକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କା, ଇପିଏଫ୍‌ଓ ଏବଂ ଇଏସ୍ଆଇ ପ୍ରଦାନ ମିଳୁ ବୋଲି ସଂଘ ଦାବି ରଖିଛି। ଜିପିଏଲ୍ଏଫ୍‌କୁ ଗୋଷ୍ଠୀଙ୍କ ବିନିଯୋଗ ପାଣ୍ଠି ୧ କୋଟି ଟଙ୍କା କରାଯାଉ ବୋଲି ମଧ୍ୟ ଦାବି କରାଯାଇଛି। ବିକ୍ଷୋଭ ସ୍ଥଳରେ ବିଜେଡି ବିଧାୟକ ଓ ନେତାମାନେ ପହଞ୍ଚି ସେମାନଙ୍କ ନୈତିକ ସମର୍ଥନ ଜଣାଇଥିଲେ। ବିଧାୟକ ପ୍ରମିଳା ମଲ୍ଲିକ, ଅରୁଣ କୁମାର ସାହୁ, ବ୍ୟୋମକେଶ ରାୟ, ଗୌତମବୁଦ୍ଧ ଦାସ, ପ୍ରଦୀପ ସାହୁ, ବର୍ଷା ସିଂହ ବରିହା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ ପ୍ରମୁଖ ପହଞ୍ଚି ସରକାର ତୁରନ୍ତ ସେମାନଙ୍କ ଦାବିକୁ ମାନି ନେବାକୁ କହିଥିଲେ। ମହାସଂଘର ଅଧକ୍ଷ ତଥା କଟକ ମେୟର ସୁବାସ ସିଂହ, ସଭାପତି ନିରୂପମା

▶▶ପୃଷ୍ଠା ୭

## ହତ୍ୟା କରି ଜୁଇକୁ ଫିଙ୍ଗିଦେବା ମାମଲାରେ ୫ ଗିରଫ

କୋରାପୁଟ, ୧୦/୧୨ (ନି.ପ୍ର): ଶ୍ମଶାନରେ ଜଳୁଥିବା ଜୁଇକୁ ଆଉ ଜଣଙ୍କୁ ମାରି ଫିଙ୍ଗିଦେବା ଘଟଣାରେ ପର୍ଦ୍ଦାଫାସ ହୋଇଛି। କୋରାପୁଟ୍ ପୁଲିସ୍ ଏହି ମାମଲାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୁଣିଗାରେଡି ସନ୍ଦେହରେ ହୋଇଥିଲା ବୀଭତ୍ସ ହତ୍ୟାକାଣ୍ଡ। ଆଜି ଏନେଇ ସୂଚନା ଦେଇଛନ୍ତି ଲକ୍ଷ୍ମୀପୁର ଏସ୍‌ଡିପିଓ। ବନ୍ଧୁଗାଁ ଥାନା ଝାରପା ଗାଁର ଦଶ ମିନ୍ୟାକା ଦୀର୍ଘ ଦିନ ଧରି ଟିବି ରୋଗରେ ପୀଡ଼ିତ ଥିଲେ। ରବିବାର ତାଙ୍କର ମୃତ୍ୟୁ ଘଟିଥିଲା। ଦଶଙ୍କ ମୃତ୍ୟୁକୁ ପରିବାର ଲୋକ ଓ ଗାଁ ଲୋକେ ସହଜରେ ଗ୍ରହଣ କରିପାରିନଥିଲେ। ଏଥିପାଇଁ ସେହି ଗାଁର ଶିବ ମିନ୍ୟାକାଙ୍କୁ ସନ୍ଦେହ କରିଥିଲେ। ଶିବ ଗୁଣିଗାରେଡି କରିଥିବାରୁ ଦଶଙ୍କୁ ମୃତ୍ୟୁ କରିଥିବା ଅଭିଯୋଗ ହୋଇଥିଲେ। ଏହାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସନ୍ଧ୍ୟା ବେଳେ ଦଶଙ୍କ ମୃତଦେହ ଉଠିଥିଲା। ଗାଁର ମାଲ ଭାଇମାନେ ଦଶଙ୍କ ମୃତଦେହ ଶ୍ମଶାନକୁ ନେଇଥିଲେ।

▶▶ପୃଷ୍ଠା ୭

# ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ବେତନଟୀ, ୧୦/୧୨ (ନି.ପ୍ର): ଆମ୍ବଗଡ଼ିଆ ବିକାଶ ପରିଷଦ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ସହଯୋଗ ରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଭଗବାନପୁର ନୂତନ ପ୍ରାଥମିକ ବିଦ୍ୟାଳୟ, ମୟୂରଭଞ୍ଜ ପରିସରରେ ଅନୁଷ୍ଠିତ ହୋଇଯାଇଛି, ଏହି ରକ୍ତଦାନ ଶିବିର କୁ ପୂର୍ବତନ ଅର୍ଥ ପରାମର୍ଶ ଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ଅଧିକାରୀ ଛୋଟରାୟ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଶିବିରକୁ ରିବନ୍ କାଟି ଉଦ୍ଘାଟନ କରିଥିଲେ ପରେ ଜଗନ୍ନାଥଙ୍କ ଫଟୋଚିତ୍ର ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ବାଲେଶ୍ୱର ଜିଲ୍ଲାର ରକ୍ତଭଣ୍ଡାର ଅଧିକାରୀ ଡ଼ ବସନ୍ତ ଉପାଧ୍ୟାୟ ଏବଂ ତାଙ୍କର ସହଯୋଗୀଙ୍କ ଦ୍ୱାରା ଅବିନାଶ ବେହେରା ପ୍ରଥମେ ରକ୍ତଦାନ କରି ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥଲେ। ପରେ ଏହି ରକ୍ତଦାନ ଶିବିର ରେ ରକ୍ତଦାନ କରିବା ସହ ଏକ ବୈଠକ ଆୟୋଜନ ହୋଇଥିଲା , ପ୍ରଥମେ ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟ ଙ୍କ ଦ୍ୱାରା ବେଦ ପାଠ ପରେ, ସ୍ୱାଗତ ନୃତ୍ୟ ସାଇଶ୍ରୀ ମହାପାତ୍ର ପରିବେଷଣ କରିଥିଲେ,ଆମ୍ବଗଡ଼ିଆ ବିକାଶ ପରିଷଦ ର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସଭାପତିତ୍ୱରେ ପୂର୍ବତନ ଅର୍ଥ ପରାମର୍ଶ ଦାତା ଓଡ଼ିଶା ସରକାରଙ୍କ ମୁଖ୍ୟ ଅତିଥି ଛୋଟରାୟ ମୁର୍ମୁ, ମୁଖ୍ୟବକ୍ତା ନୀଳମଣି ମହାବିଦ୍ୟାଳୟର ଅଧକ୍ଷ ଡ଼ ତପନ କୁମାର ବେହେରା , ବରେଣ୍ୟ ଅତିଥି ଭାବରେ ଭଗବାନପୁର ଗ୍ରାମର ପ୍ରତିଷ୍ଠାତା ଭଗବାନ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ପୂର୍ବତନ ସେନା ଅଧିକାରୀ ଭୀମଚରଣ ମାଝୀ, ଅଧ୍ୟାପକ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ସୁବାଷ ଚନ୍ଦ୍ର ମହାପାତ୍ର, ଓଡ଼ିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳଚନ୍ଦ୍ର ସାହୁ, ପୂର୍ବତନ କୃଷି ବୈଜ୍ଞାନିକ ଅକ୍ଷୟ କୁମାର ମିଶ୍ର, ବରିଷ୍ଠ ରେଳ ବିଭାଗର ପୂର୍ବତନ ଅଧିକାରୀ ଫିରୋଜ୍ ଖାନ୍ ଯୋଗଦେଇ ବର୍ତ୍ତମାନ ସମାଜରେ ରକ୍ତଦାନ ଆବଶ୍ୟକ କେତେ ଅଛି ଓ ରକ୍ତଦାନ କରିବା ଦ୍ୱାରା କିପରି ଜଣେ ମାନବ ସୁସ୍ଥ ରହିବ ସେ ବିଷୟରେ ମତାମତ ପ୍ରଦାନ କରିଥଲେ ଏବଂ ସାମ୍ବାଦିକ ଅନୁଧ୍ୟାନ ଖବର କାଗଜ ବେତନଟୀ ହରିଶ୍ଚନ୍ଦ୍ର ସାମଲ ଓ ରେମୁଣା ବ୍ଲକ୍ ମାଟ୍ରିକ ପରୀକ୍ଷା ରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ହର୍ଷିତା ଜେନା, ୧୫ ବର୍ଷ ରୁ କମ୍ କ୍ରିକେଟ ରେ ଓଡ଼ିଶା କୁ ପ୍ରତିନିଧିତ୍ୱ କରିଥିବା ରୋମି ପ୍ରଲିପ୍ତା ମଲ୍ଲିକ ଇତ୍ୟାଦି ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ରକ୍ତଦାନ ଶିବିରକୁ ନୀଳମଣି ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଶିବିରକୁ ପରିଚାଳନା କରିଥିଲେ । ଏହି ଶିବିରରେ ହୀରାପୁର ସରକାରୀ ବିଦ୍ୟାଳୟର ଶିକ୍ଷକ ଜଗଦୀଶ ବ୍ରହ୍ମଚାରୀ , ଛାତ୍ର ଦିବ୍ୟରଞ୍ଜନ ପ୍ରଧାନ,ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ସୁବାଶିଷ ମହାନ୍ତି, ମଂଗ୍ଲେଶ ମଗ୍ଲମ୍ ଇତ୍ୟାଦି ସହାୟତା କରିଥିଲେ , ଉପଦେଷ୍ଟା କରୁମୁର୍ମୁ, ବିକାଶ ପରିଷଦ ର ସମ୍ପାଦକ କୁଳ ମହାନ୍ତ, କମଳାକାନ୍ତ ସାହୁ, ରତିକାନ୍ତ ପାତ୍ର, ଚନ୍ଦନ ବାସ୍କେ, ଲକ୍ଷ୍ମଣ ସେଠୀ, ଉପେନ୍ଦ୍ର ପ୍ରଧାନ, ଅବିନାଶ ବେହେରା, ଯୋଗେଶ୍ୱର ବେହେରା, ସୁରେନ୍ଦ୍ର ଦାସ ଇତ୍ୟାଦି ବିକାଶ ପରିଷଦ ର ସଦସ୍ୟ କାର୍ଯକ୍ରମ କୁ ତ୍ୱରାନ୍ୱିତ କରିଥିଲେ ଏହି ଶିବିରରେ ୪୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା, ଶେଷରେ ଶିକ୍ଷକ ଗଣେଶ ଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ, ପରେ ସୁଦର୍ଶନ ମହାପାତ୍ର , ଲବଙ୍ଗ ଲତା ବେହେରା, ରଞ୍ଜିତ କୁମାର ଜେନା ଓ ଚକ୍ରଧର ମହାପାତ୍ରଙ୍କ ପରିଚାଳନା ରେ ସମୂହ ମଧ୍ୟାହ୍ନ ଭୋଜନ ଅନୁଷ୍ଠିତ ହୋଇଥିଲା।

## ସ୍ୱାମୀଙ୍କ ନିର୍ଯ୍ୟାତନା ବିରୁଦ୍ଧରେ ଥାନାରେ ଅଭିଯୋଗ କଲେ ପତ୍ନୀ

କୋରେଇ, ୧୦/୧୨ (ନି.ପ୍ର): ବିବାହର ମାତ୍ର ଦେଢ ବର୍ଷ ନ ପୁରୁଣୁ ସ୍ୱାମୀଙ୍କ ନିର୍ଯ୍ୟାତନାରେ ଅତିଷ୍ଠ ହୋଇ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି ପୀଡ଼ିତା । ପ୍ରକାଶଯେ, ପାଣିକୋଇଲି ପଂଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ସାରଥି ମଲିକ କୋରାଇ ଥାନା ଅନ୍ତର୍ଗତ ପଛିକୋଟ ଗ୍ରାମର ଦିଜ ମଲିକଙ୍କ ପୁଅ ଲିଲୁ ମଲିକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ସମୟରେ ଶାଶୁ ଘରର ଦାବି ମୁତାବକ ସମସ୍ତ ଯୌତୁକ ପ୍ରଦାନ କରାଯାଇଥିଲା । ମାତ୍ର ବାହାଘରର ୧୫ ଦିନ ନ ପୁରୁଣୁ ଲିଲୁ ଅଧିକ ଯୌତୁକ ଦାବି କରି ପ୍ରତିଦିନ ମଦ୍ୟପାନ କରି ସାରଥିଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଶାରିରୀକ ନିର୍ଯ୍ୟାତନା ଦେଇଆସୁଥିଲେ ।

# ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୧୦/୧୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୬୧ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୯ ଗୋଟି ଗ୍ରହଣ କରାଯାଇଥିବା ବେଳେ ୨୨ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି ଏବଂ ଶିବିରରେ ୨ଗୋଟି ର ସମାଧାନ କରାଯାଇଛି । ଅନ୍ୟ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ କରିସ୍ମା ବେସ୍ରାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟଧିକାରୀ ଡା. ପ୍ରଦୀପ କୁମାର ଗୁରୁ, ଅଧିକ୍ଷଣ ଯନ୍ତ୍ରୀ ପି ଡବ୍ଲୁ ଡି ଇଂ. ଦାମୋଦର କୈବର୍ତ୍ତ, ଆର ଡବ୍ଲୁ ଏସ ଏସ ଅଧିକ୍ଷଣ ଯନ୍ତ୍ରୀ ତପନ ପଧାନ, ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ,ଜିଲ୍ଲା ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ତହସିଲଦାର ଉଲୁଣ୍ଡା ପ୍ରଶାନ୍ତ ମହାରଣାଙ୍କ ସହ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଂଟ : ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିଅନ ବିଜୟୀ

କେନ୍ଦ୍ରାପଡ଼ା, ୧୦/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନ ତରଫରୁ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଓସିଏ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ ସୁପର ଲିଗ୍ ମ୍ୟାଚ୍‌ର ଚତୁର୍ଥ ଦିବସରେ ପଂଚୁପାଣ୍ଡବ କ୍ରିକେଟ କ୍ଲବ ଓ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିଅନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କ୍ଷେତ୍ରପାଳ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୩୯ ଓଭରରେ ୨୩୪ରନ କରି ଅଲଆଉଟ ହୋଇଥିଲା। ସେହିପରି ପଂଚୁପାଣ୍ଡବ କ୍ରିକେଟ କ୍ଲବ ୧୦ ଓଭରେ ୧୦୨ରନ କରି ଅଲଆଉଟ ହୋଇଥିଲା। ଏହି ମ୍ୟାଚରେ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିଅନ ପଂଚୁପାଣ୍ଡବ କ୍ରିକେଟ କ୍ଲବକୁ ୧୩୨ରନରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ଦୀପ୍ତି ଭୂଷଣ ବିହାରୀ ମ୍ୟାନ ଅଫ ମ୍ୟାଚ ହୋଇଥିଲେ। ଶ୍ରୀ ବିହାରୀ ୯ ଓଭର ବୋଲିଂ କରି ୨ଓଭର ମେଡେନ କରି ୩୫ରନ ଦେଇ ୪ଟି ୱିକେଟ ନେଇଥିଲେ। ସେହିପରି ପଂଚୁପାଣ୍ଡବ କ୍ରିକେଟ କ୍ଲବର ଉମାକାନ୍ତ ମଲ୍ଲିକ ୯ ଓଭର ବୋଲିଂ କରି ୫୨ରନ ଦେଇ ୫ଟି ୱିକେଟ ନେଇଥିଲେ। ନିରଞ୍ଜନ ଦାସ ଓ ଲଳିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଭାବେ ଚିରଞ୍ଜିବି ବଳ ଓ ଆନନ୍ଦ ବେହେରା ପରିଚାଳନା କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ୱାବଧାନରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା।

## ଜୟହିନ୍ଦ ହାଇସ୍କୁଲ ୧୯୮୦ ବ୍ୟାଚର ବନ୍ଧୁ ମିଳନ

କେନ୍ଦ୍ରାପଡ଼ା, ୧୦/୧୨ (ନି.ପ୍ର): ଜୟହିନ୍ଦ ହାଇସ୍କୁଲ ୧୯୮୦ ବ୍ୟାଚର ବନ୍ଧୁ ମିଳନ ପ୍ରେମାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସନାତନ ବେହୁରା, ଚର୍ତୁଭୁଜ ରାଉଳ, କାଳନ୍ଦୀ ମହାରଣା, ପ୍ରଦିପ୍ତ ବିଶ୍ୱାଳ, ଗୁରୁଚରଣ ବିଶ୍ୱାଳ, ଭାସ୍କର ମଲିକ, ରଂଜିତ ସାହୁ, କୈଳାସ ସେଠୀ, ପ୍ରଦିପ ମଲିକଙ୍କ ସମେତ ୧୯୮୦ ବ୍ୟାଚର ବହୁ ସଂଖ୍ୟକ ବନ୍ଧୁ ଉପସ୍ଥିତ ରହି ପୁରାତନ ଶିକ୍ଷକ ଓ ଛାତ୍ର ନିଜର ଅନୁଭୂତି ପରିପ୍ରକାଶ କରିବା ସହ ସୁଖ ଦୁଃଖ ବାଂଟିଥିଲେ। ସମସ୍ତେ ଯେମିତି ସେହି କିଶୋର ବୟସର ଛାତ୍ରଛାତ୍ରୀ ଭାବରେ ଅନୁଭବ କରୁଥିଲେ। ଶେଷରେ ବିଦ୍ୟାଳୟ ଓ ଧୌୟାଂଚଳର ଉନ୍ନତି କଳ୍ପେ ଏହି ସଂଗଠନ ଦୃଢତାର ସହ କାର୍ଯ୍ୟ କରିବାକୁ ନିଷ୍ପତି ନେଇଥିଲେ।

# ମୟୂରଭଞ୍ଜରେ ଆରମ୍ଭ ହେଲା ୧୦୦ ଦିନ ବ୍ୟାପି ଯକ୍ଷ୍ମା ବିଲୋପ ଅଭିଯାନ



ବାରିପଦା, ୧୦/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ସୋମବାର ଠାରୁ ଆରମ୍ଭ ହୋଇଛି ଆଗାମୀ ୧୦୦ ଦିନ ବ୍ୟାପି ଯକ୍ଷ୍ମା ବିଲୋପ ଅଭିଯାନ। ଏହି ପରିପ୍ରେକ୍ଷୀରେ, ଜିଲ୍ଲା ସଦର ମହକୁମା ବାରିପଦାରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦାହ ବସନ୍ତ କୁମାର ବେହେରା, ଅତିରିକ୍ତ ଚିକିତ୍ସାଧିକାରୀ ଡଃ ବିଜୟ କୁମାର ଦାସ, ଓ ଏହି ଅଭିଯାନର ଜାତୀୟ ସଂଯୋଜକ ଡଃ ଧର୍ମା ରାଓ ପ୍ରମୁଖ ମଂଚାସୀନ ଥିଲେ।

ଏହି ଅବସରରେ ମାନ୍ୟବର ସାଂସଦ ଶ୍ରୀମତୀ ମହାନ୍ତ କହିଥିଲେ ଯେ ଯକ୍ଷ୍ମା ମୁକ୍ତ ଅଭିଯାନ ହେଉଛି ଗୋଷ୍ଠି ସହାୟତା ହାସଲ କରି ରୋଗୀ-କେନ୍ଦ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ଆଡକୁ ଏକ ପଦକ୍ଷେପ ଏବଂ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମ ହେଉଛି ଏକ ସାମାଜିକ ଆଭିମୁଖ୍ୟର ଆବଶ୍ୟକତାକୁ ଆଲୋକିତ କରିବା ଯାହାକି ବିଭିନ୍ନ ବର୍ଗର ଲୋକଙ୍କୁ ଜନ ଆନ୍ଦୋଳନରେ ସାମିଲ କରି ୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମା ଦୂର କରିବାର ଉଚ୍ଚାଭିଳାଷୀ ଲକ୍ଷ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛି । ସୂଚନା ଥାଉକି, ମୟୂରଭଞ୍ଜ ସମେତ ଓଡିଶାର ପ୍ରତ୍ୟେକଟି ଜିଲ୍ଲାରେ ଏହି ଅଭିଯାନ ଆରମ୍ଭ ହୋଇଛି ଏବଂ ଏହି ୧୦୦ ଦିନିଆ ଟୀକାକରଣ, ଯାହା ସମସ୍ତ ବର୍ଗର ଲୋକ ମାନଙ୍କୁ ଅନ୍ତର୍ଭୁକ୍ତ କରିଛି, ଅଭିଯାନ ପାଇଁ ୪ଟି କାର୍ଯ୍ୟପନ୍ଥା ହାତକୁ ନିଆ ଯାଇଛି। ତାହା ହେଲା, ଟେଷ୍ଟ, ଟ୍ରାକ, ଟ୍ରିଟ ଓ ଟେକ୍ନୋଲୋଜି । ତେଣୁ ଏହି ମାଧ୍ୟମରେ ଜନସାଧାରଣ ମାନଙ୍କୁ ସଚେତନ କରାଯାଇ ସମସ୍ତ ସବ-ସେଣ୍ଟର ଠାରେ ଆୟୁଷ୍ମାନ ଶିବିର ଆୟୋଜନ କରାଯାଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମାଧ୍ୟମରେ ଏକ୍ସ-ରେ କରାଯାଇ ରୋଗର ନିଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଯକ୍ଷ୍ମା ଚିକିତ୍ସା କ୍ଷେତ୍ରରେ ସହାୟତା କରୁଥିବା ତଥା ଯକ୍ଷ୍ମା ବିଲୋପ ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଗୋଷ୍ଠିର ହିତାଧିକାରୀଙ୍କୁ ଏକାଠି କରିବା ସକାଶେ ପ୍ରଧାନ ମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନର କଳ୍ପନା କରାଯାଇଛି । ଏଣୁ ଜିଲ୍ଲାରେ ଥିବା ୨୬ଟି ବ୍ଲକରେ ଏହି ସଚେତନତା ବାର୍ତ୍ତା ପ୍ରଚାର କରିବା ପାଇଁ ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ଶ୍ରୀମତୀ ମହାନ୍ତ ୭ଟି ସଚେତନତା ରଥର ଉଦ୍ଘାଟନ କରିଥିଲେ । ଏହି ରଥ, ଆଗାମୀ ୧୦୦ ଦିନ ଯାଏଁ ସମସ୍ତ ବ୍ଲକରେ ବୁଲି ଲୋକ ମାନଙ୍କୁ ସଚେତନ କରାଇବ। ଉପସ୍ଥିତ ଅତିଥି ମାନେ ମଧ୍ୟ ଏହି ୧୦୦ ଦିନ ଅଭିଯାନ ନିମନ୍ତେ ପ୍ରସ୍ତୁତ ନି-କ୍ଷୟ ମିତ୍ର ଶିବିରକୁ ମଧ୍ୟ ଉଦ୍ଘାଟନ କରିଥିଲେ ଯେଉଁଥିରେ ମାଗଣା ଟିବି ପରୀକ୍ଷା କରାଯିବାର ବ୍ୟବସ୍ଥା ହୋଇଅଛି। ଆଜିର କାର୍ଯ୍ୟକ୍ରମରେ ୨ ଜଣ ଟିବି ରୋଗରୁ ମୁକ୍ତ ହୋଇଥିବା ସଫଳ ବ୍ୟକ୍ତିତ୍ୱ, ତିରିଂର ଅର୍ଜୁନ ମାର୍ଣ୍ଡି ଓ କିସାନତାଣ୍ଡିର ବାସୁଦେବ ଟୁଙ୍ଗଙ୍କୁ, ନିଜ ଅଂଚଳରେ ଜନସଚେତନତା ବୃଦ୍ଧି କରୁଥିବାରୁ ପୁରସ୍କୃତ କରାଗଲା। ଏହି ଅବସରରେ, ରାଜବସା ଓ ଚନ୍ଦନପୁର ପଂଚାୟତର ସରପଞ୍ଚ ଯିଏକି ନିଜ ଅଂଚଳରେ ଟିବି ରୋଗୀଙ୍କୁ ମାଗଣା ସେବା ଯୋଗାଇବା ସହିତ ଡାକ୍ତରୀ କିଟ ଯୋଗାଇ ଦେଉଛନ୍ତି, ତାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଯକ୍ଷ୍ମା ନିରୋଧ କେନ୍ଦ୍ର ଠାରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ବେଳେ ଏହି କାର୍ଯ୍ୟକ୍ରମର ପରିଚାଳନା, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଦିନକୃଷ୍ଣ ବାରିକ୍ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ୧୯ ତାରିଖରେ ଅଙ୍ଗନବାଡ଼ି କର୍ମୀଙ୍କ ବିଧାନସଭା ଘେରାଉ

ଗଞ୍ଜାମ, ୧୦/୧୨ (ନି.ପ୍ର): ଆସନ୍ତା୧୯ ତାରିଖରେ ଅଙ୍ଗନବାଡ଼ି କର୍ମୀ ମାନେ ବିଧାନସଭା ଘେରାଉ କରିବାକୁ ନିଷ୍ପତି ନେଇଛନ୍ତି। ଗଞ୍ଜାମ ଜିଲ୍ଲାର ଛତ୍ରପୁର ଲକ୍ଷ୍ମଣ ଭବନରେ ମମତାଜ ଖୁଂଟିଆଙ୍କ ଅଧ୍ୟକ୍ଷତାରେ ଏଆଇଟିୟୁସି ଅନୁବନ୍ଧିତ ଅଙ୍ଗନବାଡି ସଂଘର ବୈଠକ ହୋଇ ଏହି ନିଷ୍ପତି ନିଆଯାଇଛି । ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପିର ଗଣ ସଂଗଠନ ଭାରତୀୟ ମଜଦୂର ସଂଘ ଅନୁବନ୍ଧିତ ଅଲ୍ ଓଡିଶା ଅଙ୍ଗନବାଡ଼ି ଓ ଲେଡିଜ ୱାର୍କରସ ଏସୋସିଏସନ ପକ୍ଷରୁ ସାରା ରାଜ୍ୟରେ ଦୀର୍ଘ ଦେଢ ମାସ ଧରି ଅଙ୍ଗନ୍ୱାଡି କର୍ମୀ ମାନେ କାମବନ୍ଦ ତଥା ଦୁର୍ବାର ଆନ୍ଦୋଳନ କରି ସାରାରାଜ୍ୟ ତଥା ଭାରତରେ ହଇଚଇ ସୃଷ୍ଟି କରିଥିଲେ। ଏହି ସମୟରେ ବିଜେପିର ରାଜ୍ୟ ଓ କେନ୍ଦ୍ର ନେତୃମଣ୍ଡଳୀ ଏହି ଆନ୍ଦୋଳନକୁ ସମର୍ଥନ କରି ବିଜେପି ସରକାରକୁ ଆସିଁ। ମାତ୍ରେ ଅଙ୍ଗନବାଡି କର୍ମୀଙ୍କ ଦରମା ବୃଦ୍ଧି, ପେନସନ, ଚାକିରି ସ୍ଥାୟୀ କରିବା ଦାବି ପୁରଣ କରିବ ବୋଲି ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ଉସକାଇଥିବା ବେଳେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଅଙ୍ଗନବାଡ଼ି କର୍ମୀଙ୍କ ଦାବି ପ୍ରତି ଅଣଦେଖା କରୁଥିବାରୁ ଅଙ୍ଗନବାଡ଼ି କର୍ମୀ ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଫଳରେ ଆସନ୍ତା ୧୯ ତାରିଖରୁ ପୁଣି ଅଙ୍ଗନବାଡି କର୍ମୀ ମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତି ନେଇଛନ୍ତି।

## ଗୀତା ଯଜ୍ଞ ଓ ଗୀତା ପାଠ ଅନୁଷ୍ଠିତ

ଜୟପୁର, ୧୦/୧୨ (ନି.ପ୍ର): ଜୟପୁର ଗୀତା ଭବନ ଠରେ ଶ୍ରୀମଦ୍ ଭାଗବତ ଗୀତା ସୁରକ୍ଷା ସମିତ୍ତି ତରଫରୁ ପ୍ରାତଃ ସମୟରେ ଗୀତା ଯଜ୍ଞ ସହ ଗୀତା ପାଠର ଅୟାଜନ ହୋଇଥିଲା। ଶେଷରେ ସମସ୍ତେ ପ୍ରତ୍ୟେକ ବର୍ଷ ଏହିପରି କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ବିରାଟ ଆକାରରେ କରି ଗୃହେ ଗୃହେ ଶ୍ରୀମଦ୍ ଭାଗବତ ଗୀତା ସ୍ଥାପନ କରିବା ନିମିତ ସଂକଳ୍ପ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଭଗବତ ପ୍ରେମୀ ଉପସ୍ଥିତ ରହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ନିରଞ୍ଜନ ମିଶ୍ର, ସୋନାଲି ପତି, ସୁପ୍ରିୟା ପାଣିଗ୍ରାହି, ଗୌରୀ ଭଉଣୀ, ବିଜୟ ପାଣିଗ୍ରାହି, ସୁରେଶ ନନ୍ଦ, କୁନି ମହାନ୍ତି, ନିବେଦନ ପାଣିଗ୍ରାହି, ନିରଞ୍ଜନ ପାଣିଗ୍ରାହି, ଝୁନୁ ପଣ୍ଡା, ଜାନକୀ ପାଣିଗ୍ରାହି, ଉଷା ମିଶ୍ର ପ୍ରମୁଖ।

# ଜିଲ୍ଲାସ୍ତରୀୟ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

ଜୟପୁର, ୧୦/୧୨ (ନି.ପ୍ର): ଗତ ତିନିଦିନ ଧରି ଚାଲିଥିବା ପରବ ଜିଲ୍ଲା ସ୍ତରୀୟ ନାଟକ ପ୍ରତିଯୋଗୀତାରେ ଶ୍ରେଷ୍ଠ ନାଟକ ଭାବେ ପଂଚ ପଟ୍ଟମାଳ ନାଟ୍ୟ ମହୋତ୍ସବ ଦାମନଯୋଡିର 'ଡର'ଏବଂ ଦମୟନ୍ତୀ କଳା ପରିଷଦ କୋଟପାଡର 'ଦାଦନ'ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ହୋଇଛନ୍ତି। ପରବ ଜିଲ୍ଲା ସ୍ତରୀୟ ନାଟକ ପ୍ରତିଯୋଗୀତା ଗୀତାଞ୍ଜଳୀ କଲ୍ୟାଣ ମଣ୍ଡପରେ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆଜି ଏହାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜିର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ରହିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ଭି.କାର୍ତିକେୟାନ, ଉପଜିଲ୍ଲାପାଳ ଆକଭରମ ସସ୍ୟାରେଡ୍ଡୀ ଯୋଗ ଦେଇଥିଲେ। ଆଜିର ଏହି ଉଦଯାପନୀ ଉତ୍ସବରେ ବିଗତ ଦିନରେର ହୋଇଥିବା ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରୀୟା ଥିଏଟର ଗ୍ରୁପ ପକ୍ଷରୁ ଆୟୋଜିତ ଏହି ନାଟକ ପ୍ରତିଯୋଗୀତାରେ ଶ୍ରେଷ୍ଠ ନାଟକ ଭାବେ 'ଡର'ଓ 'ଦାଦନ' ଏବଂ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପ୍ରକାଶ ମହାନ୍ତି ଓ ଶେଷଦେବ ଶତପଥୀ, ଶ୍ରେଷ୍ଠ ପାଣ୍ଡୁଲିପି ଭାବେ ଅନନ୍ଦ ଚନ୍ଦ୍ର ପାଢୀ, ଚନ୍ଦ୍ର ଶେଖର ଦାସ, ଶ୍ରେଷ୍ଠ ଅଭିନେତା ଭାବେ ନିର୍ମଳ କୁମାର ରାଉତ, ପ୍ରକାଶ ମହାନ୍ତି, ଶ୍ରେଷ୍ଠ ସହ ଅଭିନେତା ଦୀପକ କୁମାର ଦାସ, ଦେବବ୍ରତ ଜେନା, ଶ୍ରେଷ୍ଠ ଅଭିନେତ୍ରୀ ସସ୍ମିତା ମିଶ୍ର, ସବିତା ଭଟ୍ଟ, ଶ୍ରେଷ୍ଠ ସହ ଅଭିନେତ୍ରୀ ଭାବେ ରୀନା ଜାନୀ, ରଶ୍ମିତା ସ୍ୱାଇଁ, ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ସମୀର ମହାପାତ୍ର, ବସ୍ତୁରୀ ବାଙ୍କା, ଶ୍ରେଷ୍ଠ ଶିଶୁ କଳାକାର ଭାବେ ଏମ. ଧନଶ୍ରୀ, ସାତ୍ୱିକ କୁମାର ମିଶ୍ର,ଶ୍ରେଷ୍ଠ ମଂଚସଜ୍ଜା ଭାବେ ନାଟକ ଅଲୋଡା ଓ ୟୁ ଆର ଅଣ୍ଡର ଆରେଷ୍ଟ ଶ୍ରେଷ୍ଠ ସସ୍ୱଗୀତ ଡର ନାଟକର ବୃନ୍ଦାବନ ଖଣ୍ଡୁଆଳ ଓ ମହିରାବଣ ବଧ ର ଦୁର୍ଯ୍ୟୋଧନ ମାଝି ଓ କୁରି ଆ୍ୱାର୍ଡ ଭାବେ ଦସମନ୍ତପୁର ଅଂଚଳର କୁମାର ଜାନି ଓ ସମସ୍ତ କଳାକାରଙ୍କୁ ମୁଖ୍ୟ ଅତିଥି ତାରାପ୍ରସାଦ ବାହିନୀପତି ପୁରସ୍କାର ପ୍ରଦାନ କରିଥିଲେ। ଏହି ନାଟକ ଉତ୍ସବରେ ବିଚାରକ ଭାବେ ବରିଷ୍ଠ କଳାକାର ସୁଧାକର ପଟ୍ଟନାୟକ, ପ୍ରଶାନ୍ତ ମିଶ୍ର, ବୋରିଗୁମ୍ମାର ସୁରେଶ ରାଉତ ଉପସ୍ଥିତ ଥିଲେ। ଏହି ନାଟକ ପ୍ରତିଯୋଗୀତାରେ ନନ୍ଦପୁର, ଦଶମନ୍ତପୁର, ଦୁନାବେଡା, କୋରାପୁଟ, ସିମିଳିଗୁଡା, ବୈପାରିଗୁଡା, କୋଟପାଡ, ପଟାଙ୍ଗୀ ଅଂଚଳର ନାଟକ ପରିବେଷଣ କରାଯାଇଥିଲା। ସେହିପରି ପରବ ନିମନ୍ତେ ହୋଇଥିବା ସଙ୍ଗୀତ ଓଚିତ୍ରାଙ୍କନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଭଜନ ଜୁନିଅରରେ କୋରାପୁଟର ସ୍ମାଇଲ ଭଦ୍ରା ପ୍ରଥମ, ଜୟପୁରର ସମୃଦ୍ଧ ପାଢୀ ଦ୍ୱିତୀୟ ଓ କୋରାପୁଟର ଶ୍ରୀୟା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଭଜନ ବରିଷ୍ଠ ବିଭାଗରେ ଜୟପୁରର ସୁନୀଲ ପାଣିଗ୍ରାହୀ ପ୍ରଥମ, କୋରାପୁଟର ରାଜେଶ କୁମାର ବିଷୋୟୀ ଦ୍ୱିତୀୟ, ସ୍ୱରୁପ ଜେନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କୋରାପୁଟିଆ ଗୀତ କନିଷ୍ଠ ବିଭାଗରେ ଜୟପୁରର ସ୍ମୃତି ପାଢୀ ପ୍ରଥମ କୁନ୍ଦୁରାର ବୈଜୟନ୍ତି ହରିଜନ ଦ୍ୱିତୀୟ, ଜୟପୁରର ଭାରତୀ ମୁଦୁଲି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ କୋରାପୁଟିଆ ଗୀତ ରେ କୋରାପୁଟର ରାଜେଶ କୁମାର ବିଷୋୟୀ, ଜୟପୁରର ଶିବପ୍ରସାଦ ମହାପାତ୍ର ଓ ଦଶମନ୍ତପୁରର ଭୁଷଣ ଖୋସ୍ଲା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଠି ଚୟନ ହୋଇଥିବା ପ୍ରଥମ ଦ୍ୱିତୀୟ ଓ ତୃତୀୟ ମଧ୍ୟରୁ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତା ମାନଙ୍କୁ ଏଠି ପୁରସ୍କୃତ କରାଯାଇଥିବା ବେଳେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ପରବ ମୁଖ୍ୟ ମଂଚରେ ପୁରସ୍କୃତ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ୨୦୨୪ ପର ବ ନିମନ୍ତେ ଏକ ଦେଶିଆ ଗିତକୁ ୟୁଟ୍ୟୁବ ମାଧ୍ୟମରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଛି। ଏହି ଗୀତଟିକୁ ରାହୁଲ ଦେବ ସାମନ୍ତରାଓ ପ୍ରଗ୍ୟା ପଣ୍ଡା ଗାଇଥିବା ବେଳେ ଧିରେନ ମୋହନ ପଟ୍ଟନାୟକ ଗୀତ ରଚନା କରିଥିବା ବେଳେ ବିଜୟ କୁମାର ସାମନ୍ତରାୟ ସ୍ୱର ସସ୍ୱଯୋଜନା କରିଛନ୍ତି। ବିଗତ ଦିନରେ ଟାଉନ ହଲରେ ଆୟୋଜିତ ହୋଇଥିବା ମୁଁ ବି ଆଙ୍କର ହେବିର ବିଜେତା ରାଜେଶ ରାୟ ପ୍ରଥମ ଥର ପାଇଁ ମଂଚ ପରିଚାଳନା କରିଥିଲେ।

## ଶ୍ରୀହରିନାମ ପ୍ରଚାର ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର, ୧୦/୧୨ (ନି.ପ୍ର): ପ୍ରବଚିକା, ଅଧ୍ୟାପିକା ତଥା ସୁଲେଖିକା ଏଲୋରା ମିଶ୍ରଙ୍କ ଦ୍ୱାରା ଗଠିତ ଶ୍ରୀହରିନାମ ପ୍ରଚାର ସମିତି ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡକ୍ଟର ଅଶୋକ କୁମାର ସେଠୀ ଏବଂ ଡ. ଭାରତୀ ଦାସ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା ପୂର୍ବକ ମାଗଣା ଔଷଧ ପ୍ରଦାନ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ତଥା ଇଂରାଜି ଲେଖକ ବରଗଡ ନିବାସୀ କୃଷ୍ଣଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ସଭାପତି ଏଲୋରା ମିଶ୍ର, ଉପ-ସଭାପତି ସିତାଂଶୁ ଶେଖର ନାଏକ, ସଂପାଦକ ଦୁର୍ଗା ଚରଣ ସାହୁ, ସହ-ସଂପାଦକ ଦେବାଶିଷ ମିଶ୍ର, ଉପଦେଷ୍ଟା ସୁଦେଷ୍ଣା ପଣ୍ଡା, ସତ୍ୟବନ୍ତ ବେଦବାକ, ବିଭୁତି ଭୂଷଣ ମିଶ୍ର, ଦୁର୍ଯୋଧନ ନାଏକ, କୋଷାଧ୍ୟକ୍ଷ ସରିତା ସାହୁ, ସାଧୁରାମ ସାହୁ, ସରିତା ଷଡଙ୍ଗୀ, ଆଦିତ୍ୟ ନାରାୟଣ ମିଶ୍ର, ଅଂଶୁମାନ ମିଶ୍ର, ସୁନାସିନୀ ନନ୍ଦ, ପିଙ୍କି ପୁରୋହିତ, ଜନକ ବୁଡେକ, ବ୍ରହ୍ମାନନ୍ଦ ବୁଡେକ ପ୍ରମୁଖ ଉପସ୍ଥିତ ଥିଲେ । ବହୁଳ ସଂଖ୍ୟାରେ ରୋଗୀମାନେ ଏହି ଶିବିରକୁ ଆସି ଚିକିତ୍ସିତ ହୋଇଥିଲେ ।

# ୨୫ ଲକ୍ଷରେ ପହଂଚିଲା ଆୟୁଷ୍ମାନ ବୟ ବନ୍ଦନା କାର୍ଡ ପଞ୍ଜୀକରଣ

ନୂଆଦିଲ୍ଲୀ, ୧୦/୧୨ (ନି.ପ୍ର): ଆୟୁଷ୍ମାନ ବୟ ବନ୍ଦନା କାର୍ଡ ଶୁଭାରମ୍ଭ ହେବାର ମାତ୍ର ୨ ମାସରୁ କମ୍ ସମୟ ଭିତରେ ୨୫ ଲକ୍ଷ ଲୋକ ପଞ୍ଜୀକରଣ କରିଛନ୍ତି। ଚଳିତ ବର୍ଷ ଅକ୍ଟୋବର ୨୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଶୁଭାରମ୍ଭ କରିଥିଲେ। ଏହାର ମାତ୍ର ଦୁଇ ମାସରୁ କମ୍ ସମୟ ଭିତରେ ଆୟୁଷ୍ମାନ ବୟ ବନ୍ଦନା କାର୍ଡରେ ୨୫ ଲକ୍ଷ ହିତାଧିକାରୀ ସାମିଲ ହେବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ସଫଳତା। ଆୟୁଷ୍ମାନ ବୟ ବନ୍ଦନା କାର୍ଡ ଶୁଭାରମ୍ଭ ହେବା ଦିନଠାରୁ ହିତାଧିକାରୀଙ୍କୁ ମିଳିଛି ୪୦କୋଟିରୁ ଅଧିକ ଟଙ୍କାର ଚିକିତ୍ସା । ଏଥିରେ ୭୦ ବର୍ଷ ଓ ତାଠାରୁ ଅଧିକ ବର୍ଷ ବୟସର ୨୨୦୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପକୃତ ହୋଇଛନ୍ତି। ହିତାଧିକାରୀମାନେ ହୃତପିଣ୍ଡରେ ଆଞ୍ଜିଓପ୍ଲାଷ୍ଟି କରିଛନ୍ତି, ନିତମ୍ବ ଗଣ୍ଠି ହାଡ଼ ଭାଙ୍ଗି ଯାଇଥିଲେ ତାର ଚିକିତ୍ସା କରିଛନ୍ତି ବା ଏହି ହାଡ଼ର ପ୍ରତିସ୍ଥାପନ କରିଛନ୍ତି। ଏହା ସହିତ ପିତ୍ତକୋଷର ଅପସାରଣ, ଚାଳିସିଆ ହୋଇ ଆଖିରେ ପରଳ ପଡ଼ିଥିଲେ ଅସ୍ତ୍ରୋପଚାର କରିଛନ୍ତି। ସେହିପରି ପ୍ରୋଷ୍ଟେଟ୍ ଗ୍ରନ୍ଥି ସମସ୍ୟା, ହୃଦଘାତର ଚିକିତ୍ସା, ଡାଇଲିସିସ୍, ଟାଇଫଏଡ୍ ଓ ଅନ୍ୟ ବିଭିନ୍ନ ଜ୍ୱରର ଚିକିତ୍ସା କରାଇ ଉପକୃତ ହୋଇଛନ୍ତି ହିତାଧିକାରୀ। ୭୦ ବର୍ଷ ଓ ଏହାଠାରୁ ଅଧିକ ବୟସର ସମସ୍ତ ନାଗରିକଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସାମିଲ କରିବାକୁ ଅକ୍ଟୋବର ୨୯, ୨୦୨୪ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ। ଏହି ସଂପ୍ରସାରଣ ଅନୁସାରେ ଦେଶର ୭୦ ବର୍ଷ ବୟସ ଓ ଏହାଠାରୁ ଅଧିକ ବୟସର ସମସ୍ତ ନାଗରିକଙ୍କୁ "ଆୟୁଷ୍ମାନ ବୟ ବନ୍ଦନା କାର୍ଡ" ପ୍ରଦାନ କରାଯାଉଛି।

# ନିର୍ମାଣାଧୀନ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ

ସୁବର୍ଣ୍ଣପୁର, ୧୦/୧୨ (ନି.ପ୍ର): ଜିଲ୍ଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ସୁବର୍ଣ୍ଣପୁର ଦ୍ୱାରା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଯୋଜନା ଅଧୀନରେ ଉଲୁଣ୍ଡା ଗଣ୍ଡାବାହାଲ ଠାରେ ନିର୍ମାଣଧୀନ ଓଭରହେଡ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ପରିଦର୍ଶନ ସହ କାର୍ଯ୍ୟ ଅଗ୍ରଗତିର ସରଜମିନ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଶ୍ରୀମତୀ ଦାସ ପ୍ରକଳ୍ପ ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ଶୀଘ୍ର ଶେଷ କରି ଜନସାଧାରଣଙ୍କୁ ଏହାର ସୁଫଳ ପହଂଚାଇବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଛନ୍ତି। ୪ ଲକ୍ଷ ୯୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏହି ନିର୍ମାଣଧୀନ ଓଵରହେଡ୍ ପାନୀୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଉଲୁଣ୍ଡା ଗ୍ରାମ ପଂଚାୟତର ୮୯୭୬ ଜଣଙ୍କ ପାଇଁ ଦୈନନ୍ଦିନ ପାନୀୟ ଜଳ ଘରକୁ ଘର ଯୋଗାଣ ହୋଇପାରିବ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ ମେହେର, ବିଡିଓ ଉଲୁଣ୍ଡା କରିସ୍ମା ବେସ୍ରା, ଜିଲ୍ଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. ତପନ କୁମାର ପ୍ରଧାନ, ପ୍ରୋଜେକ୍ଟ ମ୍ୟାନେଜର ଏମଇଆଇଏଲ ବିନୋଦ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ତଥା ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କାନ୍ଦ ପାଇଁ କରନ୍ତୁନି କଞ୍ଜୁସୀ: ଦୁର୍ବଳର ପରିଚୟ ନୁହେଁ 'ମନଖୋଲା କାନ୍ଦ': ଭୋ ଭୋ ହୋଇ କାନ୍ଦିଲେ ଶରୀରକୁ ମିଳେ ଅନେକ ଫାଇଦା



'ସେ ନାକକାନ୍ଦୁରୀଟା , ଟିକେ ଟିକେ କଥାରେ କାନ୍ଦେ । ଆରେ ପୁଅପିଲା ପରା ଝିଅଙ୍କ ପରି କାନ୍ଦୁଛୁ କ'ଣ ? ଦେଖ କିଛି କଥା ନାହିଁ ଆରମ୍ଭ ହୋଇଗଲା ଯାର ଗଙ୍ଗା , ଯମୁନା ।' ଏ ଚିରାଚରିତ ଶବ୍ଦ କାହିଁ କେଉଁ କାଳରୁ ସମାଜ କହିଆସୁଛି । ଅତ୍ୟନ୍ତ ସମ୍ବେଦନଶୀଳ ମଣିଷଟିଏ ଏକଥା ଶୁଣିବା ପ୍ରାୟତଃ ସାଧାରଣ କଥା । ଯେତେବେଳେ ଜଣେ କାନ୍ଦେ ତୁ କ'ଣ ଦୁର୍ବଳ କି ପ୍ରଶ୍ନ କରି ବାହାରିଆସୁଥିବା ଲୁହକୁ ସମାଜ ରୋକିଦେବାକୁ ଚେଷ୍ଟା କରେ । କିନ୍ତୁ ଆଜ୍ଞା କାନ୍ଦିବା ଦୁର୍ବଳର ପରିଚୟ ନୁହଁ ବରଂ ମନ ଭିତରର ସମ୍ବେଦନକୁ ବାହାର କରିବା ଏବଂ ମାନସିକ ସନ୍ତୁଳନକୁ ଠିକ୍ ରଖିବାର ଏକ ପ୍ରାକୃତିକ ପ୍ରୋସେସ୍ । ଯାହା ଆଭ୍ୟନ୍ତରରୁ ମଣିଷକୁ ଶାନ୍ତ ରଖିବାର କାମ କରେ । ଡାକ୍ତରଙ୍କଠାରୁ ଶୁଣିଥିବେ,ମନଖୋଲା ହସ,ଶରୀର ସୁସ୍ଥ । ଖାଲି ହସ ପାଇଁ ଲାଫିଙ୍ଗ୍ କ୍ଲବର ମଧ୍ୟ ଉଦ୍ଭାବନ ହୋଇଛି । ଯେଉଁଠି ଆପଣ ମନଭରି ହସିବେ ଆଉ ସୁସ୍ଥ ରହିବେ । ହେଲେ ମନଭରି କାନ୍ଦିବାର ମଧ୍ୟ ଅନେକ ଲାଭ ରହିଛି । ଆଜି ଆମେ ଆପଣଙ୍କୁ କହିବୁ ଯେ କେବଳ ମନଖୋଲି କାନ୍ଦିବା ଦ୍ୱାରା ଶରୀରର କେଉଁ କେଉଁ ସମସ୍ୟାରେ ପରିବର୍ତ୍ତନ ଦେଖାଯାଏ । ହେଲ୍ଥଲାଇନର ଏକ ରିପୋର୍ଟ ମୁତାବକ , ଲୁହ ୩ ପ୍ରକାରର ହୋଇଥାଏ । ପ୍ରଥମଟି ହେଉଛି ରିଫଲେକ୍ସ ଟିୟର୍ , ଯାହା ଆଖିରେ ଜମିଥିବା ଧୂଳି ଏବଂ ମଇଳାକୁ ବାହାର କରିବାର କାମ କରେ । ଦ୍ୱିତୀୟଟି ହେଉଛି କଣ୍ଟିନ୍ୟୁଅସ୍ ଟିୟର୍ , ଯାହା ଆଖିକୁ କୌଣସି ସଂକ୍ରମଣରୁ ବଞ୍ଚାଇବାର କାମ କରେ । ତୃତୀୟଟି ହେଉଛି ଇମୋସନାଲ୍ ଟିୟର୍ , ଯାହା ଶରୀରକୁ ଅନେକ ପ୍ରକାର ଫାଇଦା ପହଞ୍ଚାଇଥାଏ । କଣ୍ଟିନ୍ୟୁଅସ୍ ଟିୟରରେ ଯେଉଁଠି ୯୮ % ପାଣି ମିଳିଥାଏ । ସେଠାରେ ଇମୋସନାଲ୍



ଟିୟରରେ ଷ୍ଟ୍ରେସ୍ ହର୍ମୋନ୍ସ ଏବଂ ଅନେକ ପ୍ରକାର ଟକ୍ସିକ୍ ଇମୋସନ୍ ବାହାରକୁ ବାହାରି ଆସିଥାଏ । ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ ଯେତେବେଳେ ଆମେ କାନ୍ଦୁ ଆମର ପାରାସିମ୍ପାଥେଟିକ୍ ନର୍ଭସ୍ ସିଷ୍ଟମ୍ ସକ୍ରିୟ ହୋଇଯାଏ । ଯାହାଦ୍ୱାରା ଶରୀର ହାଲକା ଅନୁଭବ କରେ ଏବଂ ହଜମ ପ୍ରକ୍ରିୟା ମଧ୍ୟ ଭଲ ହୁଏ । ଯାହାଦ୍ୱାରା ପୂର୍ବାପେକ୍ଷା ଶରୀରକୁ ଫୁର୍ତ୍ତିବାନ୍ ମଧ୍ୟ ଅନୁଭବ ହୁଏ । କାନ୍ଦିବା ଦ୍ୱାରା ଶରୀରରୁ ଏଣ୍ଡୋରଫିନ୍ ହର୍ମୋନ୍ ବାହାରିଥାଏ ଯାହା ଯନ୍ତ୍ରଣାକୁ କମାଇବାର କାମ କରେ । ଉଭୟ ଫିଜିକାଲ୍ ଏବଂ ଇମୋସନାଲ୍ ପୀଡ଼ାକୁ କମ୍ କରିବାର କାମ କରେ ଏଣ୍ଡୋରଫିନ୍ ହର୍ମୋନ୍ । ତେଣୁ କାନ୍ଦିବାରେ କଞ୍ଜୁସୀ ନ କରି ମନଖୋଲି କାନ୍ଦନ୍ତୁ । ଯଦି ଆପଣ ଲମ୍ବା ସମୟ ଧରି କୌଣସି ଦୁଃଖକୁ ମନରେ ମାରି କାନ୍ଦୁନାହାନ୍ତି ତାହେଲେ ଏହାର ପ୍ରଭାବ ଆପଣଙ୍କ ମାନସିକ ସ୍ୱାସ୍ଥ୍ୟକୁ ବିଗାଡ଼ିବାର ସାମର୍ଥ୍ୟ ରଖେ । ଅନ୍ୟପକ୍ଷରେ ଯଦି ଆପଣ ମନଖୋଲି ଭରପୂର କାନ୍ଦୁଛନ୍ତି ତାହେଲେ ମାନସିକ ସ୍ତରରେ ଆରାମ୍ ପାଇବେ । ଚାପକୁ କମାଇବାର କାମ କରେ କାନ୍ଦ । କାନ୍ଦିବା ଦ୍ୱାରା କେବଳ ରିଲାକ୍ସ ଅନୁଭବ ହୁଏନି ବରଂ ଜୀବନରେ ଆଗକୁ ବଢିବା ପାଇଁ ମଧ୍ୟ ବୁଷ୍ଟ୍ ମିଳେ । ମଣିଷର ମୁଡ୍ ଆପେ ଆପେ ଠିକ୍ ହୁଏ ଏବଂ ଭାଙ୍ଗିପଡ଼ିଥିବା ମଣିଷଟି ଜୀବନରେ ସଳଖିବାର ସାହସ ଜୁଟାଇଥାଏ । ଗବେଷଣାରୁ ଜାଣିବାକୁ ମିଳିଛି ଯେ , ଯେଉଁ ପିଲାମାନେ ଅଧିକ କାନ୍ଦନ୍ତି ତାଙ୍କୁ ନିଦ ମଧ୍ୟ ଭଲ ହୁଏ । ଆଉ ଭଲ ନିଦ ଦ୍ୱାରା ଶରୀରର ଅନେକ ସମସ୍ୟାର ସମାଧାନ ହୋଇଥାଏ । ଯେମିତିକି ଥକ୍କାପଣ , ମୁଣ୍ଡବ୍ୟଥା ଇତ୍ୟାଦି । ମନଖୋଲା କାନ୍ଦ ମସ୍ତିଷ୍କକୁ ଶାନ୍ତ ରଖେ ଏବଂ ଯନ୍ତ୍ରଣାକୁ କମାଇବାରେ ମଧ୍ୟ ସହାୟକ ହୁଏ । ତେବେ ଆଗକୁ ଯଦି କେହି କାନ୍ଦିଲାବେଳେ ରୋକନ୍ତି ତାହେଲେ ତାଙ୍କୁ କୁହନ୍ତି ଚାଲ ମିଶିକରି କାନ୍ଦିବା ଆଉ ସୁସ୍ଥ ରହିବା । କାନ୍ଦ ଦୁର୍ବଳର ପରିଚୟ ନୁହଁ , ଯଦି ମନଖୋଲା କାନ୍ଦ ମସ୍ତିଷ୍କକୁ ସୁସ୍ଥ ରଖୁଛି ତାହେଲେ କାନ୍ଦିବାରେ କଞ୍ଜୁସୀ କାହିଁକି ?

# ଛୁଆଙ୍କ ଆଗରେ ସିଗାରେଟ ଟାଣୁଥିଲେ ସାବଧାନ



ଆଜିକାଲିର ଧାଁଦଉଡ଼ ଜୀବନରେ କାମର ଚାପ,ପରିବାରରେ ସମସ୍ୟା,ଦାମ୍ପତ୍ୟ ଅଥବା ପ୍ରେମରେ ବିଫଳତା ପାଇବା ପ୍ରାୟତଃ ପ୍ରତି ମଣିଷର କଥା । ଏହି ଦୁଃଖ,କଷ୍ଟକୁ ଟିକେ ହାଲୁକା କରିବା ପାଇଁ ମଣିଷ ଏକ ସରଳ ମାଧ୍ୟମକୁ ଆଦରି ନେଇଛି 'ସିଗାରେଟ୍' । ସିଗାରେଟ୍ ଟାଣୁଥିବା ଯେକୌଣସି ବ୍ୟକ୍ତିକୁ କାହିଁକି ସିଗାରେଟ୍ ଟାଣୁଛ ପ୍ରଶ୍ନ କଲେ ସେ ନିହାତି କହିବେ ଟେନସନ୍ କୁ ଟିକେ କମେଇବା ପାଇଁ ଟାଣିଦେଉଛୁ ଆଉ । ହେଲେ ଏ ସିଗାରେଟ୍ କ'ଣ ସତରେ ଟେନସନ୍ କମାଏ ? ବର୍ତ୍ତମାନ ସିଗାରେଟକୁ ଯୁବପିଢୀ ଫ୍ୟାସନ୍ ତାଲିକାରେ ବି ସାମିଲ୍ କରିଦେଇଛନ୍ତି କହିଲେ କିଛି ଭୁଲ୍ ହେବନାହିଁ । କର୍ପୋରେଟ୍ ସେକ୍ଟର କର୍ମଚାରୀଙ୍କଠାରୁ ଆରମ୍ଭ କରି କଲେଜ୍ ପିଲା ପର୍ଯ୍ୟନ୍ତ ସମସ୍ତଙ୍କୁ ସିଗାରେଟ୍ ଯେମିତି ଏକ ଫ୍ୟାସନ୍ ଷ୍ଟାଇଲ୍ ଭଳି ଲାଗୁଛି । ବାପା-ମା' ଘରେ ଛୋଟ ପିଲା ଥିବା ସତ୍ତ୍ୱେ ସିଗାରେଟ୍ ଟାଣି ଧୂଆଁ ଏମିତି ଛାଡୁଛନ୍ତି ଯେମିତି କୌଣସି ଟ୍ରେନ୍ ଇଞ୍ଜିନ୍ । ଏଥିରେ ସମସ୍ୟା କ'ଣ ହେଉଛି ଜାଣିଛନ୍ତି ଭୁଲ୍ କରୁଛନ୍ତି ଆପଣ ହେଲେ ଦଣ୍ଡ ପାଉଛି ଆପଣଙ୍କ ଛୁଆ । ଏକ ସର୍ଭେରୁ ସାମ୍ନାକୁ ଆସିଛି ଯେ ସେକେଣ୍ଡ ହେଣ୍ଡ ସ୍ମୋକିଙ୍ଗ୍ ଯାହାକୁ ପେସିବ୍ ସ୍ମୋକିଙ୍ଗ୍ ମଧ୍ୟ କୁହାଯାଏ ଏହା ଆପଣଙ୍କ ଛୁଆ ପାଇଁ ବିପଦ ସାବ୍ୟସ୍ତ ହୋଇପାରେ । ବଡ଼ ହେଲେ ଏଭଳି ପିଲାଙ୍କ କ୍ଷେତ୍ରରେ ର୍ୟୁମେଟାଇଡ୍ ଅର୍ଥରାଇଟିସର ଆଶଙ୍କା ୭୫ % ପର୍ଯ୍ୟନ୍ତ ବଢିଯାଏ । ଏହାର ଅର୍ଥ ଧୂମପାନ କେବଳ ଆପଣଙ୍କ ପାଇଁ ହିଁ ନୁହଁ ଆପଣଙ୍କ ଛୁଆ ପାଇଁ ମଧ୍ୟ ହାନିକାରକ । ତେବେ ଆସନ୍ତୁ ଜାଣିବା କ'ଣ ଏହି ସେକେଣ୍ଡ ହ୍ୟାଣ୍ଡ ସ୍ମୋକିଙ୍ଗ୍ ?

ଜଣେ ବ୍ୟକ୍ତି ଯେତେବେଳେ ସିଗାରେଟ୍ ଟାଣନ୍ତି ଏହାର ସଂପୂର୍ଣ୍ଣ ମାତ୍ରା ଫୁସଫୁସ୍ କୁ ନଯାଇ କିଛି ଧୂଆଁ ମାଧ୍ୟମରେ ବାୟୁରେ ମିଶିଯାଏ ଏବଂ ବାୟୁ ଦ୍ୱାରା ଅନ୍ୟ ଜଣଙ୍କ ଭିତରକୁ ଧୂଆଁ ପ୍ରବେଶ କରେ । ଏହି ପ୍ରକିୟାକୁ ସେକେଣ୍ଡ ହ୍ୟାଣ୍ଡ ସ୍ମୋକିଙ୍ଗ୍ ବୋଲି କୁହାଯାଏ ଯାହାର ଅଧିକ ପ୍ରଭାବ ଛୋଟଛୁଆଙ୍କ ଉପରେ ପଡ଼େ । ର୍ୟୁମେଟାଇଡ୍ ଅର୍ଥରାଇଟିସରେ ଶରୀରର ଇମ୍ୟୁନ୍ ସିଷ୍ଟମ୍ ହିଁ ଗଣ୍ଠି ଉପରେ ଭାରି ପଡ଼ିଯାଏ , ଯାହାଦ୍ୱାରା ଗଣ୍ଠି ଦରଜ ଏବଂ ଫୁଲିବା ଭଳି ସମସ୍ୟା ମଧ୍ୟ ଦେଖାଯାଏ । ଚଲାବୁଲା କରିବା ବେଳେ କଷ୍ଟ ଅନୁଭବ ହୁଏ । ଯେଉଁ ଲୋକଙ୍କ ଭିତରେ ଏଭଳି ସମସ୍ୟା ଦେଖାଯାଏ ସେମାନଙ୍କ ଚିକିତ୍ସା ଉପରେ ଧ୍ୟାନ ଦିଆଯିବା ସହ କିଛି ଖାଦ୍ୟପେୟ ଉପରେ କଣ୍ଟ୍ରୋଲ୍ କରିବାର ଆବଶ୍ୟକତା ପଡ଼ିଯାଏ । ଅବହେଳା ହେଲେ ସମସ୍ୟା ସ୍ଥାୟୀ ରୂପ ନେଇ ଦିବ୍ୟାଙ୍ଗତା ଆଡ଼କୁ ମଧ୍ୟ ନେଇପାରେ। ସର୍ଭେ ଅନୁସାରେ ର୍ୟୁମେଟାଇଡ୍ ଅର୍ଥରାଇଟିସ ଏକ ଜଟିଳ ସମସ୍ୟା । ତେଣୁ ଏଥିରେ ସାବଧାନ ରହିବା ମଧ୍ୟ ନିହାତି ଜରୁରୀ । ପରିବାରରେ ଯଦି ଏହି ସମସ୍ୟା ଆଗରୁ ରହିଛି ତାହେଲେ ସେକେଣ୍ଡ ହ୍ୟାଣ୍ଡ ସ୍ମୋକ୍ କରିବା ଆଦୌ ଠିକ୍ ନୁହଁ । ଏଥିରେ ପିଲାଙ୍କ ଫୁସଫୁସ୍ ସମ୍ବନ୍ଧ ସମସ୍ୟା ମଧ୍ୟ ଦେଖାଯାଏ । ବିଶେଷଜ୍ଞଙ୍କ ମତରେ ତମ୍ବାଖୁର ଧୂଆଁରେ ୪୦୦୦ ରୁ ଅଧିକ ରାସାୟନିକ ତତ୍ତ୍ୱ ରହିଥାଏ । ଯେଉଁଥିରେ ୨୫୦ ରୁ ଅଧିକ ରୋଗ ହେବାର ସମ୍ଭାବନା ରହିଥାଏ । ଫୁସଫୁସ୍ ସହ ଏହା ହୃଦରୋଗ ସମସ୍ୟା ମଧ୍ୟ ବଢାଏ ଏବଂ କ୍ୟାନ୍ସର ଭଳି ସମସ୍ୟା ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ । ସିଗାରେଟ୍ ଧୂଆଁର ସଂସ୍ପର୍ଶରେ ଆସୁଥିବା ପ୍ରତିଟି ଲୋକ ପାଇଁ ଏହା ବିପଦ ସୃଷ୍ଟି କରେ କହିଲେ କିଛି ଭୁଲ୍ ହେବନି । ଶିଶୁଙ୍କ ବିକଶିତ ଅଙ୍ଗ ପାଇଁ ସିଗାରେଟ୍ ଧୂଆଁ ଜହର ଭଳି କାମ କରେ । ଛୋଟପିଲା ଏବଂ ଗର୍ଭବତୀଙ୍କ ଉପସ୍ଥିତିରେ ସିଗାରେଟ୍ ଟାଣିବାର ଭୁଲ୍ ଆଦୌ କରନ୍ତୁ ନାହିଁ । ପରିବାର ଭିତରେ କିମ୍ବା କୌଣସି ଜନଗହଳିପୂର୍ଣ୍ଣ ସ୍ଥାନରେ ମଧ୍ୟ ଧୂମପାନ କରିବା ଠାରୁ ଦୂରେଇ ରୁହନ୍ତୁ । ଆପଣଙ୍କ ଛୋଟ ପ୍ରୟାସ ଅନ୍ୟର ଜୀବନକୁ ସରଳ , ସୁସ୍ଥମୟ କରିବାରେ ସହାୟକ ହେବ ।



# କୋଷ୍ଠକାଠିନ୍ୟକୁ କାଟିବ କିସ୍‌ମିସ୍



କିସମିସ ଆମେ ସାଧାରଣତଃ ପାଟିର ସ୍ୱାଦ ପାଇଁ ଖାଇଦେଇଥାଉ । ଘରେ ଏମିତି ବସିଥିବାବେଳେ କି ଚଲାବୁଲା କରିବା ସମୟରେ ଯଦି ନଜରରେ କିସମିସ ପଡିଗଲା ଆମେ ତାକୁ ପାଟିରେ ପକାଇଦେଇଥାଉ । କାରଣ ପାଟିକୁ ଭାରି ଭଲ ଲାଗିଥାଏ କିସମିସ୍ । ଏହାକୁ ମଧ୍ୟ ବିଭିନ୍ନ ମିଠା ଜିନିଷରେ ବ୍ୟବହାର କରାଯାଇଥାଏ । କିନ୍ତୁ ବୋଧ ହୁଏ ଆପଣ ଜାଣିନଥିବେ କିସମିସ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରି ଏବଂ ଲାଭଦାୟକ ବୋଲି । କିସମିସରେ ଆଇରନ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ଫାଇବର ପ୍ରଚୁର ମାତ୍ରାରେ ରହିଥାଏ । ଯାହା ଶରୀର ପାଇଁ ଲାଭଦାୟକ ହୋଇଥାଏ । ଖାଲି ଏତିକି ନୁହେଁ କିସମିସ ସେବନ ଦ୍ୱାରା ହଜମ ସମସ୍ୟା ଏବଂ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ । ଯଦି ଆପଣ କିସମିସକୁ ସଠିକ୍ ଉପାୟରେ ସେବନ କରୁଛନ୍ତି ତେବେ ଏହା ପେଟ ସମସ୍ୟାରୁ ଦୂରେଇ ରଖିଥାଏ । କିସମିସ ଦ୍ୱାରା ଶରୀରର ମଧ୍ୟ ବଢିଥାଏ । ତେବେ ଚାଲନ୍ତୁ ଜାଣିବା କୋଷ୍ଠକାଠିନ୍ୟ ସମସ୍ୟା ଥିଲେ କିସମିସ କୁ କିପରି କରିବେ ସେବନ ? ଯଦି ଆପଣଙ୍କୁ କୋଷ୍ଠକାଠିନ୍ୟ ସମସ୍ୟା ଅଛି ତେବେ ରାତିରେ କିସମିସ କୁ ଭିଜାଇ ରଖିଦିଅନ୍ତୁ । ଏହାକୁ ସକାଳେ ଖାଲିପେଟରେ ସେବନ କରନ୍ତୁ । ଏହାଦ୍ୱାରା ପେଟ ସଫା ହୋଇଥାଏ । କିସମିସ ରେ ଫାଇବର ପ୍ରଚୁର ମାତ୍ରାରେ ରହିଥାଏ । ଯାହା ହଜମ ପକ୍ରିୟାରେ ଉନ୍ନତି ଆଣିଥାଏ । ଭିଜା ହୋଇଥିବା କିସମିସ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ । ଯଦି ଆପଣ ଆପଣଙ୍କ ହାର୍ଟ କୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି ତେବେ ଭିଜା ହୋଇଥିବା କିସମିସ୍ କୁ ସେବନ କରିପାରିବେ । ଖାଲି ସେତିକି ନୁହେଁ ଯେଉଁମାନେ ଅଧିକ ପତଳା ସେମାନଙ୍କ ପାଇଁ ଭିଜା ହୋଇଥିବା କିସମିସ୍ ଖୁବ୍ ଲାଭଦାୟକ ହୋଇଥାଏ । ଅର୍ଥାତ୍ ଯେଉଁମାନେ ଶରୀର ଓଜନ ବଢାଇବାକୁ ଚାହୁଁଛନ୍ତି ସେମାନେ ଭିଜା ହୋଇଥିବା କିସମିସକୁ ଖାଇପାରିବେ । ତେବେ କିସମିସ ଦ୍ୱାରା ଶରୀରକୁ କଣ ଲାଭ ମିଳେ ତାହାର ଏହା କିଛି ସାମାନ୍ୟ ସୂଚନା ମାତ୍ର । ତେବେ ଅଧିକ ସୂଚନା ପାଇଁ ଆପଣ କୌଣସି ଡାକ୍ତରଙ୍କ ପରାମର୍ଶ ନେଇପାରିବେ । ଡାକ୍ତରଙ୍କ ପରାମର୍ଶ କ୍ରମେ ଏହା ଆପଣ ସେବନ କରିବା ଉଚିତ୍ ହେବ ।



# କୋଲେଷ୍ଟ୍ରଲ ସହ ଏହି ସବୁ ସମସ୍ୟାକୁ ଦୂର କରେ ଚିଆ ସିଡ୍ସ ଓ ଲେମ୍ବୁ

ଚିଆ ସିଡ୍ସ ଓ ଲେମ୍ବୁ ରସ ଖୁବ୍ ଉପକାରୀ। ଓଜନ ହ୍ରାସ କ୍ଷେତ୍ରରେ ଉଭୟଙ୍କ ଅବଦାନ ଅତୁଳନୀୟ। ଚିଆ ସିଡ୍ସ ଏବଂ ଲେମ୍ବୁ ମିଶ୍ରଣ ଶରୀର ପାଇଁ ଏକ ସୁପରଫୁଡ୍ ଭାବରେ କାର୍ଯ୍ୟ କରେ। ଏହି ଦୁଇଟି ସାମଗ୍ରୀକୁ ଏକାଠି ପିଇବା ଦ୍ୱାରା ଏହାର ପୋଷକ ତତ୍ତ୍ୱ ବହୁଗୁଣିତ ହୋଇଯାଏ। ଓଜନ ହ୍ରାସ ସହ ଆଉ କି କି ଫାଇଦା ମିଳେ, ଜାଣନ୍ତୁ...

କୋଲେଷ୍ଟ୍ରଲ ହ୍ରାସ କରେ- ଚିଆ ସିଡ୍ସରୁ ଓମେଗା-୩ ଫ୍ୟାଟି ଏସିଡ୍ ମିଳିଥାଏ, ଯାହା ହୃଦୟକୁ ସୁସ୍ଥ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଚିଆ ସିଡ୍ସ ଖାଇବା ଦ୍ୱାରା ଖରାପ କୋଲେଷ୍ଟ୍ରଲ (ଖଡଖ) ହ୍ରାସ ପାଇଥାଏ ଏବଂ ଭଲ କୋଲେଷ୍ଟ୍ରଲ (ଐଡଖ) ବୃଦ୍ଧିରେ ସାହାଯ୍ୟ ହୋଇଥାଏ। ଏହା ଦ୍ୱାରା ହୃଦରୋଗ ହେବାର ଆଶଙ୍କା ମଧ୍ୟ କମିଯାଏ।

ଏହା ବ୍ୟାତୀତ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସିରେ ଭରପୂର ଲେମ୍ବୁ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରିଥାଏ। ରକ୍ତଚାପ ଉନ୍ନତ ହୁଏ ଏବଂ ହୃଦୟର ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିଥାଏ।

ହଜମ ପ୍ରକ୍ରିୟାରେ ଉନ୍ନତି- ଲେମ୍ବୁ ସହିତ ଚିଆ ସିଡ୍ସ ପାଣି ପିଇବାର ଆଉ ଏକ ଉପକାର ହେଉଛି ହଜମ ପ୍ରକ୍ରିୟାରେ ଉନ୍ନତି। ଚିଆ ସିଡ୍ସ ପାଣି ପିଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ପୂରା ପୂରା ଲାଗିଥାଏ, ବିଶେଷ ଭୋକ ହୋଇନଥାଏ। ଫଳରେ ଅତ୍ୟଧିକ ଖାଦ୍ୟ ଖାଇବାକୁ ପଡ଼ିନଥାଏ।

ଏହା ବ୍ୟତୀତ ଚିଆ ସିଡ୍ସ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ପେଟକୁ ସଫା ରଖିଥାଏ। କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଲେମ୍ବୁ ରସ ଶରୀରରେ ପିତ୍ତ ଉତ୍ପାଦନକୁ ମଧ୍ୟ ବଢାଇଥାଏ, ଯାହା ଚର୍ବି ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଚିଆ ଏବଂ ଲେମ୍ବୁକୁ ମିଶାଇ ପିଇବା ଦ୍ୱାରା ହଜମ ପ୍ରକ୍ରିୟା ସୁସ୍ଥ ରହିଥାଏ। ଓଜନ ହ୍ରାସ- ଓଜନ ହ୍ରାସ ପାଇଁ ଚିଆ ସିଡ୍ସ ଏବଂ ଲେମ୍ବୁ ଖୁବ୍ ଉପକାରୀ। ଲେମ୍ବୁ କ୍ୟାଲୋରୀ ବୃଦ୍ଧି କରିବାକୁ ଦେଉ ନ ଥିବାବେଳେ ଚିଆ ସିଡ୍ସ ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟକୁ ପୂର୍ଣ୍ଣ ରଖିଥାଏ। ଫଳରେ ଅତ୍ୟଧିକ ଖାଦ୍ୟ ଖାଇବାକୁ ପଡ଼ିନଥାଏ। ଅଧିକ ଖାଦ୍ୟ ନ ଖାଇବା ଦ୍ୱାରା ଓଜନ ବୃଦ୍ଧି ପାଇନଥାଏ।



# ତ୍ୱଚାରେ ଚମକ ଆଣେ ନଡ଼ିଆ ତେଲ ସହ ଏହି ୨ ସାମଗ୍ରୀ



ସୁନ୍ଦର ଏବଂ ଆକର୍ଷଣୀୟ ଦିଶିବାକୁ ସମସ୍ତଙ୍କର ଇଚ୍ଛାଥାଏ। କିନ୍ତୁ ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ଏବଂ କେମିକାଲରେ ପ୍ରସ୍ତୁତ ପ୍ରଡକ୍ଟ ବ୍ୟବହାର ଦ୍ୱାରା ଚର୍ମର ପ୍ରାକୃତିକତା ହ୍ରାସ ପାଇଯାଉଛି। ଫଳରେ ୩୫-୪୦ ବର୍ଷ ପରେ ପରେ ଚର୍ମ କୁଞ୍ଚନ ସହ କଳାଦାଗ ହୋଇ ସୌନ୍ଦର୍ଯ୍ୟ କମିଯାଉଛି। ଯଦି ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ କେତେକ ପ୍ରାକୃତିକ ଉପାୟ ଅଲମ୍ବନ କରନ୍ତୁ। ଏହି ଆଲୋଖ୍ୟରେ ଆମେ କିଛି ପ୍ରାକୃତିକ ଉପାୟ ବତାଇବୁ, ଯାହା ଚର୍ମର ଚମକକୁ ବଜାୟ ରଖିବାରେ ସହାୟକ ହେବ। ଏଥିପାଇଁ ନଡ଼ିଆ ତେଲ ସହ ଅନ୍ୟ କିଛି ସାମଗ୍ରୀ ଆବଶ୍ୟ। ସେସବୁ ସାମଗ୍ରୀ କଣ ଏବଂ ଏହାକୁ କିପରି ବ୍ୟବହାର କରିବେ, ଜାଣନ୍ତୁ...

ନଡ଼ିଆ ତେଲ ଓ ଅଲିଭ୍ ଅଏଲ: ଡ୍ରାଏ ସ୍କିନ ଶୀଘ୍ର ନଷ୍ଟ ହୋଇଯିବାର ଆଶଙ୍କା ଅଧିକ। କାରଣ ଏହା କୁଣ୍ଡେଇ ହେବା ଦ୍ୱାରା ଶୀଘ୍ର କୁଞ୍ଚନ ପଡ଼ିଯାଏ। ଏପରି କ୍ଷେତ୍ରରେ ନଡ଼ିଆ ତେଲ ଏବଂ ଅଲିଭ ଅଏଲକୁ ମିଶାଇ ଲଗାଇପାରିବେ।

କିପରି ପ୍ରସ୍ତୁତ କରିବେ: ୩ ଚାମଚ ଅଲିଭ୍ ତେଲକୁ ୩ ଚାମଚ ନଡ଼ିଆ ତେଲରେ ମିଶାନ୍ତୁ। ଏହାକୁ ଭଲ ଭାବରେ ମିଶାଇ ଏକ କାଚ ପାତ୍ରରେ ରଖନ୍ତୁ। ରାତିରେ ଶୋଇବା ପୂର୍ବରୁ, ଏହି ମିଶ୍ରଣର ୩-୪ ବୁନ୍ଦା ନେଇ ମୁହଁରେ ଲଗାନ୍ତୁ ଏବଂ କିଛି ସମୟ ମାଲିସ୍ କରନ୍ତୁ। ଏହାକୁ ରାତିସାରା ମୁହଁରେ ଛାଡିଦେଇ ପରଦିନ ସକାଳେ ଥଣ୍ଡା କିମ୍ବା ଉଷୁମ ପାଣିରେ ଧୋଇଦିଅନ୍ତୁ।

ଆଲୋବେରା ଜେଲ ଓ ନଡ଼ିଆ ତେଲ: ନଡ଼ିଆ ତେଲରେ ଅଳ୍ପ ଆଲୋବେରା ଜେଲକୁ ମିଶ୍ରଣ କରି ଚର୍ମରେ ଲଗାଇବା ଦ୍ୱାର ଚର୍ମ କୁଞ୍ଚନ ସମସ୍ୟା ଦୂର ହୋଇପାରେ। ଆଲୋବେରା ଜେଲରେ ଆଣ୍ଟି-ଇନ୍ ?ଫ୍ଲାମେଟୋରୀ ଗୁଣ ରହିଛି, ଯାହା ଚର୍ମର ପ୍ରଦାହକୁ ହ୍ରାସ କରିଥାଏ। ଏହା ବ୍ୟତୀତ ଚର୍ମକୁ ଆର୍ଦ୍ରତା ଯୋଗାଇଥାଏ ଏବଂ ହାଇଡ୍ରେଟ୍ ରଖେ। ଏହା ଚର୍ମକୁ ଥଣ୍ଡା ରଖିବା ସହ କୋମଳ ବି କରିଥାଏ।

କିପରି ବ୍ୟବହାର କରିବେ :୨-୨ ଚାମଚ ନଡ଼ିଆ ତେଲ ଏବଂ ଆଲୋବେରା ଜେଲ୍ ମିଶାନ୍ତୁ। ଏହାକୁ ଚର୍ମରେ ଲଗାଇ ରାତିସାରା ଛାଡିଦିଅନ୍ତୁ। ସକାଳେ ଧୋଇଦିଅନ୍ତୁ।

ଚର୍ମ ଉପରେ ନଡ଼ିଆ ତେଲର ପ୍ରଭାବ:

ଶୀତଦିନେ ଶୁଖିଲା ଚର୍ମ ଏବଂ ଫଟା ଗୋଇଠି ସମସ୍ୟାକୁ ହ୍ରାସ କରିବା ପାଇଁ ନଡିଆ ତେଲ ବ୍ୟବହାର କରିପାରିବେ। ଏହା କଠିନ ଚର୍ମକୁ କୋମଳ କରିଥାଏ ଏବଂ ଚର୍ମକୁ ସୁସ୍ଥ ରଖେ। ନଡ଼ିଆ ତେଲ ଚର୍ମରେ ପ୍ରଦାହକୁ ମଧ୍ୟ ହ୍ରାସ କରିଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅତିଥିସମ୍ଭାର...

ଚଳିତବର୍ଷ ରାଜ୍ୟରେ ଶୀତଋତୁ ଆରମ୍ଭ ହେଲା ବେଳକୁ ନଭେମ୍ବର ତୃତୀୟ ସପ୍ତାହ। ଶୀତଋତୁ ପ୍ରାରମ୍ଭରୁ ଯେତେବେଳେ ଦିନ କମି କମିଆସେ, ସେବେ ସାଧାରଣତଃ ଉତ୍ତର ଗୋଲାର୍ଦ୍ଧର ଉପରି ଭାଗରେ ଅତ୍ୟଧିକ ଶୀତର ପ୍ରାବଲ୍ୟରୁ ରକ୍ଷା ପାଇବା ପାଇଁ ଗୋଲାର୍ଦ୍ଧର ନିମ୍ନଭାଗକୁ ଉଡ଼ି ଆସିବା ପାଇଁ ପକ୍ଷୀମାନଙ୍କର ଆଗ୍ରହ ଜନ୍ମିଥାଏ। ନିୟମିତ ଭାବେ ଚଳିତବର୍ଷ ମଧ୍ୟ କିଛି ଦିଗନ୍ତବିସ୍ତାରୀ ନୀଳ ଜଳରାଶିକୁ ଆସିବାକୁ ଆରମ୍ଭ କରିଥିଲେ ଦେଶ, ବିଦେଶର ଅତିଥି ପକ୍ଷୀ। ପ୍ରତିବର୍ଷ ନିର୍ଦ୍ଦିଷ୍ଟ ସମୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଆସୁଥିବା ପକ୍ଷୀମାନଙ୍କୁ କୁହାଯାଏ ବ୍ରାଜକ ପକ୍ଷୀ ବା ଯାଯାବର ପକ୍ଷୀ। କିନ୍ତୁ ସତରେ କ'ଣ ସେମାନେ ଯାଯାବର? ଲକ୍ଷ୍ୟହୀନ ଭାବରେ ପ୍ରତି ବୁଲନ୍ତି? ବାସ୍ତବିକ ତାହା ନୁହେଁ। ଦେଶାନ୍ତର ଭ୍ରମଣରେ ପକ୍ଷୀମାନେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ନିୟମିତ ଯାତ୍ରା କରିଥା'ନ୍ତି। ମୁଖ୍ୟତଃ ଖାଦ୍ୟ, ସୁରକ୍ଷିତ ବାସସ୍ଥଳୀ ଏବଂ ଶୀତରୁ ରକ୍ଷା ପାଇବା ପାଇଁ ଏହି ଯାତ୍ରା। ପୁନର୍ବାର ଋତୁ ପରିବର୍ତ୍ତନ ଘଟିଲେ ଅର୍ଥାତ ଗ୍ରୀଷ୍ମ ପ୍ରାରମ୍ଭରେ ଦିନରେ ଦୈର୍ଘ୍ୟ ବଢ଼ିଲେ, ସେମନେ ପୂର୍ବ ସ୍ଥାନକୁ ଫେରିଯିବାକୁ ବ୍ୟାକୁଳ ହୁଅନ୍ତି। ଅକ୍ଟୋବର ମାସ ପରଠାରୁ ଚିଲିକା ହ୍ରଦକୁ ଦେଶ ବିଦେଶରୁ ଆସିଥିବା ବ୍ରାଜକ ପକ୍ଷୀଙ୍କର ସଂଖ୍ୟା ଅବିରତ ବଢ଼ି ଚାଲିଛି। ଗତ ନଭେମ୍ବର ମାସ ୩୦ ତାରିଖ ଓ ଡିସେମ୍ବର ୧ ତାରିଖରେ ତାମିଲନାଡୁ ଉପକୂଳ ସନ୍ନିକଟ ପୁଡୁଚେରୀରେ ସ୍ଥଳ ଭାଗ ସ୍ପର୍ଶ କରିଥିବା ଘୂର୍ଣ୍ଣିବାତ୍ୟା 'ଫେଙ୍ଗାଲ' କାରଣରୁ ପକ୍ଷୀ ପରିବ୍ରଜନ ବାଧାପ୍ରାପ୍ତ ହୋଇଥିଲା। ବାତ୍ୟାର ପ୍ରକୋପ ପ୍ରଶମିତ ହେବା ପରେ ପୁନର୍ବାର ଅତିଥିପକ୍ଷୀଙ୍କର ଆଗମନ ସଂଖ୍ୟା ବଢ଼ିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ଆପେକ୍ଷିକ ଆକଳନ ଅନୁଯାୟୀ, ପ୍ରାୟ ୯୦ ପ୍ରଜାତିର ୫ ଲକ୍ଷରୁ ଊର୍ଦ୍ଧ୍ୱ ବ୍ରାଜକ ପକ୍ଷୀଙ୍କର କଳରବରେ ଗୁଞ୍ଜରିତ ହେଲାଣି ଚିଲିକାର ଜଳରାଶି। ଚିଲିକା ଭିତରେ ଥିବା ପକ୍ଷୀ ଅଭୟାରଣ୍ୟ ନଳବଣ, ନଳଘାସ ଥିବା ନାଳୀ ତଥା ଉପକୂଳରେ ଥିବା ମଙ୍ଗଳାଯୋଡ଼ି, ଭୁଷଣ୍ଡପୁର, କାଳୁପଡ଼ା ଓ ସୋରଣ ଆଦି ଗାଁ ନିକଟସ୍ଥ ଚିଲିକା ଜଳରାଶିରେ ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କର ସମାବେଶରେ ସଜେଇ ହେଲାଣି ଲାସ୍ୟମୟୀ ଚିଲିକା। ଗତବର୍ଷ (୨୦୨୩) ପକ୍ଷୀ ଗଣନା ପରିସଂଖ୍ୟାନ ଅନୁଯାୟୀ ଚିଲିକାକୁ ଆସିଥିଲେ ପ୍ରାୟ ୧୦୮ ପ୍ରଜାତିର ପାଖାପାଖି ୧୧ ଲକ୍ଷ ବ୍ରାଜକ ପକ୍ଷୀ। ସେମାନଙ୍କ ମଧ୍ୟରେ ଥିଲେ ୯୭ ପ୍ରଜାତିର ବିଦେଶୀ ପକ୍ଷୀ ଏବଂ ସେମାନଙ୍କ ସଂଖ୍ୟା ୧୦ ଲକ୍ଷ ଟପିଯାଇପାରେ। ଏ ପର୍ଯ୍ୟନ୍ତ ଆସିଥିବା ବ୍ରାଜକ ପକ୍ଷୀମାନଙ୍କ ମଧ୍ୟରେ ସର୍ବାଧିକ ହେଉଛନ୍ତି 'ପାଣିକୁଆ', ପିନ୍‌ଟେଲ୍ ଏବଂ ୟୁରୋପ ଓ ଏସିଆରୁ ଆସିଥିବା ୱିଜ୍‌ଡେନ୍ ପକ୍ଷୀ। ପକ୍ଷୀମାନଙ୍କର ଏହି ବାର୍ଷିକ ବିଦେଶ ପରିଭ୍ରମଣ ବା ପରିବ୍ରାଜନ କେବେଠାରୁ ଆରମ୍ଭ ହୋଇଛି ସେ ବିଷୟରେ କୌଣସି ସଠିକ ତଥ୍ୟ ନାହିଁ। କୁହାଯାଏ ଏହା ସେମାନଙ୍କର ସହଜାତ ପ୍ରବୃତ୍ତି। ହିମଯୁଗର ପ୍ରାରମ୍ଭରୁ ଏହି ପ୍ରବୃତ୍ତି ସେମାନଙ୍କଠାରେ ସୃଷ୍ଟି ହୋଇଥିବାର ଅନୁମାନ କରାଯାଏ। ଅଳ୍ପ କେତେକ କ୍ଷେତ୍ରରେ ପ୍ରଜନନ କ୍ରିୟା ପାଇଁ ମଧ୍ୟ ଏହି ସମୟକୁ କେତେକ ପ୍ରଜାତିର ପକ୍ଷୀ ବ୍ୟବହାର କରିଥା'ନ୍ତି। ଦିବାଲୋକର ସମୟ ସୀମା ବୃଦ୍ଧି ଓ ହ୍ରାସ ଫଳରେ, ପକ୍ଷୀମାନଙ୍କର ଶାରୀରିକ ଗ୍ରନ୍ଥିରେ ଥିବା ହରମୋନ୍‌ର ପରିବର୍ତ୍ତନ ଘଟେ ଏବଂ ସେମାନେ ଦୂରକୁ ଉଡ଼ିଯିବାକୁ ଅସ୍ଥିର ହୁଅନ୍ତି। ଏହି ସମୟ ଉପନୀତ ହେବା ପୂର୍ବରୁ ପକ୍ଷୀମାନେ ପେଟୁ ଭଳି ଖାଆନ୍ତି। ଫଳରେ ଶରୀର ଓଜନର ଅଧା ଅଧି ଚର୍ବି ଜମା ହୋଇଯାଏ। ଅତି ଦୂରକୁ ପରିଭ୍ରମଣରେ ଯାଉଥିବା ପକ୍ଷୀମାନେ ଦେହରେ ଜମିଥିବା ଚର୍ବିକୁ ଇନ୍ଧନ ଭଳି ବ୍ୟବହାର କରି ଘଣ୍ଟା ଘଣ୍ଟା ଧରି ଉଡ଼ିପାରନ୍ତି। ଏକାଦିକ୍ରମେ ଏକ ହଜାର ମାଇଲ ପଥ ଅତିକ୍ରମ କରିପାରନ୍ତି। କିନ୍ତୁ ପାଗ ଭଲ ହେଲେ ବା ସୂର୍ଯ୍ୟ ଦେଖାଗଲେ ପକ୍ଷୀମାନେ ନିଜ ନିଜର ଗତିପଥକୁ ସଜାଡ଼ି ନେଇଥା'ନ୍ତି। ଅନେକ ବୈଜ୍ଞାନିକଙ୍କର ମତ, ପକ୍ଷୀମାନଙ୍କର ଏହି ଅଦ୍ଭୁତ ଇନ୍ଦ୍ରିୟ ଶକ୍ତି ଏକ ଅନ୍ତର୍ନିହିତ ଜୈବିକ ଘଡ଼ି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଅଧିକାଂଶ ଛୋଟ ଛୋଟ ପକ୍ଷୀ ଶତ୍ରୁ ତଥା ଭକ୍ଷକ ପକ୍ଷୀମାନଙ୍କର କବଳରୁ ରକ୍ଷା ପାଇବା ପାଇଁ ରାତ୍ରି ସମୟରେ ଯାତ୍ରା କରିଥା'ନ୍ତି। ଅଥବା ଦଳବଦ୍ଧ ହୋଇ ଯାତ୍ରା କରନ୍ତି। ରାତିରେ ଏମାନେ ଆକାଶର ତାରା, ଗ୍ରହ ଓ ନକ୍ଷତ୍ରଙ୍କୁ ଦେଖି ଗତିପଥ ନିର୍ଣ୍ଣୟ କରିଥା'ନ୍ତି। ଛୋଟ ଛୋଟ ପକ୍ଷୀମାନଙ୍କର ଯାତ୍ରାକାଳୀନ ବେଗ ପ୍ରାୟ ଘଣ୍ଟାକୁ ୩୦ କିଲୋମିଟର। ଦୈନିକ ହାରାହାରି ଆଠଘଣ୍ଟା ଯାତ୍ରା ହିସାବରେ ସେମାନେ ଦିନକୁ ପ୍ରାୟ ୨୫୦ କିମି ପଥ ଅତିକ୍ରମ କରିପାରନ୍ତି। ବଡ଼ ପକ୍ଷୀମାନେ ଘଣ୍ଟାକୁ ୮୦ କିମି ବେଗରେ ଯାତ୍ରା କରିଥା'ନ୍ତି। ସମୁଦ୍ର ପାର ହେଲାବେଳେ ବାଧ୍ୟ ହୋଇ ସେମାନଙ୍କୁ ଅଧିକ ସମୟଧରି ଏକାଦକ୍ରମେ ଉଡ଼ିବାକୁ ପଡ଼ିଥାଏ। ବିଦେଶାଗତ ପକ୍ଷୀମାନଙ୍କ ଭିତରେ ମେରୁ ଅଞ୍ଚଳ ଓ ଆଇଲ୍ୟାଣ୍ଡରୁ ଉଡ଼ି ଆସିଥିବା 'ଗଡ଼ୱାଲ' ପକ୍ଷୀ ଅନ୍ୟତମ। ଏହି ପକ୍ଷୀ ଚିଲିକାରେ ଅଣ୍ଡା ଦିଅନ୍ତି। ଅଣ୍ଡା ଫୁଟି ଛୁଆ ସାମାନ୍ୟ ବଡ଼ ହୋଇଗଲେ ଛୁଆ ସହ ସେମାନେ ମେ'ମାସ ବେଳକୁ ନିଜ ସ୍ଥାନକୁ ଫେରିଯା'ନ୍ତି। ସ୍ଥାନୀୟ ଲୋକେ ଏମାନଙ୍କୁ 'ମାଟିଆ ଗେଣ୍ଡି' କୁହନ୍ତି। ସେହିପରି ଲଣ୍ଡନର 'ଟେମ୍‌ସ' ନଦୀ କୂଳରୁ ଚିଲିକାକୁ ଉଡ଼ିଆସନ୍ତି 'ନଦର୍ଣ୍ଣ ସୋଭଲର'। ଓଡ଼ିଆରେ ଏମାନଙ୍କୁ କୁହନ୍ତି 'ଚଟୁଆ ଗେଣ୍ଡି'। ଚିଲିକାରେ ଦେଖାଯାଉଥିବା ବ୍ରାଜକ ପକ୍ଷୀମାନଙ୍କ ଭିତରେ 'ଏରା' ପକ୍ଷୀ ସବୁଠାରୁ ସୁନ୍ଦର ଓ ରଙ୍ଗବେରଙ୍ଗର ହୋଇଥିବାରୁ ବେଶ୍ ଆକର୍ଷଣୀୟ। ଏମାନେ ଗୁଜୁରାଟର 'ରନ୍ ଅଫ୍ କଚ୍ଛ'ରୁ ଆସିଥା'ନ୍ତି। ପ୍ରାୟତଃ ଆକ୍ଟୋବର ମାସରୁ ଆସି ମେ' ମାସ ବେଳକୁ ଅଣ୍ଡା ଦେଇ ନିଜର ପୂର୍ବ ସ୍ଥାନକୁ ଫେରିଯା'ନ୍ତି। ଏବେ କିଛି ବର୍ଷ ହେଲା ସେମାନେ ଆଉ ନିଜ ସ୍ଥାନକୁ ଫେରୁ ନାହାନ୍ତି। ଚିଲିକାର ସ୍ଥାୟୀବାସିନ୍ଦା ହୋଇ ରହିଗଲେଣି।

# ବିକଶିତ ଓଡ଼ିଶା : ଅନେକ ଆଶା, ଭରସା



## ନାରାୟଣ ଚନ୍ଦ୍ର ବିଶ୍ୱାଳ

**ମନରେଗା ଭଳି ବ୍ୟୟବହୁଳ ଯୋଜନା ମାଧ୍ୟମରେ ଆମେ ସ୍ଥାୟୀ ଭିତ୍ତିଭୂମି ପ୍ରସ୍ତୁତ କରିପାରନ୍ତେ। କେନ୍ଦ୍ର ସହଯୋଗ ରାଶି ସହ ରାଜ୍ୟ ସରକାରଙ୍କ ଅର୍ଥ ମିଶେଇ ସ୍ଥାୟୀ ସଂପତ୍ତି, ଯଥା ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ କୋଠରି ଇତ୍ୟାଦି ତିଆରି କରାଯାଉନାହିଁ କାହିଁକି? ପ୍ରତି ଗ୍ରାମରେ ଦୁଇଟି ବା ତିନଟି ଜଳାଶୟ ନିର୍ମାଣ କରି ସେଥିରେ ମାଛ ଚାଷ କରାଯାଉନାହିଁ କାହିଁକି? ପଞ୍ଚାୟତ ସ୍ତରରେ ଏ କାମ ଅନାୟାସରେ ହୋଇପାରନ୍ତା।**

ଓଡ଼ିଶାବାସୀ ଦୁଦୀର୍ଘ ଚବିଶ ବର୍ଷର ପୁରୁଣା ସରକାରଙ୍କୁ ବଦଳାଇ ପରିବର୍ତ୍ତନର ମୂଳମନ୍ତ୍ର ସ୍ୱରୂପ ନୂଆ ସରକାରଙ୍କୁ ଆଣିଛନ୍ତି। ଏମିତିରେ ଯେ ବିଗତ ସରକାର କିଛି କରିନଥିଲେ ତାହା ନୁହେଁ ଅନେକ କିଛି ବିକଶିତ କାର୍ଯ୍ୟକ୍ରମର ମୂଳଦୁଆ ଗତ ସରକାର ସମୟରେ ପଡ଼ିଥିଲା। ତେବେ ଏ ସବୁ ସତ୍ତ୍ୱେ ଓଡ଼ିଶା ଆଜି ବି ପୂର୍ଣ୍ଣାଙ୍ଗ ଭାବେ ବିକଶିତ ହୋଇପାରିନାହିଁ। ଏହି ପ୍ରସଙ୍ଗକୁ ନେଇ ଅନେକଙ୍କ ଭିତରେ ତର୍କବିତର୍କ ଓ ଆଲୋଚନା ପର୍ଯ୍ୟାଲୋଚନା କେବଳ ଯାହା ହୁଏ। ସମସ୍ତେ ଜାଣନ୍ତି ଯେ ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ, ଏଠି ବର୍ଷାର ଅଭାବ ନାହିଁ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏଇ ପ୍ରଦେଶରେ ଖଣିଜ ସଂପଦ ଅପର୍ଯ୍ୟାପ୍ତ ଏବଂ ଉପକୂଳବର୍ତ୍ତୀ ରାଜ୍ୟ ଭାବେ ସମୁଦ୍ର ତଟ ପ୍ରାୟ ୪୮୫ କିଲୋମିଟର ଦୀର୍ଘ। ଏ ସବୁର ସଦୁପଯୋଗ ଦ୍ୱାରା ଆମ ରାଜ୍ୟବାସୀଙ୍କ ଭାଗ୍ୟ ପରିବର୍ତ୍ତନ ସମ୍ଭବ।

ପ୍ରଥମତଃ ଆମର ଉଦବେଗର ଗୋଟିଏ ପ୍ରଧାନ କାରଣ ହେଉଛି କୃଷିର ଅବନତି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବେ ଅନେକ ଥର କେନ୍ଦ୍ର ସରକାରଙ୍କ ଠାରୁ ପୁରସ୍କୃତ ମଧ୍ୟ ହୋଇଛି। ବର୍ତ୍ତମାନର ବଜାରର ଚଢ଼ା ଦରଦାମ ଓ ନିଅଣ୍ଟିଆ ପରିସ୍ଥିତିକୁ ଦେଖିଲେ କୃଷି ପ୍ରଧାନ ରାଜ୍ୟର ଏହି ଅବନତି ନିଶ୍ଚିନ୍ତ ଭାବେ ଦୁଃଖଦ। ନୂଆ ପିଢ଼ିର ଯୁବକ, କାର୍ଯ୍ୟକ୍ଷମ ଲୋକେ ଗାଁ ଛାଡ଼ି ସହରକୁ ଆସିବା ପାଇଁ ବ୍ୟଗ୍ର, ଚାଷ ପ୍ରତି ବିମୁଖ। କୃଷିକୁ ଅର୍ଥ ଉପାର୍ଜନର ଏକ ମୁଖ୍ୟ ଉତ୍ସରେ ପରିଣତ କରିବା ପାଇଁ ଆର୍ଥିକ ବ୍ୟବସ୍ଥାର ଆବଶ୍ୟକତା ଅଛି, ସେଥିପ୍ରତି ସରକାର ଦୃଷ୍ଟି ଦେବା ଅନିବାର୍ଯ୍ୟ। ଚାଷୀମାନଙ୍କୁ ଉଚିତ ମୂଲ୍ୟ ମିଳିବା ପାଇଁ ଆବଶ୍ୟକ ଆନୁଷ୍ଠାନିକ ସମର୍ଥନ ସରକାରଙ୍କର ଦାୟିତ୍ୱ। ଏହା ସମସ୍ତଙ୍କୁ ଜଣା ଯେ ଯେଉଁ ପନିପରିବା, ଫଳମୂଳ ଆମେ କିଲୋ ଚାଳିଶ ବା ପଚାଶ ଟଙ୍କାରେ କିଣୁ, ସେଥିରୁ ଦଶ ପ୍ରତିଶତ ଚାଷୀକୁ ମିଳେ। ସେଇଭଳି ଚାଉଳ, ଡାଲି ଇତ୍ୟାଦି ଶସ୍ୟରେ ଅଧାରୁ ବେଶୀ ଟଙ୍କା ମଧ୍ୟସ୍ଥି ଓ ମୁନାଫାଖୋରମାନେ ଲୁଟି ନିଅନ୍ତି। କୃଷି ସହିତ ହସ୍ତତନ୍ତ, ଗ୍ରାମୀଣ କ୍ଷୁଦ୍ରଶିଳ୍ପ ମଧ ଏଇ ଆର୍ଥିକ ଅବ୍ୟବସ୍ଥାର ଶିକାର। ପ୍ରତି ଜିଲ୍ଲାରେ ଶୀତଳ ଭଣ୍ଡାର ଖୋଲିବା ପାଇଁ ଏବଂ ଫଳ ବା ଦୁର୍ଲଭ ଔଷଧୀୟ ଚେରମୂଳକୁ କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ଦେଶ ବିଦେଶକୁ ରପ୍ତାନୀ କରିବା ପାଇଁ ସରକାର ପଦକ୍ଷେପ ନେଲେ କୃଷିରୁ ରୋଜଗାରର ରାସ୍ତା ସୁଲଭ ହୁଅନ୍ତା, କୃଷି ପ୍ରତି ଆକର୍ଷଣ ବଢ଼ନ୍ତା।

ଦ୍ୱିତୀୟ କଥାଟି ହେଉଛି ଦୀର୍ଘ ସମୁଦ୍ର ତଟ ସତ୍ତ୍ୱେ ସାମୁଦ୍ରିକ ସଂପଦ ଯଥା ମାଛ, ଚିଙ୍ଗୁଡ଼ି ଇତ୍ୟାଦିରେ ଉଦ୍ୟୋଗୀକରଣ ପାଇଁ ସରକାର କିଛି ଦର୍ଶନୀୟ ପଦକ୍ଷେପ ନେଇନାହାନ୍ତି। ସରକାରୀ ଉଦ୍ୟମରେ ବା କଡ଼ା ନିରୀକ୍ଷଣରେ ଘରୋଇ ବ୍ୟବସାୟୀଙ୍କ ମାଧ୍ୟମରେ ମାଛ ଓ ଚିଙ୍ଗୁଡ଼ି ରପ୍ତାନି କରାଗଲେ ଆମ ସମୁଦ୍ର ତଟ ଅଜସ୍ର ଅର୍ଥଲାଭର ଉତ୍ସ ହୋଇପାରନ୍ତା। ଆମେ ଏ ନେଇ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରନ୍ତେ ନାହିଁ। ତୃତୀୟ କଥା ଆମର ଅପାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଘଞ୍ଚ ଜଙ୍ଗଲ, ସୁନ୍ଦର ଜଳପ୍ରପାତ, ସବୁଜିମା ଆଚ୍ଛାଦିତ ପାହାଡ଼, ବିସ୍ତୃତ ସମୁଦ୍ର କୂଳ କଅଣ ନାହିଁ ଓଡ଼ିଶାରେ? ଯାହା ନାହିଁ, ତାହା ହେଉଛି ପର୍ଯ୍ୟଟକ ମାନଙ୍କ ପାଇଁ ସୁଲଭ ଦରରେ, ସୁନ୍ଦର ପରିଷ୍କାର ପରିଚ୍ଛନ୍ନ ରହିବା ଓ ଖାଦ୍ୟପେୟର ବ୍ୟବସ୍ଥା। ନିକଟସ୍ଥ ଦର୍ଶନୀୟ ସ୍ଥଳଗୁଡ଼ିକ ବିକଶିତ ହେଲେ ସ୍ଥାନୀୟ ଅଞ୍ଚଳରେ ରୋଜଗାର ବଢ଼ିବା ସହ ପ୍ରାକୃତିକ ସମ୍ପଦ ଓ ହାତ ତିଆରି ଦ୍ରବ୍ୟର ସୁଦୂର ପ୍ରସାରୀ ଚାହିଦା ବାହାରକୁ ଯାଇପାରନ୍ତା।

ଚତୁର୍ଥ କଥା ଆମର ପ୍ରଚୁର ଖଣିଜ ସଂପଦ। ଏ କଥା ସମସ୍ତେ ଜାଣନ୍ତି ଓଡ଼ିଶାର ଖଣିଜ ସଂପଦର ଠିକ ଭାବରେ ବିନିଯୋଗ କରାଗଲେ ଆମ ପ୍ରଦେଶ ସ୍ୱର୍ଣ୍ଣମୟ ହୁଅନ୍ତା। ତେଣୁ ଏଇ ଅମୂଲ୍ୟ ସଂପଦକୁ ରାଜ୍ୟବାସୀଙ୍କ ପାଇଁ ସଦୁପଯୋଗ କରାଯାଉ। ଖଣିଜ ସଂପତ୍ତିର ଭୂମିକା ଅତୁଳନୀୟ। ପଞ୍ଚମ କଥା ଆମେ ପଡ଼ୋଶୀ ରାଜ୍ୟମାନଙ୍କ ସହିତ ନଦୀ ଜଳ ପାଇଁ ଦୀର୍ଘ କାଳ ଧରି ବିବାଦରେ ଅଛେ। କିନ୍ତୁ ଆମ ରାଜ୍ୟ ଭିତରେ ଥିବା ନଦୀ ମାନଙ୍କ ଜଳର ଆମେ ସଦୁପଯୋଗ କରିଛନ୍ତି କି? ଆମର ଖରସ୍ରୋତା ନଦୀ ମାନଙ୍କରେ ନୂଆ ବନ୍ଧ ବାନ୍ଧି ଜଳସେଚନ ଓ ବିଦ୍ୟୁତ ଉତ୍ପାଦନକୁ ପ୍ରସାରିତ କରିଛନ୍ତି କି? ନୂଆ ସରକାର ଏ ବିଷୟରେ ଚିନ୍ତା କରିବା ଉଚିତ। ଷଷ୍ଠ କଥା ତୃଣମୂଳ କ୍ଷେତ୍ରରେ ବିକାଶ ଉପରେ ଦୃଷ୍ଟି ଦିଆଯାଉ। ମନରେଗା ଭଳି ବ୍ୟୟବହୁଳ ଯୋଜନା ମାଧ୍ୟମରେ ଆମେ ସ୍ଥାୟୀ ଭିତ୍ତିଭୂମି ପ୍ରସ୍ତୁତ କରିପାରନ୍ତେ। କେନ୍ଦ୍ରର ସହଯୋଗ ରାଶି ସହ ରାଜ୍ୟ ସରକାରଙ୍କ ଅର୍ଥ ମିଶେଇ ସ୍ଥାୟୀ ସଂପତ୍ତି, ଯଥା ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ କୋଠରି ଇତ୍ୟାଦି ତିଆରି କରାଯାଉନାହିଁ କାହିଁକି? ପ୍ରତି ଗ୍ରାମରେ ଦୁଇଟି ବା ତିନଟି ଜଳାଶୟ ନିର୍ମାଣ କରି ସେଥିରେ ମାଛ ଚାଷ କରାଯାଉନାହିଁ କାହିଁକି? ପଞ୍ଚାୟତ ସ୍ତରରେ ଏ କାମ ଅନାୟାସରେ ହୋଇପାରନ୍ତା। ସପ୍ତାହରେ ସ୍କୁଲ ଛାତ୍ରଙ୍କ ପାଇଁ ଗୋଟିଏ ବଗିଚା ପିରିଅଡ଼ ରଖିବା ପ୍ରତି ଦିନ ମଧ୍ୟାହ୍ନ ଭୋଜନ ପରେ ଗଛମୂଳରେ ବା ପରିବାର କିଆରିରେ ହାତ ଧୋଇବା ଏ ସବୁ ଶିକ୍ଷା ଦେଲେ ଛାତ୍ରଛାତ୍ରୀମାନେ ସ୍ୱାବଲମ୍ବନଶୀଳତା ଓ ଉଚିତ ପରିଶ୍ରମର ମୂଲ୍ୟ ବିଷୟରେ ହୃଦୟଙ୍ଗମ କରନ୍ତେ।

ସପ୍ତମ କଥା ଶିକ୍ଷା ବିଷୟ। ଏ ସଂଦର୍ଭରେ ଭବିଷ୍ୟତ ଗଠନରେ ଶିକ୍ଷକମାନଙ୍କ ଭୂମିକା କଥା ମନକୁ ଆସେ। ଛାତ୍ରଙ୍କ ପାଠ ଓ ଚରିତ୍ର ଗଠନ ଉପରେ ଧ୍ୟାନ ଦେବା ପାଇଁ ଶିକ୍ଷକମାନଙ୍କୁ ଉଚିତ ପ୍ରୋତ୍ସାହନ ଦରକାର। ଯେଉଁ ସରକାରୀ ସ୍କୁଲର ଛାତ୍ରଛାତ୍ରୀମାନେ ବିଭିନ୍ନ ଉଚ୍ଚ ବୈଷୟିକ ଶିକ୍ଷା ଲାଗି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଉଛନ୍ତି, ସେ ସ୍କୁଲର ସଂପୃକ୍ତ ଶିକ୍ଷକମାନଙ୍କୁ ଆର୍ଥିକ ପୁରସ୍କାର ମାଧ୍ୟମରେ ସମ୍ମାନିତ କରିବା ଉଚିତ। ପ୍ରତି ଜିଲ୍ଲା ମୁଖ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ବୃତ୍ତି ବିଷୟରେ, ଉଚ୍ଚ ଶିକ୍ଷାର ସୁଯୋଗ ବା ପ୍ରତିଦ୍ୱନ୍ଦ୍ୱୀତାମୂଳକ ପରୀକ୍ଷା ସମ୍ବନ୍ଧରେ ବର୍ଷକୁ ଥରେ ବା ଦୁଇଥର ବିଶେଷ ଶିବିର ଆୟୋଜନ କରାଯିବା ଉଚିତ। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଏ କ୍ଷେତ୍ରରେ ସାମିଲ କରିବା ବାଞ୍ଛନୀୟ।

ଅଷ୍ଟମ କଥା ଗୁଣାତ୍ମକ ଶିକ୍ଷା ଭଳି, ସୁଲଭ ସ୍ୱାସ୍ଥ୍ୟ ସେବା ଯୋଗାଇବା ସରକାରଙ୍କର ମୌଳିକ ଦାୟିତ୍ୱ। ଘରୋଇ ହସ୍ପିଟାଲ ମାନଙ୍କ ହାତରେ ଓଡ଼ିଶାର ଜନତାଙ୍କ ଭାଗ୍ୟ ସମର୍ପି ଦେବା ନିତାନ୍ତ ଅନୁଚିତ। ସରକାରୀ ହସ୍ପିଟାଲ ଓ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ। ଉପଯୁକ୍ତ ଅସ୍ତ୍ରୋପଚାର, ଔଷଧ ଯୋଗାଣ ଓ ସର୍ବୋପରି ଡାକ୍ତର ଓ ଅନ୍ୟାନ୍ୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହି କାର୍ଯ୍ୟ ପାଳନ କରେଇବାରେ ଦାୟିତ୍ୱ ସରକାରଙ୍କର। ଭାରତୀୟ ମେଡ଼ିକାଲ କାଉନସିଲର ତଥ୍ୟ ଅନୁସାରେ ଓଡ଼ିଶାରେ ୧୨୮୮ ଗ୍ରାମୀଣ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୮୭ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଛି। ସରକାରୀ ମେଡ଼ିକାଲ କଲେଜରେ ୧୫୫୦ ଏମବିବିଏସ ଓ ୫୬୪ ପୋଷ୍ଟ ଗ୍ରାଜୁଏଟ ସିଟ ଅଛି। ଯେହେତୁ ସରକାରୀ ମେଡ଼ିକାଲ କଲେଜ ଚଳେଇବାର ନବେ ପ୍ରତିଶତରୁ ଉର୍ଦ୍ଧ୍ୱ ଖର୍ଚ୍ଚ ସରକାର ବହନ କରନ୍ତି, ଏଥିରେ ଶିକ୍ଷା ପାଉଥିବା ଛାତ୍ରଛାତ୍ରୀମାନଙ୍କୁ ଘରୋଇ ମେଡ଼ିକାଲ କଲେଜ ତୁଳନାରେ ବହୁତ କମ ଖର୍ଚ୍ଚ କରିବାକୁ ପଡ଼େ। ଏମବିବିଏସ ବା ପିଜି ସରିବା ପରେ ଡାକ୍ତରମାନଙ୍କୁ ଅତି କମରେ ଗୋଟିଏ ବର୍ଷ ବାଧ୍ୟତାମୂଳକ ଭାବେ ଗ୍ରାମୀଣ ଓ ସହର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ସେବା କରିବାର ଦାୟିତ୍ୱ ଦିଆଯିବା ଦରକାର। ଏପରିକି ହାଉସମ୍ୟାନସିପ ସମୟରେ କିଛି ମାସ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟ୍ରେନିଂ ନେବାର ଓ ସେଇ ମାଧ୍ୟମରେ ଜନତାଙ୍କ ସେବା କରିବାର ସୁଯୋଗ ଦିଆଯିବା ଉଚିତ। ଯୁବାବସ୍ଥାରେ ଏ କାମ କରିବା ସହଜ। ଦରକାର ହେଲେ ଏଥି ଲାଗି ସଂପୃକ୍ତ ଆଇନରେ ପରିବର୍ତ୍ତନ କରାଯିବା ଉପରେ ଧ୍ୟାନ ଦେବା ଜରୁରୀ।

ବିଭିନ୍ନ କ୍ଷେତ୍ରରେ ନୂଆ ସରକାର ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଭଲ କାମ କରିପାରିବେ। ଏ ସବୁ କାମକୁ ଠିକ ଭାବରେ ତଦାରଖ କରିବା ପାଇଁ ସରକାର ପ୍ରତି ଜିଲ୍ଲା ପାଇଁ ନୋଡାଲ ଅଫିସର ନିଯୁକ୍ତ କରିପାରିବେ। ଏଇ ଅଫିସରମାନେ ତୃଣମୂଳ ସ୍ତରରେ ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ଅନୁଧ୍ୟାନ ଓ ତର୍ଜମା କରିବେ। ବିଭିନ୍ନ ବିଭାଗର ଅଧିକାରୀମାନେ ଠିକ ଭାବରେ କାମ କରୁଛନ୍ତି କି ନାହିଁ ସେ ବିଷୟରେ ନୋଡାଲ ଅଫିସରମାନେ ସରକାରଙ୍କୁ ରିପୋର୍ଟ ଦେବେ। ଜନତା ଓ ଜନପ୍ରତିନିଧିମାନଙ୍କ ସହିତ ଆଲୋଚନା କରି ସେମାନଙ୍କ ମତାମତ ପ୍ରତି ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବେ। କେବଳ ପ୍ରଶାସନ ବା ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ ଏ ନେଇ ଆମ ସମସ୍ତଙ୍କର ମଧ୍ୟ ଉତ୍ତରଦାୟିତ୍ୱ ରହିଛି। ଜଣେ ସୁନାଗରିକ ଭାବେ ଆମ ସମାଜର, ଆମ ଦେଶର ସର୍ବାଙ୍ଗୀନ ମଙ୍ଗଳ ନିମିତ୍ତ ଆମ ମାନଙ୍କର ଦାୟିତ୍ୱବୋଧକୁ ନିଷ୍ଠାପର ଭାବେ ପାଳନ କରିବା ଦ୍ୱାରା ବିକଶିତ ଓଡ଼ିଶା ସମ୍ଭବ।

କଟିକଟା, ମଙ୍ଗଳପୁର, ଯାଜପୁର

# ମାନବ ମାନବର ବନ୍ଧୁ



## ମୋହନ ଚରଣ ବିଷି

**ମାନବାଧିକାର ବିଭିନ୍ନ ସ୍ୱାଧୀନତାର ସମଷ୍ଟି। ଯେମିତି ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଦେଶ, ମାନବର ଜନ୍ମ ସ୍ଥାନର ଭେଦଭାବ ରୁ ସ୍ୱାଧୀନତା। ଚିନ୍ତାଧାରା, ମତବ୍ୟକ୍ତ କରିବାର ସ୍ୱାଧିନତା। ନିଷ୍ପତ୍ତି ନେବା ଓ ସଂଘ ଗଠନର ସ୍ୱାଧୀନତା। ଅନ୍ତର୍ନିହିତ ଗୁଣର ବିକାଶର ସ୍ୱାଧୀନତା। ଦାରିଦ୍ର୍ୟ, ଅତ୍ୟାଚାର, ମନମୁଖୀ ଗିରଫଦାରୀ, ହିଂସାତ୍ମକ ବ୍ୟବହାରରୁ ସ୍ୱାଧୀନତା। ଅନ୍ୟାୟ, ଆଇନର ଅପବ୍ୟବହାର, ଅତ୍ୟାଚାର ବିରୁଦ୍ଧରେ ସ୍ୱାଧୀନତା।**

ସମାଜରେ ସଭ୍ୟ, ମର୍ଯ୍ୟାଦାଜନକ ଓ ବିକଶିତ ଜୀବନ ଯାପନ ପାଇଁ ମାନବାଧିକାର ଆବଶ୍ୟକ ହୋଇଥାଏ। ମଣିଷ ତାର ପ୍ରଗତି ନିମନ୍ତେ ତାର ଜୀବନ, ସ୍ୱାଧୀନତା ଓ ମର୍ଯ୍ୟାଦାର ସୁରକ୍ଷାକୁ ମାନବାଧିକାର କୁହାଯାଏ। ମାନବାଧିକାର ପ୍ରାକୃତିକ, ସ୍ୱତନ୍ତ୍ର ଓ ସ୍ୱାଭାବିକ ଅଟେ। ରାଷ୍ଟ୍ର ଦେବା ନ ଦେବା ପୂର୍ବରୁ ମାନବାଧିକାର ବ୍ୟକ୍ତିର ଅଧିକାର ଅଟେ। ୧୨୧୫ ମସିହା ଜୁନ ୧୫ ତାରିଖରେ ଇଂଲଣ୍ଡର ରାଜା ଦ୍ୱିତୀୟ ଜନ୍ନ ଙ୍କ ଦ୍ୱାରା ସ୍ୱାକ୍ଷରିତ "ମାନ୍ନା କାର୍ଟା" ମାନବାଧିକାରର ପ୍ରଥମ ଲିଖିତ ଓ ସ୍ୱୀକୃତ ସନନ୍ଦ ରୂପେ ବିବେଚନା କରାଯାଏ। ୧୭୭୬ ମସିହାରେ ଆମେରିକାର ସ୍ୱାଧୀନତା ସଂଗ୍ରାମ ଓ ୧୭୮୯ ମସିହାରେ ଫ୍ରାନ୍ସ ର ମାନବ ଅଧିକାର ଘୋଷଣାନାମା ମାନବ ଅଧିକାରକୁ ଏକ ଆନ୍ଦୋଳନର ରୂପ ଦେଇଅଛି। ମିଳିତ ଜାତିସଂଘର ସାଧାରଣ ପରିଷଦ ଦ୍ୱାରା ୧୯୪୮ ମସିହା ଡିସେମ୍ବର ୧୦ତାରିଖରେ "ମାନବାଧିକାରର ସାର୍ବଜନୀନ ଘୋଷଣାନାମା" ଜାରି କରିବା ଦ୍ୱାରା ସାରା ବିଶ୍ୱରେ ମାନବାଧିକାର ବିଶ୍ୱ ବ୍ୟାପକତା ଲାଭ କଲା। ସେହି ଦିନଠାରୁ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖକୁ ମାନବାଧିକାର ଦିବସ ଭାବରେ ସାରା ବିଶ୍ୱରେ ପାଳନ କରାଯାଉଛି।

ମାନବାଧିକାର ବିଭିନ୍ନ ସ୍ୱାଧୀନତାର ସମଷ୍ଟି। ଯେମିତି ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଦେଶ, ମାନବର ଜନ୍ମ ସ୍ଥାନର ଭେଦଭାବ ରୁ ସ୍ୱାଧୀନତା। ଚିନ୍ତାଧାରା, ମତବ୍ୟକ୍ତ କରିବାର ସ୍ୱାଧିନତା। ନିଷ୍ପତ୍ତି ନେବା ଓ ସଂଘ ଗଠନର ସ୍ୱାଧୀନତା। ଅନ୍ତର୍ନିହିତ ଗୁଣର ବିକାଶର ସ୍ୱାଧୀନତା। ଦାରିଦ୍ର୍ୟ, ଅତ୍ୟାଚାର, ମନମୁଖୀ ଗିରଫଦାରୀ, ହିଂସାତ୍ମକ ବ୍ୟବହାରରୁ ସ୍ୱାଧୀନତା। ଅନ୍ୟାୟ, ଆଇନର ଅପବ୍ୟବହାର, ଅତ୍ୟାଚାର ବିରୁଦ୍ଧରେ ସ୍ୱାଧୀନତା। ମିଳିତ ଜାତିସଂଘରେ ସମୁଦାୟ ୩୦ଧାରା ବିଶିଷ୍ଟ ଏହି ଘୋଷଣାନାମା ସାଧାରଣ ପରିଷଦ ଦ୍ୱାରା ପ୍ୟାରିସ ଅଧିବେଶନରେ ୧୯୪୮ ଡିସେମ୍ବର ୧୦ ତାରିଖରେ ଗୃହୀତ ହୋଇଥିଲା।

ମାନବାଧିକାର ବ୍ୟକ୍ତିର ଜୀବନ, ଯୋଗ୍ୟତା ଓ ମର୍ଯ୍ୟାଦାର ସୁରକ୍ଷା ପ୍ରଦାନ କରିଥାଏ। ସୁଖୀ ମଣିଷ ଓ ସମୃଦ୍ଧ ରାଷ୍ଟ୍ର ଗଠନ ନିମନ୍ତେ ମାନବାଧିକାର ଅପରିହାର୍ଯ୍ୟ ଅଟେ। ମାନବାଧିକାରର ସାର୍ବଜନୀନ ଘୋଷଣାନାମାରେ ବର୍ଣ୍ଣିତ ବିଭିନ୍ନ ମାନବାଧିକାର ଗୁଡ଼ିକ ହେଲା- ବ୍ୟକ୍ତି ନିରାପତ୍ତା, ଦାସତ୍ୱର ବିଲୋପ, ନିର୍ଯ୍ୟାତନା, ବ୍ୟକ୍ତିଗତ ଗୋପନୀୟତା, ରାଷ୍ଟ୍ର ଓ ବିଦେଶ ଭ୍ରମଣ, ଜାତୀୟତା ଧାରଣ ଓ ପରିବର୍ତ୍ତନ, ବିବାହ ଓ ପରିବାର ଗଠନ, ସଂପତ୍ତି ସଂଗ୍ରହ, ମତଦାନ, ଛୁଟି, ବିଶ୍ରାମ, ଅବସର, ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟ ସୁରକ୍ଷା, ଅକ୍ଷମତା, ବାର୍ଦ୍ଧକ୍ୟ, ବୈଧବ୍ୟ, ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା, ସାଂସ୍କୃତିକ ଜୀବନ, ବୈଜ୍ଞାନିକ ସୁଫଳ ନୈତିକ ଓ ବସ୍ତୁତଃ ସ୍ୱାର୍ଥ ରକ୍ଷାର ଅଧିକାର ଅନ୍ତର୍ଭୁକ୍ତ।

ମାନବ ଅଧିକାର ଉଲଂଘନ ହେଲେ ବିଚାର ପାଇଁ ଜାତିସଂଘ ପକ୍ଷରୁ ମାନବାଧିକାର ଆୟୋଗ ଗଠନ କରାଯାଇଛି। ସଦସ୍ୟ ରାଷ୍ଟ୍ରମାନେ ମଧ ମାନବାଧିକାର କମିଶନ ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭାରତରେ ୧୯୯୩ ମସିହାରୁ ଓ ଓଡ଼ିଶାରେ ୨୦୦୩ ମସିହାରୁ ମାନବାଧିକାର ଆୟୋଗ କାର୍ଯ୍ୟ କରୁଅଛି।

ଭାରତ, ସମ୍ବିଧାନରେ ବର୍ଣ୍ଣନା କରାଯାଇଥିବା ସମସ୍ତ ମାନବାଧିକାରର ସୁରକ୍ଷା ପାଇଁ ସର୍ବାଦା ଚେଷ୍ଟିତ। ମାନବାଧିକାର ବ୍ୟକ୍ତିକୁ ମୌଳିକ ଜୀବନ ବଞ୍ଚିବାକୁ ସହାୟକ ପ୍ରଦାନ କରିଥାଏ। ସମସ୍ତେ ମାନବାଧିକାର ପାଇବା ପାଇଁ ରାଷ୍ଟ୍ର ସହିତ ବ୍ୟକ୍ତି ମଧ୍ୟ ଗୁରୁତ୍ୱାରୋପ କରିବା ଆବଶ୍ୟକତା ରହିଛି। ବ୍ୟକ୍ତି ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତି କରିବା ପାଇଁ ନିଜେ ମଧ ସ୍ୱର ଉତ୍ତୋଳନ ପୂର୍ବକ ନିଜ ଅଧିକାରକୁ ସାବ୍ୟସ୍ତ କରିବାକୁ ଆଗେଇ ଆସିବା ଉଚିତ। ବ୍ୟକ୍ତି ପୂର୍ଣ୍ଣ ମାତ୍ରାରେ ବୁଝିବା ଦରକାର ମାନବ ହିଁ ମାନବର ବନ୍ଧୁ। ତେବେ ଯାଇ ମାନବର ମଣିଷ ପଣିଆ ବିକଶିତ ହେବ। ମାନବାଧିକାର'ତ ବ୍ୟକ୍ତିକୁ ସର୍ବୋଚ୍ଚ ସ୍ଥାନ ଦେବା ପାଇଁ ସହର୍ଷ ସମର୍ପିତ।

ଗଡରାମାଲ,
କୋକସରା, କଳାହାଣ୍ଡି
ମୋ-୯୭୭୭୪୬୮୮୪୧




## ତୋ' ପ୍ରେମ ଭାରି ଅସନା

### ଶିବ ପ୍ରସାଦ ବାହିନୀପତି



ଆଶା ଯାହା ଥିଲା ଆଶାରେ ମରିଲା
ଦୁର୍ବିସହ ହେଲା ପ୍ରାଣ
ଅସହ୍ୟ ଯନ୍ତ୍ରଣା କରେ ବାଟବଣା
ଦିନେ ନ ବୁଝିଲୁ ମନ ।
ଗୁଣମଣି....
ଦିନେ ନ ବୁଝିଲୁ ମନ ।।

ହୃଦୟ ମୋ' ଖୋଲି ଭଲ ପାଉଥିଲି
ବିଶ୍ୱାସରେ ଦେଲୁ ବିଷ
ଭଲ ପାଇବାର ଏଇ ଉପହାର
ହରିଲା ମୋର ହରଷ ।
ଗୁଣମଣି....

ସରବେ ଗରବେ ଚାଲୁଛନ୍ତି ଭବେ
ଫୁଲାଇ ନିଜର ଛାତି
ଭଙ୍ଗା କୁଡ଼ିଆରେ ଦିନ ମୋର ସରେ
କେହି ନ ମାଡ଼ନ୍ତି କତି ।
ଗୁଣମଣି....

ଭାବି ଥିଲି ମନେ ଆସିବୁ ତୁ ଦିନେ
ବୁଝି ମୋର ମନ କଥା
ଏଡ଼ିକି ନିର୍ଦ୍ଦୟ ତୋହରି ହୃଦୟ
ଦେଇ ଜାଣୁ ଖାଲି ବ୍ୟଥା ।
ଗୁଣମଣି....

ତୋତେ କରି ପ୍ରାପ୍ତ କିଏ କେତେ
ପ୍ରୀତ
ରାଜେନ୍ଦ୍ରାସନ ସଂସ୍ଥିତ
ତୋ' ଲାଗି ମରତେ ହଣାକଟା
କେତେ
କେତେ ଯେ ଝରେ ଶୋଣିତ ।
ଗୁଣମଣି....

କେତେ ରାଜନୀତି ପ୍ରୀତିରେ ଅପ୍ରୀତି
ଜନମେ କେତେ ଦୁର୍ନୀତି
ଗରିବ ବାପୁଡ଼ା ଗାଲରେ ଚାପୁଡ଼ା
ଧର୍ମ ନାମରେ ଅନୀତି ।
ଗୁଣମଣି....

ପାଇ ତୋର ଶକ୍ତି ହଜିଲାଣି ଭକ୍ତି
ଅଭାବ ହେଲାଣି ଭାବ
ରାତାରାତି କଳା ବନିଯାଏ ଧଳା
ବଢ଼େ ଅହଙ୍କାର ଗର୍ବ ।
ଗୁଣମଣି....

ବେଶ୍ୟା ବୋଲି ତୁହି ବେଶ ବଦଳାଇ
ବାରଘରେ କରୁ ବାସ
ଯାହାକୁ ଆପଣା ପଣେ କରୁ ଗଣା
ତା' ମନେ ଭରୁ ହରଷ ।
ଗୁଣମଣି....

ତା' ଭାଗ୍ୟ ଆକାଶେ ପୂର୍ଣ୍ଣ ଇନ୍ଦୁ ହସେ
ରାତାରାତି କୋଟିପତି
ଭଲ ଓ ମନ୍ଦର ନଥାଏ ବିଚାର
ପାଇଣ ତୋହର ପ୍ରୀତି ।
ଗୁଣମଣି....

ତୋ' ପାଇଁ ପାଗଳ ମାନବ ସକଳ
ସଂସ୍କୃତି ବି ପଡ଼େ ବଳି
ମାତୃଭୂମି ମାତୃ ଭାଷାର ବି ଶତ୍ରୁ
ଧର୍ମ - ଅଧର୍ମର କଳି ।
ଗୁଣମଣି....

ହସିଲା ସଂସାର କ୍ଷଣେ ଚୁରୁମାର
ଅସାଧୁଙ୍କ ଆଡ଼ା ବେଶି
ସନ୍ଥ ରୂପଧାରୀ ଭଣ୍ଡ ନର ନାରୀ
ରକତ ନିଅନ୍ତି ଶୋଷି ।
ଗୁଣମଣି....

ନେତା ଠାରୁ ମନ୍ତ୍ରୀ ଶ୍ରମିକଠୁ ଯନ୍ତ୍ରୀ
ସରବେ ଚାହାନ୍ତି ତୋତେ
କେତେଦିନୁ କାହିଁ ମୁଁ ତୋତେ ଖୋଜଇ
ଦିନେ ତ ଚାହିଁନୁ ମୋତେ ।
ଗୁଣମଣି....

କହି ଧନ ଧନ କେତେ କେତେ ଜନ
ବାତୁଳ ହେଲେଣି ସବୁ
କରିଛୁ କି ଗୁଣି ଆଲୋ ଗୁଣମଣି
ବୁଝାଇ ମୋତେ କହିବୁ ।
ଗୁଣମଣି....

ସୁଧା ମଣି କା'ର ଚାଟିବା ପୟର
ଜନମୁଁ ଜାଣିନି ମୁହିଁ
ଜନମରୁ ଦୀନ ଦୁଃଖୀରେ ମୁଁ ଗଣ୍ୟ
ତୋତେ ଆଉ ଆଶା ନାହିଁ ।
ଗୁଣମଣି....

ତୋତେ କରି ପ୍ରାପ୍ତ ହେବି ହନ୍ତସନ୍ତ
ବାଜିବ ନିନ୍ଦା ବାଜଣା
ଜାଣି ମୁଁ ନଥିଲି ଏବେ ଜାଣି ଗଲି
ତୋ' ପ୍ରେମ ଭାରି ଅସନା ।
ଗୁଣମଣି....
ତୋ' ପ୍ରେମ ଭାରି ଅସନା ।

ସମ୍ପାଦକ (ପ୍ରତିଷ୍ଠାତା) - ସୁଦେଷ୍ଣା
ପ୍ରମୋଦ ସାହିତ୍ୟ ସଂସଦ,
ସୁଦେଷ୍ଣା ଖବରକାଗଜ
ଭାଟପଡ଼ା-ନିରାକାରପୁର-
କଣାସ-ପୁରୀ
ମୋ: ୮୨୪୯୭୭୨୩୬୧

# ହାଇବ୍ରିଡ ମଡେଲରେ ଚାମ୍ପିଅନ୍ସ ଟ୍ରଫି



ଶ୍ରୀବତ୍ସ ନାୟକ

ଆତଙ୍କବାଦୀ କାରଣରୁ ତଥା ସୁରକ୍ଷା ଦୃଷ୍ଟିକୋଣରୁ କୌଣସି ପରିସ୍ଥିତିରେ ଭାରତୀୟ ଖେଳାଳିମାନେ ପାକିସ୍ତାନ ମାଟିରେ ଆସନ୍ତା ଫେବୃଆରୀ ଓ ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବାକୁ ଯାଉଥିବା କ୍ରିକେଟ ଟର୍ଣ୍ଣମେଣ୍ଟ: ଆଇସିସି ପୁରୁଷ ସିନିୟର୍ ଚାମ୍ପିଅନ୍ସ ଟ୍ରଫିରେ ଖେଳିବେ ନାହିଁ ବୋଲି ଜିଦ୍ ଧରିଥିଲା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) । ବିସିସିଆଇର ଏହି ଜିଦ୍ ଆଗରେ ଶେଷରେ ପାକିସ୍ତାନ ମୁଣ୍ଡ ନୁଆଁଇଲା ଫଳରେ ଚମ୍ପିଅନ୍ସ ଟ୍ରଫିକୁ ନେଇ ଦୀର୍ଘ ଦିନଧରି ଯେଉଁ ସସ୍ପେନସ୍ ଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଅନ୍ତର୍ଜାତୀୟ କ୍ରିକେଟ ପରିଷଦର (ଆଇସିସି) ମଧ୍ୟସ୍ଥତାରେ ଦୁବାଇରେ ଅନୁଷ୍ଠିତ ହୋଇଥିବା ବୈଠକରେ ହାଇବ୍ରିଡ୍ ମଡେଲରେ ଆଗାମୀ ଚାମ୍ପିଅନ୍ସ ଟ୍ରଫିକୁ ଆୟୋଜନ କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ମୁଖ୍ୟ ମୋହସିନ୍ ନକଭି ସହମତି ପ୍ରଦାନ କରିଛନ୍ତି । ଆଇସିସି ଦ୍ୱାରା ନିଆଯାଇଥିବା ନିଷ୍ପତି ଅନୁସାରେ ହାଇବ୍ରିଡ୍ ମଡେଲକୁ ଗ୍ରହଣ ନକଲେ ଟୁର୍ଣ୍ଣାମେଣ୍ଟକୁ ଅନ୍ୟତ୍ର ବଦଳି କରିବା ପାଇଁ ଆଇସିସି ଯେଉଁ ଚାପ ସୃଷ୍ଟି କରିଥିଲା ସେହି ଚାପରେ ବଶବର୍ତ୍ତୀ ହୋଇ ପିସିବି,ହାଇବ୍ରିଡ ମଡେଲକୁ ଗ୍ରହଣ କରିନେଇଥିଲେ ମଧ ୨୦୩୧ ମସିହା ପର୍ଯ୍ୟନ୍ତ ଭାରତରେ ଆୟୋଜନ ହେଉଥିବା କୌଣସି ଆଇସିସି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ ନକରିବା ସହ ରାଜସ୍ୱର ୫.୭୫ ପ୍ରତିଶତ ବୃଦ୍ଧି କରିବା ନିମନ୍ତେ ଆଇସିସି ଆଗରେ ସର୍ତ୍ତ ରଖିଛି ପାକିସ୍ତାନ । ପରବର୍ତ୍ତୀ ସମୟରେ ଏହି ସର୍ତ୍ତର ରୂପରେଖ କଣ ହେବ ତାହା ତ ନିଶ୍ଚୟ ଜଣାପଡିବ କିନ୍ତୁ ୨୦୨୫ ମସିହାରେ ଅନୁଷ୍ଠିତ ହେବାକୁ ଯାଉଥିବା ଚାମ୍ପିଅନ୍ସ ଟ୍ରଫିର ଅଷ୍ଟମ ସଂସ୍କରଣ ହାଇବ୍ରିଡ୍ ମଡେଲରେ ଖେଳାଯିବ ଏହା ଏକ ପ୍ରକାରର ନିଶ୍ଚିତ ।

ବିଶ୍ୱ କ୍ରିକେଟର ମୁଖ୍ୟ ପରିଚାଳନା ସଂସ୍ଥା ଆନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି), ଦିନିକିଆ ବିଶ୍ୱକପ,ବିଶ୍ୱ ଟେଷ୍ଟ ଚାମ୍ପିଅନ୍ସ ଟ୍ରଫି,ଟି ୨୦ ବିଶ୍ୱକପ୍ ଆୟୋଜନ କରିବା ସହିତ କ୍ରିକେଟରେ ପୁରୁଷ ସିନିଅର ଚାମ୍ପିଅନ୍ସ ଟ୍ରଫି (ମିନି ବିଶ୍ୱକପ) ଆୟୋଜନ କରିଥାଏ । କ୍ରିକେଟର ଏହି ଚାମ୍ପିଅନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ କିଛି ଅର୍ଥ ଉପାର୍ଜନ କରି ଟେଷ୍ଟ ଖେଳୁ ନଥିବା ଦେଶଗୁଡ଼ିକ ଯଥା ଆୟରଲ୍ୟାଣ୍ଡ, କେନିୟା, କାନାଡା, ହଙ୍କଂ, ସ୍କଟଲାଣ୍ଡ, ୟୁଏଇ,ନା ମ୍ବିଆ, ଡେନମାର୍କ, ୟୁଏସଏ, ନେଦରଲାଣ୍ଡରେ କ୍ରିକେଟର ପ୍ରଚାର ପ୍ରସାର କରିବା ସହ ସେଠାରେ କ୍ରିକେଟ ଭିତ୍ତିଭୂମି ସ୍ଥାପନ କରିବା ଆଇସିସିର ପ୍ରମୁଖ ଲକ୍ଷ୍ୟ । ୧୯୯୮ ମସିହାରୁ ଆଇସିସି ତାର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଜି ପର୍ଯ୍ୟନ୍ତ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିଆସୁଅଛି ।ଏହା ପ୍ରଥମ ସଂସ୍କରଣର ୧୯୯୮ ମସିହାରେ ବାଂଲାଦେଶରେ ଖେଳାଯାଇଥିବା ବେଳେ , ଦ୍ୱିତୀୟ ସଂସ୍କରଣ ୨୦୦୦ ମସିହାରେ କେନିୟାରେ,ତୃତୀୟ ସଂସ୍କରଣ ୨୦୦୨ ମସିହାରେ ଶ୍ରୀଲଙ୍କାରେ,ଚତୁର୍ଥ ସଂସ୍କରଣ ୨୦୦୪ ମସିହାରେ ଇଂଲଣ୍ଡରେ,ପଞ୍ଚମ ସଂସ୍କରଣ ୨୦୦୬ ମସିହାରେ ସାଉଥ୍ ଆଫ୍ରିକାରେ,ଷଷ୍ଠ ସଂସ୍କରଣ ୨୦୧୩ ମସିହାରେ ଇଂଲଣ୍ଡରେ,ସପ୍ତମ ସଂସ୍କରଣ ୨୦୧୭ ମସିହାରେ ଇଂଲଣ୍ଡରେ ଖେଳାଯାଇଥିବା ବେଳେ ଏହାର ଅଷ୍ଟମ ସଂସ୍କରଣ ୨୦୨୫ ମସିହାରେ ପାକିସ୍ତାନରେ ଖେଳାଯିବ ବୋଲି ନିଷ୍ପତି ନେଇଛି ଆଇସିସି । ଏହାକୁ ନେଇ ପାକିସ୍ତାନରେ ନାହିଁ ନଥିବା ଉତ୍ସାହ । ସେଠାରେ ପ୍ରସ୍ତୁତି ଜୋରଦାର୍ ଚାଲିଛି । ଷ୍ଟାଡିୟମର ନବୀକରଣଠାରୁ ଆରମ୍ଭ କରି କ୍ରିକେଟର ମୌଳିକ ଆବଶ୍ୟକତାକୁ ପୂର୍ଣ୍ଣ କରିବା ପାଇଁ ଅଣ୍ଟା ଭିଡ଼ିଛି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) । ଏଥିନିମନ୍ତେ ଆଇସିସି ମଧ ଅର୍ଥ ମଞ୍ଜୁର କରିସାରିଛି । କ୍ରିକେଟର ଅନ୍ୟ ଏକ ମହାକୁମ୍ଭ କୁହାଯାଉଥିବା ଏହି ମିନି ବିଶ୍ୱକପ୍ କୁ ଆୟୋଜନ କରି ପାକିସ୍ତାନ ଲାଭବାନ ହେବାକୁ ଆଶା ବାନ୍ଧିଛି । ଏହି ଟୁର୍ଣ୍ଣାମେଣ୍ଟରେ ୯ଟି ଦେଶର ଦଳ ଭାଗ ନେବେ । ନିଜ ନିଜର ମନ ପସନ୍ଦର ଦଳକୁ ଉତ୍ସାହିତ କରିବା ପାଇଁ ବିଶ୍ୱର କୋଣ ଅନୁକୋଣର ଦର୍ଶକଙ୍କ ଭିଡ଼ ଲାଗିବ । ପ୍ରଯୋଜକ ମାନେ ପୁଞ୍ଜି ନିବେଶ କରିବେ ।ବିଶେଷଜ୍ଞମାନଙ୍କ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ପାକିସ୍ତାନରେ ଆୟୋଜନ ହେଲେ ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାର ବୃଦ୍ଧି ପାଇବ ଫଳରେ ପାକିସ୍ତାନର ଆର୍ଥିକ ଅବସ୍ଥା କେତେକ ମାତ୍ରାରେ ଉନ୍ନତି ଘଟିବ । ସାଧାରଣରେ ଦେଖିବାକୁ ଗଲେ ଯେଉଁ ଦେଶରେ ଖେଳ ହୁଏ ସେ ଦେଶ କେତେକ ମାତ୍ରାରେ ଆର୍ଥିକ ଲାଭବାନ ହୁଏ । ତଥ୍ୟ ଅନୁସାରେ ୧୯୯୯ ବିଶ୍ୱକପ ଆୟୋଜନ କରି ଇଂଲଣ୍ଡ ୨୧ ମିଲିୟନ ଡଲାର ଲାଭ ପାଇଥିବାବେଳେ,୨୦୦୩ ମସିହାରେ ବିଶ୍ୱକପ ଆୟୋଜନ କରି ସାଉଥ୍ ଆଫ୍ରିକା ୩୫.୫ ମିଲିୟନ ଡଲାର ଲାଭ ପାଇଥିଲା । ଅନୁରୂପ ଭାବେ ୨୦୧୯ କ୍ରିକେଟ ବିଶ୍ୱକପ୍ ଆୟୋଜନ କରି ଇଂଲଣ୍ଡ ୩୫୦ ମିଲିୟନ ଡଲାର ଲାଭବାନ ହୋଇଥିବା ବେଳେ ୨୦୨୩ ମସିହାରେ ଆୟୋଜକ ଦଳ ଭାବେ ଭାରତ ୧.୩୯ ବିଲିଅନ ଡଲାର (୧୧,୬୩୭ କୋଟି ଭାରତୀୟ ଟଙ୍କା) ଲାଭ କରିଥିଲା । ଏହାକୁ ଆଖି ଆଗରେ ରଖି ୨୦୨୫ ମିନି ବିଶ୍ୱକପ୍ କୁ ପାକିସ୍ତାନ ଆୟୋଜନ କରି ଯେଉଁ ଅର୍ଥ ଲାଭବାନ ହେବା ପାଇଁ ଆଶା ବନ୍ଧିଥିଲା ତାହା ହୁଏତ କେତେକାଂଶରେ ସମ୍ଭ ହୋଇ ନ ପାରେ କାରଣ ଏହି ସଂସ୍କରଣକୁ ପାକିସ୍ତାନ ଆୟୋଜନ କରୁଥିବାରୁ ପାକିସ୍ତାନ ମାଟିରେ ଭାରତ କ୍ରିକେଟ ଖେଳିବ ନାହିଁ ବୋଲି ସ୍ପଷ୍ଟ ଭାବେ ଆଇସିସିକୁ ଅବଗତ କରିଛି ଫଳରେ ଚାମ୍ପିଅନ୍ସ ଟ୍ରଫିର ସମ୍ପୂର୍ଣ୍ଣ କାର୍ଯ୍ୟ ସୂଚୀ ପ୍ରକାଶ ପାଇବାରେ ବିଳମ୍ବ ହେଉଛି । ବିସିସିଆଇର ଏହି ଭଳି ଜିଦ୍ ଯାହା ଉଭୟ ଆଇସିସି ଏବଂ ପିସିବିକୁ ଚିନ୍ତାରେ ପକାଇଥିଲା । ଦୁଇ କିମ୍ବା ତଦୁର୍ଦ୍ଧ୍ୱ ଦେଶ ମଧ୍ୟରେ ରାଜନୈତିକ ତିକ୍ତତା, ବାକ୍ ବିତଣ୍ଡା, ଆତଙ୍କବାଦ ତଥା ସୀମା ବିବାଦ ଆଦି ଅନେକଗୁଡ଼ିଏ କାରଣକୁ ନେଇ ପ୍ରତିଦ୍ୱନ୍ଦିତା ହୋଇଥାଏ । ଫଳରେ ନିଜ ନିଜର ସୁରକ୍ଷା ଦୃଷ୍ଟିରୁ ଏକ ଦେଶ ଅନ୍ୟ ଏକ ଦେଶରେ ଖେଳିବାକୁ ଅମଙ୍ଗ ହୋଇଥାଏ । ଯାହା ଏବେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦେଖିବାକୁ ମିଳିଛି । ସେ ଦୁହେଁ ପଡୋଶୀ ରାଷ୍ଟ୍ର ହେଲେ ମଧ ପାରମ୍ପରିକ ପ୍ରତିଦ୍ୱନ୍ଦୀ । ରାଜନୈତିକ ତିକ୍ତତା ତଥା କାଶ୍ମୀର ବିବାଦ ଭଳି ପ୍ରସଙ୍ଗ କ୍ରୀଡା କ୍ଷେତ୍ରରେ ପଶି ଦେଶ ମଧ୍ୟରେ କ୍ରିକେଟ ପ୍ରତିଦ୍ୱନ୍ଦିତାକୁ ଆହୁରି ତୀବ୍ରତର କରିଛି । ଦୁଇ ଦେଶ ମଧ୍ୟରେ କ୍ରିକେଟ ମ୍ୟାଚ୍ କୁ ଦେଖିଲେ ଯୁଦ୍ଧ ବା ମହାସମରର ଭ୍ରମ ସୃଷ୍ଟି ହୋଇଥାଏ । ଯଦିଓ ଦୁଇ ଦେଶ ମଧ୍ୟରେ ଅତୀତର କାଶ୍ମୀର ବିବାଦକୁ ନେଇ ଅନେକ ଝଡ଼ ସୃଷ୍ଟି ହୋଇଛି ତଥାପି କ୍ରିକେଟ ଜଗତରେ ଅନେକ ବିବାଦ ପାକିସ୍ତାନକୁ କଳଙ୍କିତ କରିଛି । ୧୯୬୨ ମସିହାରୁ ୧୯୭୭ ମସିହା ପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ମଧ୍ୟରେ ଦୀର୍ଘ ୧୫ ବର୍ଷ ଧରି କୌଣସି କ୍ରିକେଟର ଦ୍ୱିପାକ୍ଷିକ ସିରିଜ ଖେଳାଯାଇନଥିଲା । ୧୯୮୪ ମସିହାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ ଭାରତ ଖେଳ ଅଧାରୁ ପାକିସ୍ତାନରୁ ପଳାଇ ଆସିଥିଲା । ୧୯୯୧ ମସିହାରେ ସେହି କାଶ୍ମୀର ସମସ୍ୟା ଯୋଗୁଁ ପାକିସ୍ତାନ ଭାରତ ଗସ୍ତକୁ ବାତିଲ କରିବା ସହ ଏସିଆ କପ୍ ଆୟୋଜନ କରିବାକୁ ଅମଙ୍ଗ ହୋଇଥିଲା । ୧୯୯୩ ମସିହାରେ କୂଟନୈତିକ ପ୍ରସଙ୍ଗରେ ହିରୋ କପ୍ ରୁ ଓହରିଥିଲା ପାକିସ୍ତାନ । କେବଳ ସେତିକି ନୁହେଁ କ୍ରିକେଟରେ ସ୍ପଟ୍ ଫିକ୍ସିଂ,ମ୍ୟାଚ ଫିକ୍ସିଂ,ସ୍କାଣ୍ଡାଲ୍ ଠାରୁ ଆରମ୍ଭ କରି ବଲ୍ ଟ୍ୟାମ୍ପରିଁ, ନିଷିଦ୍ଧ ଡ୍ରଗ୍ସ ସେବନ, ଅନ୍ତରୀଣ ବିବାଦ, ଆତ୍ମହତ୍ୟା, ଅରୁଚିକର ମନ୍ତବ୍ୟ ପ୍ରସଙ୍ଗରେ ଅନେକ ନାମୀଦାମୀ ଖେଳାଳୀ କ୍ରିକେଟରେ ନିଜକୁ କଳଙ୍କିତ କରିବା ସହ ନିଜ ଦେଶକୁ ବଦନାମ ଆଡ଼କୁ ଠେଲି ଦେଇଛନ୍ତି । ନିଲମ୍ବନ, ନିଷେଧାଦେଶ, ଜୋରିମାନା, ଦୋଷୀ ଓ ଖେଳାଳୀଙ୍କୁ କାରାଗାର ସତ୍ତ୍ୱେ କ୍ରିକେଟ ଜଗତରେ ସର୍ବଦା ବିବାଦ ଘେରରେ ରହି ନିନ୍ଦିତ ହେଉଛି ପାକିସ୍ତାନ । ୨୦୧୦ ମସିହାରେ ସ୍ପଟ୍ ଫିକ୍ସିଂରେ ସାମିଲ ହୋଇ ପାକିସ୍ତାନର ୩ ଖେଳାଳୀ ନିଲମ୍ବିତ ହେବା,୨୦୦୬ ମସିହାରେ ଓଭାଲରେ ଇଂଲଣ୍ଡ ବିପକ୍ଷରେ ବଲ ଟ୍ୟାମ୍ପରିଂ,୨୦୦୭ ମସିହାରେ ଦିନିକିଆ ବିଶ୍ୱକପରେ ଶୋଚନୀୟ ପରାଜୟ ପରେ କୋଚ୍ ବ୍ ଉଲମରଙ୍କ ଆକସ୍ମିକ ମୃତ୍ୟୁ ତଥା ୨୦୦୯ ମସିହାରେ ନିଜ ଦେଶରେ ଶ୍ରୀଲଙ୍କାର କ୍ରିକେଟ୍ ଦଳ ଉପରେ ଅତର୍କିତ ଆକ୍ରମଣ ଆଦି ଅନେକ ଗୁଡ଼ିଏ ଛୋଟ ବଡ଼ ଘଟଣାରେ ବିବାଦୀୟ ହୋଇ ପଡ଼ିଛି ପାକିସ୍ତାନ । ତେଣୁ ଏହିଭଳି ଅନେକ ସ୍ପର୍ଶକାତର ତଥା ସମ୍ବେଦନଶୀଳ ପ୍ରସଙ୍ଗକୁ ଆଖି ଆଗରେ ରଖି ଭାରତ ସରକାର ନିଜ ଦେଶର ଖେଳାଳୀମାନଙ୍କୁ ପାକିସ୍ତାନରେ ଖେଳିବା ପାଇଁ ଅନୁମତି ଦେଇନାହାନ୍ତି । ଏହି ଭଳି ପରିସ୍ଥିତିରେ ଯଦି ଭାରତ ଟୁର୍ଣ୍ଣାମେଣ୍ଟରୁ ଓହରିଯିବ ତେବେ ଉଭୟ ପିସିବି ଏବଂ ଆଇସିସିକୁ ଅନେକ ଆର୍ଥିକ କ୍ଷତି ସହିବାକୁ ପଡ଼ିବ ତେଣୁ ବାଧ ହୋଇ ଆଇସିସିର ସବୁଠାରୁ ବିତ୍ତଶାଳୀ କ୍ରିକେଟ ବୋର୍ଡ କୁହାଯାଉଥିବା ବିସିସିଆଇର ଜିଦ୍ ଆଗରେ ମୁଣ୍ଡ ନୁଆଁଇଛି ଆଇସିସି । ହାଇବ୍ରିଡ ମଡେଲରେ ଅର୍ଥାତ୍ ଭାରତକୁ ଏକ ନିରପେକ୍ଷ ଭେନ୍ୟୁରେ ଖେଳିବା ପାଇଁ ଅନୁମତି ଦେଇଛି ଆଇସିସି । ଖାଲି ଦେଖିବା ବାକି ରହିଲା ଏହାର ପୂର୍ଣ୍ଣାଙ୍ଗ ରୂପରେଖ କ'ଣ ହେଉଛି ?



+ଅଧ୍ୟାପକ,ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,କଟକ
ମୋ:୯୪୩୮୦୭୦୮୪୯

# ମଦ ଛାଡ଼ିଲେ ରୋଗ କମେ

ସିନେମା ହଲ୍‌ଠାରୁ ଆରମ୍ଭ କରି ମଦବୋତଲରେ ମଧ ଆମେ 'ମଦ୍ୟପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ' ବୋଲି ଏକ ସତର୍କତାମୂଳକ ବାର୍ତ୍ତା ପଢ଼ିଥାଉ। ତଥାପି ମଦ ଅନ୍ୟତମ ସର୍ବାଧିକ ବ୍ୟବହୃତ ପାନୀୟର ମାନ୍ୟତା ବହନ କରୁଛି। ମଦ୍ୟପାନ ଆମ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦେବା ସହ ହୃଦ୍‌ଘାତ ଓ କର୍କଟ ପରି ସଂଖ୍ୟାଧିକ ରୋଗର କାରଣ ସାଜିଥାଏ। ତେବେ ଜଣେ ମଦ୍ୟପକୁ ସେଥିରୁ ହଠାତ୍ ବିରତ କରାଇବା ଦ୍ୱାରା ବେଳେବେଳେ ତାକୁ ନିଷ୍ଫଳ ହେଲା ପରି ଅନୁଭବ ଆଣିବା ସହ ଏପରିକି ମୃତ୍ୟୁମୁଖରେ ମଧ ପକାଇଥାଏ। ତେଣୁ ମଦ୍ୟପାନ ତ୍ୟାଗ କରିବା ସହଜ ନୁହେଁ। ତଥାପି ମଦ ଛାଡୁଥିବା ବ୍ୟକ୍ତି ତାହାର ମାସକ ପରେ ଅନେକ ସ୍ୱାସ୍ଥ୍ୟାନୁକୂଳ ଅବସ୍ଥା ଲାଭ କରିଥାଏ। ତେଣୁ ଆଜି ମଦ୍ୟପାନ ତ୍ୟାଗ କରିବାର କିଛି ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ଉପକାର ବାବଦରେ ଜାଣିବା।



ମଦ୍ୟପାନ ଯକୃତ ରୋଗର ଏକ ମୁଖ୍ୟ କାରଣ। ଏକ ଅନୁଧ୍ୟାନ ଅନୁଯାୟୀ, ଜଣେ ମଦ ଛାଡ଼ିବାର ମାତ୍ର ମାସକ ପରେ ନଷ୍ଟ ହୋଇଥିବା ଯକୃତର ୧୫ରୁ ୨୦ ପ୍ରତିଶତ କ୍ଷତି ଭରଣା ହୋଇଯାଇଥାଏ। ମଦ୍ୟପାନ ଦ୍ୱାରା ନିଦ୍ରାରେ ବିଶୃଙ୍ଖଳା ଦେଖାଦେଇ ନିଦ୍ରାହୀନତା (ଇନ୍‌ସୋମ୍ନିଆ) ପରି ରୋଗର ଶିକାର ହେବାକୁ ପଡ଼ିଥାଏ। ତେଣୁ ମଦ ତ୍ୟାଗ କରିବା ଭଲ ନିଦ ଆସିବାରେ ସାହାଯ୍ୟ କରିଥାଏ, ଯାହା ସମଗ୍ର ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେହିପରି ମଦରେ ଉଚ୍ଚମାନର କ୍ୟାଲୋରି ରହିଥିବାରୁ ତାହା ଓଜନ ବଢ଼ାଇଥାଏ। ସୁତରାଂ ମଦ୍ୟପାନରୁ ବିରତ ରହିଲେ ଜଣେ ଅନାବଶ୍ୟକ ଓଜନ ହରାଇ ଶାରୀରିକ ସୁସ୍ଥତା ବଜାୟ ରଖିପାରିବ। ମଦ୍ୟପାନ ସହିତ ହୃଦ୍‌ରୋଗ ଓ କର୍କଟ ପରି ରୋଗର ସମ୍ପର୍କ ରହିଛି। ତେଣୁ ମଦ ଛାଡ଼ିଲେ ସେସବୁ ରୋଗ ଆଶଙ୍କା ଉଲ୍ଲେଖନୀୟ ଭାବେ କମିଥାଏ। ସେହିପରି ମଦ୍ୟପାନ ଦ୍ୱାରା ଯକୃତର ଜୀବକୋଷଗୁଡ଼ିକ ପ୍ରଭାବିତ ହୋଇ ଯକୃତ ଜନିତ ରୋଗର କାରଣ ସାଜିଥାଏ। ତେଣୁ ମଦ୍ୟପାନକୁ ଦୂରେଇଦେଲେ ନଷ୍ଟ ହୋଇଯାଇଥିବା ଯକୃତର ମରାମତି ହୋଇପାରିବା ସହ ତାହାର କ୍ରିୟାରେ ମଧ ଉନ୍ନତି ଆସିଥାଏ।



ଏପରିକି ଏକ ଅନୁଧ୍ୟାନ ଅନୁଯାୟୀ, ଜଣେ ମଦ ଛାଡ଼ିବାର ମାସକ ପରେ ନଷ୍ଟ ହୋଇଥିବା ଯକୃତର ୧୫ରୁ ୨୦ ପ୍ରତିଶତ କ୍ଷତି ଭରଣା ହୋଇଥାଏ ବୋଲି ଜଣାଯାଇଛି। ମଦ ଛାଡ଼ିବା ମସ୍ତିଷ୍କ କ୍ରିୟାକୁ ଉନ୍ନତ କରି ଜଣକର ମନୋଭାବରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ। ମାତ୍ରାଧିକ ମଦ ପିଇବା ଦ୍ୱାରା ଶରୀରର ବିଭିନ୍ନ ତନ୍ତୁ ଗଠନ କରୁଥିବା କୋଲାଜେନ୍ ଓ ଇଲାଷ୍ଟିନ୍ ପରି ପୁଷ୍ଟିସାର ନଷ୍ଟ ହୋଇ ଅକାଳ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ତେଣୁ ସେଥିରୁ ବିରତ ରହିଲେ ବାର୍ଦ୍ଧକ୍ୟ ପ୍ରକ୍ରିୟା ଧିମେଇଯିବା ସହ ଚର୍ମର କୋମଳତା ମଧ ଫେରିଆସିପାରିବ। ମଦକୁ ପରିହାର କରିବା ଦ୍ୱାରା ଶରୀରରେ ଗଚ୍ଛିତ ଅତ୍ୟଧିକ ଚର୍ବି ତରଳିଯାଇ ଫୁଲିଥିବା ଯକୃତ ସଂକୁଚିତ ହୋଇଆସେ ଏବଂ ପାକସ୍ଥଳୀର ହଜମକ୍ରିୟା ମଧ ଉନ୍ନତ ହୋଇଥାଏ। ସର୍ବୋପରି ଏହା ଚର୍ମକୁ ସୁସ୍ଥ ରଖି ଜଣକୁ ଯୁବସୁଲଭ ଓ ସକ୍ରିୟ ରଖିଥାଏ।

# ଶରୀରରୁ କମିଯାଉଛି ଏହି ସବୁ ଉପାଦାନ: ଜାଣନ୍ତୁ କିପରି କରିବେ ଭରଣ

**ସମ୍ପ୍ରତି ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଭାରତରେ ରହୁଥିବା ଲୋକଙ୍କ ଶରୀରରେ ଲୌହ ବା ଆଇରନ, କ୍ୟାଲସିୟମ ଏବଂ ଫୋଲେଟର ଅଭାବ ଦେଖାଯାଉଛି। ଏହି ଅଧ୍ୟୟନର ଫଳାଫଳ ଦି ଲାନସେଟରେ ପ୍ରକାଶ ପାଇଥିଲା। ଏହି ତିନି ଉପାଦନ ସ୍ୱାସ୍ଥ୍ୟ ପାଇଁ ନିହାତି ଜରୁରୀ। ଏସବୁର ଅଭାବକୁ ରୋକିବା ପାଇଁ କେଉଁ କେଉଁ ଖାଦ୍ୟ ଗ୍ରହଣ କରିବେ, ଜାଣନ୍ତୁ...**

ଲୌହ ଅଭାବକୁ କିପରି ରୋକିବେ:
ଲୌହ ଅଭାବକୁ ଦୂର କରିବା ପାଇଁ, ଖାଦ୍ୟରେ ଲୌହଯୁକ୍ତ ଖାଦ୍ୟ ଅନ୍ତର୍ଭୁକ୍ତ କରନ୍ତୁ। ଏଥିପାଇଁ ବିନ୍ସ, ଡାଲି, ଛୋଲେ, ସାଇଟ୍ରସ୍ ଫଳ, ପାଳଙ୍ଗ ଭଳି ଖାଦ୍ୟ ଗ୍ରହଣ କରନ୍ତୁ। ଏହା ବ୍ୟତୀତ ଲୌହ ଅଭାବକୁ ଦୂର କରିବା ପାଇଁ କଖାରୁ ମଞ୍ଜି ଏବଂ କାଜୁ ବାଦାମ ଖାଇବାକୁ ମଧ ପରାମର୍ଶ ଦିଆଯାଏ। ଯଦି ଶାକାହାରୀ ନୁହଁନ୍ତି, ତେବେ ରେଡ୍ ମିଟ୍, ସାମୁଦ୍ରିକ ଖାଦ୍ୟ ଏବଂ ମାଂସ ଖାଇପାରିବେ। କିନ୍ତୁ ରେଡ୍ ମିଟ୍ ଖାଇବାକୁ ଚାହୁଁଥିଲେ ପ୍ରଥମେ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ଉଚିତ୍।
କ୍ୟାଲସିୟମ ଅଭାବ ଅସ୍ଥି ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। କ୍ୟାଲସିୟମ ଅଭାବରୁ ମୁକ୍ତି ପାଇବା ପାଇଁ ଦୁଗ୍ଧ, ଛେନା, ଦହି, ଘିଅ ଆଦି ଖାଇବା ଆବଶ୍ୟକ। ଏହା ବ୍ୟତୀତ ଟୋଫୁ (ସୋୟା ପନିର)ରେ ଉତ୍ତମ ପରିମାଣର କ୍ୟାଲସିୟମ୍ ମଧ ମିଳିଥାଏ। କ୍ୟାଲସିୟମ ଅଭାବକୁ ଦୂର କରିବା ପାଇଁ




ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ ବାଦାମ ଖାଇବାକୁ ପରାମର୍ଶ ଦିଅନ୍ତି।

ଫୋଲେଟ୍ ଅଭାବକୁ କିପରି ଦୂର କରିବେ:
ଶରୀରରେ ଫୋଲେଟର ଅଭାବ କାରଣରୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଉପୁଜିପାରେ। ଯଦି ଫୋଲେଟ୍ ଅଭାବରୁ ମୁକ୍ତି ପାଇବାକୁ ଚାହାଁନ୍ତି, ତେବେ ଡାଏଟରେ ପାଳଙ୍ଗ, ବ୍ରୋକୋଲି ଏବଂ ଊଲକୋବି ଖାଇବା ଉଚିତ୍। କମଳା, ଲେମ୍ବୁ, ଅଙ୍ଗୁର ଏବଂ ଆଭୋକାଡୋରେ ମଧ ଉତ୍ତମ ପରିମାଣର ଫୋଲେଟ୍ ମିଳିଥାଏ।

# ଗାଜର ଜୁସ୍ ପିଇଲେ ମିଳେ ଏହି ସବୁ ଫାଇଦା

ଶୀତଋତୁରେ ଅନେକ ପନିପରିବା ମିଳେ। ଏସବୁ ପନିପରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସେଥିମଧ୍ୟରୁ ଗାଜର ଅନ୍ୟତମ। ଗାଜରରୁ ଭିଟାମିନ୍ ଏ, ଫାଇବର, ଭିଟାମିନ୍ କେ୧, ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ। ଏହାକୁ ଖାଇବା ଦ୍ୱାରା ଅନେକ ସୁଫଳ ମିଳିଥାଏ। ଖଣ୍ଡ ଗାଜର ଖାଇବା ଅପେକ୍ଷା ଏହାକୁ ଜୁସ୍ କରି ପିଇବା ଅତ୍ୟନ୍ତ ଲାଭଦାୟକ। ଗାଜର ଜୁସ୍ ପିଇବା ଦ୍ୱାରା କି କି ଉପକାରିତା ମିଳେ, ଜାଣନ୍ତୁ କଣ ଫାଇଦା ମିଳିଥାଏ। ପ୍ରତିରକ୍ଷା ପ୍ରଣାଳୀ ବା ଇମ୍ୟୁନିଟି ବୁଷ୍ଟ କରିବାକୁ ଚାହୁଁଥିଲେ ଗାଜର ଜୁସ୍ ଅତ୍ୟନ୍ତ ପ୍ରଭାବଶାଳୀ। ଶୀତଦିନେ ଦୁର୍ବଳ ପ୍ରତିରୋଧକ ଶକ୍ତିକୁ ଦୃଢ କରିବାରେ ଗାଜର ସର୍ବୋତ୍ତମ ହୋଇପାରେ। ନିୟମିତ ଗାଜର ଜୁସ୍ ପିଇବା ଦ୍ୱାରା ଇମ୍ୟୁନିଟି ବୁଷ୍ଟ ହୋଇଥାଏ, ଫଳରେ ସଂକ୍ରମଣ ଏବଂ ଋତୁକାଳୀନ ରୋଗ ଆଶଙ୍କା ଦୂର ହୁଏ। ଏହା ବ୍ୟତୀତ ଗାଜର ଜୁସ୍ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଏବଂ ହୃଦୟ ସ୍ୱାସ୍ଥ୍ୟକୁ ମଜବୁତ କରିବାରେ ମଧ ପ୍ରଭାବଶାଳୀ ହୋଇପାରେ। ଗାଜରରେ ଫାଇବର ଥିବାରୁ ଏହା ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ବେଶ୍ ପ୍ରଭାବଶାଳୀ। କୋଷ୍ଠକାଠିନ୍ୟ ପରି ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଗାଜର ଜୁସ୍ ପିଇପାରିବେ। ଗାଜର ଜୁସ୍ ପିଇବା ଦ୍ୱାରା କେବଳ ସ୍ୱାସ୍ଥ୍ୟ ନୁହେଁ ବରଂ ତ୍ୱଚା ପାଇଁ ମଧ ଖୁବ୍ ଲାଭଦାୟକ ବୋଲି ବିବେଚନା କରାଯାଏ। ପ୍ରତିଦିନ ଗାଜର ଜୁସ୍ ପିଇଲେ କମ୍ ବୟସରୁ ଚର୍ମ କୁଞ୍ଚନ ହୋଇନଥାଏ। ତ୍ୱଚାରେ ଚମକ ରହିଥାଏ। ଏହା ବ୍ୟତୀତ ଗାଜର ଜୁସ୍ ଆଖି ସ୍ୱାସ୍ଥ୍ୟ ଉପରେ ମଧ ସକାରାତ୍ମକ ପ୍ରଭାବ ପକାଇପାରେ।



# ସେଲ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍ -୨ ଦ୍ୱାରା ସ୍ଲାବ୍ ୟାର୍ଡ କ୍ରେନ୍ ପାଇଁ ଅଭିନବ ଧକ୍କା ନିରୋଧୀ ପ୍ରଣାଳୀ କାର୍ଯ୍ୟକାରୀ



ରାଉରକେଲା, ୧୦/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍ -୨ (ଏଚଏସଏମ-୨), ଏହାର ସ୍ଲାବ୍ ୟାର୍ଡରେ ଥିବା ଇଲେକ୍ଟ୍ରିକ୍ ଓଭରହେଡ୍ ଟ୍ରାଭେଲିଂ (ଇଓଟି) କ୍ରେନ୍ ପାଇଁ ଏକ ଅଭିନବ ଧକ୍କା ନିରୋଧୀ ଆଲାର୍ମ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟକାରୀ କରିଛି ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଆହ୍ୱାନର ସଫଳ ସମାଧାନ କରିଛି। ଏହି ପ୍ରଣାଳୀ ସମାନ ସ୍ତରରେ କ୍ରେନ୍ ଧକ୍କା ହେବାର ଆଶଙ୍କାକୁ ପ୍ରଭାବଶାଳୀ ଭାବରେ ଦୂର କରିଛନ୍ତି।

ଏହାପୂର୍ବରୁ, କ୍ରେନ୍ ୩ ଏବଂ ୫ ବିଭିନ୍ନ ଡ଼ିଏସଏଲ ସ୍ତରରେ କାର୍ଯ୍ୟ କରୁଥିଲା, ଯେଉଁଥିରେ ସେମାନଙ୍କର କାର୍ଯ୍ୟ ଜୋନ୍ଗୁଡ଼ିକ ଓଭରଲାପ ହୋଇ ଧକ୍କା ହେବାର ଆଶଙ୍କା ରହୁଥିଲା। ଅତୀତର ଘଟଣାଗୁଡ଼ିକ ଯେଉଁଥିରେ ଯାନ୍ତ୍ରିକ କ୍ଷତି ସାମିଲ ଥିଲା, ଏହିପରି ଦୁର୍ଘଟଣାକୁ ରୋକିବା ପାଇଁ ସମାଧାନର ଆବଶ୍ୟକତା ଅନୁଭୂତ କରିଥିଲା। ଏହି ପରିପ୍ରେକ୍ଷୀରେ ଏଚଏସଏମ-୨ ଇଲେକ୍ଟ୍ରିକାଲ୍ କ୍ରେନ୍ ଗ୍ରୁପ୍ ଏକ ଇନ୍-ହାଉସ୍ ଧକ୍କା ନିରୋଧୀ ଆଲାର୍ମ ସିଷ୍ଟମ ବିକଶିତ କରି ସମ୍ଭାବ୍ୟ ବିପଦ ଚିହ୍ନଟ କରିବା ଏବଂ ଅପରେଟରଙ୍କୁ ସଚେତନ କରିବା ପାଇଁ ପରିକଳ୍ପିତ କରାଯାଇଥିଲା। ସିଷ୍ଟମ୍, ଯାହା ଫଟୋ ସେନ୍ସର ଏବଂ ଆରଏଫ୍ ଟ୍ରାନ୍ସମିଟର ଏବଂ ରିସିଭର୍ ର ଏକ ମିଶ୍ରଣ ବ୍ୟବହାର କରେ, କ୍ରେନ୍ ୫ ର କାର୍ଯ୍ୟ ଜୋନ୍‌ରେ ପ୍ରବେଶ କଲାବେଳେ କ୍ରେନ୍ ୩ ର ଗତିବିଧି ଉପରେ ନଜର ରଖେ। ଯେତେବେଳେ ଏକ ସମ୍ଭାବ୍ୟ ଧକ୍କା ଚିହ୍ନଟ ହୁଏ, ସିଙ୍କ୍ରୋନାଇଜଡ୍ ଅଡିଓ ଏବଂ ଭିଜୁଆଲ୍ ଆଲାର୍ମ ଉଭୟ ଅପରେଟର କ୍ୟାବିନରେ ସୃଷ୍ଟି ହୁଏ ତଥା ଦୁର୍ଘଟଣା ଏଡାଇବା ପାଇଁ ସଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରେ।

ସିଷ୍ଟମର ରିଅଲ୍ ଟାଇମ୍ ଆଲର୍ଟ ସହିତ, କ୍ରେନ୍ ଅପରେଟରମାନେ ବର୍ତ୍ତମାନ ସଚେତନତା ସହିତ କାର୍ଯ୍ୟ କରିପାରିବେ, ମାନବ ତ୍ରୁଟି ହ୍ରାସ ହେବ ଏବଂ ବ୍ୟୟବହୁଳ ଧକ୍କାକୁ ରୋକା ଯାଇପାରିବ। ସିଷ୍ଟମର ସଫଳ ରୂପାୟନ କ୍ରେନ୍ ୫ ଏବଂ କ୍ରେନ୍ ୩ ମଧ୍ୟରେ ଦୁର୍ଘଟଣା ହେବାର ଆଶଙ୍କା ଦୂର କରି ଏଚଏସଏମ-୨ ରେ ଉଭୟ ସୁରକ୍ଷା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି କରୁଛି। ଏଚଏସଏମ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ଶ୍ରୀ ସୁବ୍ରତ କୁମାର ଉକ୍ତ ନୂତନ ବ୍ୟବସ୍ଥାକୁ ସିଜିଏମ ଇଲେକ୍ଟ୍ରିକଲ ଶ୍ରୀ ଆର କେ ମୁଦୁଲି, ସୁରକ୍ଷା ବିଭାଗର ଜିଏମ ଶ୍ରୀ ଅବକାଶ ବେହେରା ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ସୂଚନାଯୋଗ୍ୟ ଯେ, ଶ୍ରୀ ସୁବ୍ରତ କୁମାର ଓ ଶ୍ରୀ ଆର କେ ମୁଦୁଲିଙ୍କ ମାର୍ଗଦର୍ଶନରେ ଏଚଏସଏମ-୨ ଇଲେକ୍ଟ୍ରିକଲ ବିଭାଗର ଜିଏମ ଓ ସେକ୍ସନ ମୁଖ୍ୟ ଶ୍ରୀ ଆର କୁଜୁର ଏବଂ ଜିଏମ ଶ୍ରୀ ଏସ୍ ସୋରେନ୍, ଜିଏମ୍ ଓ ସିନିୟର ମ୍ୟାନେଜର ଶ୍ରୀ ତ୍ରିବିକ୍ରମ ସେଠ ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ । ଶ୍ରୀ ଆର କେ ପଣ୍ଡା, ଶ୍ରୀ ଏସ୍ ମଲ୍ଲିକ, ଶ୍ରୀ କେ ସି ଆଧା ଏବଂ ବିଭାଗୀୟ ଦଳ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ। ଇନ୍-ହାଉସ୍ ସମାଧାନ କାର୍ଯ୍ୟକ୍ଷମ ବ୍ୟାଘାତ, ଗଠନମୂଳକ କ୍ଷତି ଏବଂ ଖର୍ଚ୍ଚକୁ ଯଥେଷ୍ଟ କମ୍ କରିବା ସହିତ କ୍ରେନ୍ କାର୍ଯ୍ୟରେ ନିରାପତ୍ତା ପାଇଁ ଏକ ନୂତନ ମାନକ ସ୍ଥିର କରିଛି।

# ପ୍ରୋଷ୍ଟେଟ ଗ୍ରନ୍ଥି ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୧୦/୧୨ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ପୌରୁଷଗ୍ରନ୍ଥି ବୃଦ୍ଧି ସଚେତନକ୍ଷ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି ପରାମର୍ଶ ଦେଲେ ଶୀତଦିନେ ବାର୍ଦ୍ଧକ୍ୟ ସୁଲଭ ଏହି ରୋଗ, ଅଧିକ ଗରମ, ଖଟା ଓ ମଦ୍ୟପାନ, ଥଣ୍ଡା ପାନୀୟ ଦ୍ୱାରା ପୁରୁଷ ହରମୋନ ଟେଷ୍ଟୋଷ୍ଟେରୋନ କମ୍ ଓ ସ୍ତ୍ରୀ ହରମୋନ ଇଷ୍ଟ୍ରୋଜନ୍ ସମାନତାରୁ ପୌରୁଷ ଗ୍ରନ୍ଥି ବଢ଼ିଯାଇ ପରିସ୍ରା ବିନ୍ଦୁ ବିନ୍ଦୁ ହୁଏ, ଯାଉ ଯାଉ ଲୁଗାରେ ହୋଇଯାଏ, ପରିସ୍ରା ହୋଇ ଅଟକି କିଛି ସମୟ ପରେ ହୁଏ, ରାତ୍ରରେ ବାରମ୍ବାର ହୁଏ ବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ବାରମ୍ବାର କ୍ୟାଥେଟର ବ୍ୟବହାର ଓ ସଂକ୍ରମଣରୁ କ୍ୟାନସର୍ ମଧ୍ୟ ହୋଇପାରେ। ପ୍ରୋଷ୍ଟେଟ୍ ବୃଦ୍ଧି ପାଇଁ କାରଣଗୁଡ଼ିକ ଛାଡି ଗୋଖରା, ବରୁଣ, ପୁରୁଣୀ, କଖାରୁ ମଞ୍ଜି, ଗୁଳୁଚି, ଘୃତ କୁମାରୀ, କୋଳଥ ଚିକିତ୍ସକଙ୍କ ପରାମର୍ଶରେ ଖାଇଲେ ଓ ଗୋମୁଖାସନ,ପ୍ରାଣାୟାମ, ସକାଳ ସନ୍ଧ୍ୟା ଦଶ ମିନଟ ଦୁଇ ଗୋଡକୁ ଚାପିରଖି ପୁଣି ପ୍ରସାରଣ କଲେ ଭଲ ହୋଇଯାଏ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ । ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି ।

# ଫୁଲବାଣୀ ଏଜେଓ ହାଇସ୍କୁଲର ତିନିଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

କନ୍ଧମାଳ, ୧୦/୧୨ (ନି.ପ୍ର): ସ୍ଥାନୀୟ କନ୍ଧମାଳ ଷ୍ଟାଡ଼ିୟମ୍ ଠାରେ ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟର ତିନିଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦଘାଟିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତି ପାୟଲ ପଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା କ୍ରିଡ଼ା ସଂସଦ ସଂପାଦକ ଶିବ ପ୍ରସାଦ ତ୍ରିପାଠୀ , ସମ୍ମାନିତ ଅତିଥିଭାବେ ଜିଲା କ୍ରିଡ଼ା ଅଧିକାରୀ ସୀମର କୁମାର ନାୟକ , ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିବାକର ଡ଼ାକୁଆ, ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ଶ୍ରୀମତି କଲ୍ଲୋଳିନୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କ୍ରିଡ଼ାର ଆବଶ୍ୟକତା ଉପରେ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ୭୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ସାମିଲ୍ ହୋଇ ବିଭିନ୍ନ କ୍ରିଡ଼ାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ଯୋଗନୃତ୍ୟ ପରିବେଷଣ କରାଯାଇଥିଲା।

# ମହିଳା ଓ ଶିଶୁ ଯୌନ ନିର୍ଯ୍ୟାତନା ଏବଂ ଅପରାଧରୁ ସୁରକ୍ଷା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ




ଭଦ୍ରକ, ୧୦/୧୨ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ସୋସାଇଟ୍ ଫର ଉଇକର କମ୍ୟୁନିଟ୍ (ଆସିଆନା)ର ମିଳିତ ଆନୁକୂଲ୍ୟରେ ଭଦ୍ରକ ପୌରପରିଷଦ ସଭାଗୃହ ପରିସରରେ ଆୟୋଜିତ ମହିଳା ଓ ଶିଶୁ ନର୍ଯ୍ୟାତନା ଏବଂ ଅପରାଧରୁ ସୁରକ୍ଷା ଶୀର୍ଷକ ଆଲୋଚନା ପୌରପରିଷଦର ଅଧକ୍ଷା ଗୁଲମଖି ଦଲୱାଜି ହବିବ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୧୬ ଦିନିଆ ଲିଂଗ ଭିତ୍ତିକ ହିଂସା ସଚେତନତା କାର୍ଯ୍ୟକ୍ରମରେ ମହିଳା ହିଂସା, ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ନିମନ୍ତେ ପଦକ୍ଷେପ ଏବଂ ପରିବାର, ସାମାଜିକ ଗୋଷ୍ଠୀର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁରକ୍ଷା ଅଧିକାରିଣୀ ଚନ୍ଦ୍ରା ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଡ଼ି.ଆଇ.ବି) ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ସୋରେନ୍ ,ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ୍ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଆସିୟାନାର ସଂପାଦିକା ସୋଫିଆ ସେକ୍. ମ୍ୟୁନିସପାଲିଟ୍‌ର ଯନ୍ତ୍ରୀ ପ୍ରହ୍ଲାଦ ମହାପାତ୍ର ପ୍ରମୁଖ ଯୋଗଦାନ କରି ବିଭିନ୍ନ ଆଇନ, କର୍ଯ୍ୟକ୍ରମ ଏବଂ ସହଭାଗିତା ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ପୌରପରିଷଦର କାଉନ୍‌ସିଲର, ମହିଳାଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟା ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆସିୟାନାର ସଂଯୋଜକ ରିଆଜ ଅହମ୍ମଦ୍ ପରିଚାଳନା କରିଥିବା ବେଳେ କର୍ମକର୍ତ୍ତା ଜନ୍ମଜ୍ୟୋତି ବେହେରା, ଶକ୍ତି ସଦନର ବହୁମୁଖୀ କର୍ମକର୍ତ୍ତା ରୁବିନା ନାୟକ ସହଯୋଗ କରିଥିଲେ । ପରିଶେଷରେ ସଂଯୋଜକ ଅହମ୍ମଦ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ବୈଠକ




ବାଲେଶ୍ୱର, ୧୦/୧୨ (ନି.ପ୍ର): ଓଡ଼ିଶାର ପ୍ରାଣକେନ୍ଦ୍ର ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଗତ ୩ବର୍ଷ ଧରି ଦାବି ଗଣତାନ୍ତ୍ରିକ ଆନ୍ଦୋଳନ ହୋଇଆସୁଛି। ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକର ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ ବିବରଣୀ ପାଠ କରିଥିବାବେଳେ କୋଷାଧକ୍ଷ ଭାସ୍କର ଚନ୍ଦ୍ର ପାଢ଼ୀ ଆୟବ୍ୟୟ ଉପସ୍ଥାପନ କରିଥିଲେ। ସଭାପତି ଡ. ପଣ୍ଡା ବାଲେଶ୍ୱରରେ ଏକ କୃଷି ବିଦ୍ୟାଳୟ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଦୀର୍ଘ ୩ବର୍ଷ ଧରି ବାଲେଶ୍ୱରବାସୀ ବିଭିନ୍ନ ପର୍ଯ୍ୟାୟରେ ଦାବି କରିଆସୁଛନ୍ତି। ବାଲେଶ୍ୱରର ଖ୍ୟାତନାମା କୃଷି ବୈଜ୍ଞାନିକ, କୃଷିବିତ୍, କୃଷକ, କୃଷିଶ୍ରମିକ ଓ ବହୁ ବୁଦ୍ଧିଜୀବୀଙ୍କୁ ଗଠିତ ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି ନାମରେ ଏକ ସଂଗଠନ କାର୍ଯ୍ୟ କରୁଅଛି। ରାଜ୍ୟ ଓ କେନ୍ଦ୍ର ସରକାର ତଥା କୃଷି ସମ୍ବନ୍ଧୀୟ ପଦାଧିକାରୀମାନଙ୍କୁ ସମିତି ପକ୍ଷରୁ ଏହି ଦାବି ସମ୍ପର୍କରେ ବାରମ୍ବାର ଅବଗତ କରାଯାଉଛି। ନିର୍ବାଚିତ ଜନପ୍ରତିନିଧିମାନଙ୍କ ସହ ସାକ୍ଷାତ ଆଲୋଚନାରେ ଏହି ଦାବି ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଛି ଓ ସେମାନେ ସମିତିର ଯୁକ୍ତିଯୁକ୍ତ ଦାବିକୁ ସମର୍ଥନ ଜଣାଇଛନ୍ତି। ଏ ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ତା ୨୪-୧୧-୨୦୨୪ରିଖରେ ପଦ୍ମୁଆଁପଦା ସ୍ଥିତ ଉଠାଜଳସେଚନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି ଏବଂ ରେମୁଣା ହନୁମାନ ମନ୍ଦିରସ୍ଥିତ ମଣ୍ଡପରେ ରେମୁଣାର ସମସ୍ତ ସରପଞ୍ଚ, ପଞ୍ଚାୟତ ସମିତି ତଥା ଲୋକ ପ୍ରତିନିଧିମାନଙ୍କୁ ନେଇ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଇତିମଧ୍ୟରେ ବସ୍ତା ବିଧାୟିକା ସୁବାସିନୀ ଜେନା ଏବଂ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏ ବିଷୟରେ ବିଧାନସଭାରେ ଶୂନ୍ୟକାଳରେ ପ୍ରଶ୍ନ ଉଠାଇ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି। ପୁନଶ୍ଚ ଆଜି ବୈଠକରେ ନିଷ୍ପତ୍ତିକ୍ରମେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆସନ୍ତା ମାସରେ ବ୍ୟକ୍ତିଗତଭାବେ ଏକ ପ୍ରତିନିଧି ଦଳ ତାଙ୍କୁ ଭେଟି ଆମର ଦାବି ତାଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ ସ୍ଥିର ହେଲା। ପରବର୍ତ୍ତୀ ପର୍ଯ୍ୟାୟରେ ଧାରଣାତ୍ମକ ଆନ୍ଦୋଳନ କରିବା ପାଇଁ ସର୍ବସମ୍ମତିକ୍ରମେ ଆଜି ସଭାରେ ନିଷ୍ପତ୍ତିଗ୍ରହଣ କରାଗଲା। ଏହି ବୈଠକରେ ପରିଷଦର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ଅପର୍ଣ୍ଣା ମହାପାତ୍ର, ହରନାରାୟଣ ମଢୁଆଳ, ଅକ୍ଷୟ କୁମାର ତ୍ରିପାଠୀ, ରବିନାରାୟଣ ଭୋଳ, ସୁରେନ୍ଦ୍ର ପ୍ରସାଦ ଦିକ୍ଷିତ୍, ଭୂପତି କୁମାର ପାତ୍ର, ଧୀରେନ୍ଦ୍ରନାରାୟଣ ପ୍ରହରାଜ, ମନୋଜ କୁମାର ବେହେରା, ଶଶାଙ୍କ ଶେଖର ଜେନା, ରବି କୁମାର ପାଣିଗ୍ରାହୀ, ପୁରୁଷୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ଦେବା ସହ ସହଯୋଗ କରିଥିଲେ। ଶେଷରେ ଗୋପୀକୃଷ୍ଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୧୦/୧୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ପୁଜାରିପୁଟ ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ, ଜିପଡିଓ ଭାଗିରଥି ନାୟକ, ଏପିଓ ସନ୍ତୋଷି ମହାପାତ୍ର, ସରପଂଚ କିଶୋରି ନାୟକ, ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ପାନୀୟ ଜଳ ସମସ୍ୟା ଅଭିଯୋଗ ଜଣାଇଥିଲେ । ପାନିୟ ଜଳ ପାଇପ ଫାଟି ଯାଇଛି ତାହାର ମରାମତି କରିବାକୁ ଦାବି କରିଥିଲେ । ଏହା ସହ ଉପସ୍ଥିତ ଅଧିକାରି ମାନେ ଧାନ ମଣ୍ଡିରେ ଧାନ କିପରି ବିକ୍ରି କରିବେ, ସୁଭଦ୍ରା ଯୋଜନାର ଲାଭ କିପରି ପାଇବେ, ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅଧିକାରି ମାନେ ସଚେତନ କରିଥିଲେ ।

# ଦେଶି ମଦ ଚାଲାଣ ବେଳେ ଚଢଉ: ୨ ଗିରଫ

ଜୟପୁର, ୧୦/୧୨ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଚଢଉ କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଦାମାପୁଟର ପୁରୁଷୋତମ ଗୌଡ ଓ ଘିଉରି ଗ୍ରାମର ଜଣେ ମହିଳା । ଅବକାରି ବିଭାଗ ସୂଚନା ଅନୁଯାଇ, ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଆଜି ଦାମାପୁଟ ଓ ଘିଉରି ରାସ୍ତାରେ ଚଢଉ କରି ୧୭ ଲିଟର ଦେଶି ମଦ ଜବତ କରିଛି । ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

# ଆସନ୍ତା ରବିବାର ଦିନ ୩ ଘଂଟା ପାଇଁ ଜାତୀୟ ରାଜପଥ ଅବରୋଧ କରିବ ମୋ ଜଗନ୍ନାଥ ସାଗର ଟ୍ରଷ୍ଟ

ଜୟପୁର, ୧୦/୧୨ (ନି.ପ୍ର): ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ପକ୍ଷରୁ ଜଗନ୍ନାଥ ସାଗରର ସୁରକ୍ଷା ଓ ପୁନଃ ଉଦ୍ଧାର ପାଇଁ ଆରମ୍ଭ ହୋଇଛି ପ୍ରୟାସ। ସହରର ଜନସାଧାରଣଙ୍କ ମଧ୍ୟରେ ସାଗର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ପ୍ରକାର ଆନ୍ଦୋଳନ କରାଯିବା ପରେ ଆଜି ସ୍ଥାନୀୟ ଜୈନ ମନ୍ଦିର ପରିସରରେ ଜୟପୁର ବନ୍ଦ ଡାକରା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରଜନୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଗାମୀ ରବିବାର ଦିନ ୩ ଘଂଟା ଧରି ଜାତୀୟ ରାଜପଥ ବନ୍ଦ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା। ଆଜିର ବୈଠକରେ ସହରବାସୀଙ୍କ ସ୍ୱାଭିମାନର ପ୍ରତିକ ଜଗନ୍ନାଥ ସାଗର ୩୦୦ ଏକରର ପରିଧିର ସାଗର ବର୍ତମାନ ଖେଳପଡିଆ ପାଲଟି ଯାଇଛି। ସହର ସହ ସ୍ୱାଭିମାନ ଜଡିତ ୧୯ଟି ସାହି, ୧୦ରୁ ଉର୍ଦ୍ଧ ବସ୍ତିବାସିନ୍ଦା ନିର୍ଭର ଥିବା ଏହି ଜଳାଶୟର ପୁନଃଉଦ୍ଧାର ପାଇଁ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରି ସଗରକୁ ପୂର୍ଣ୍ଣାଙ୍ଗ ସାଗରରେ ପରିଣତ କରିବା ପାଇଁ ଦାବି କରାଯାଇଥିଲା। ଆଜି ଟ୍ରଷ୍ଟ ପକ୍ଷରୁ ୪୦ ଟି ଅନୁଷ୍ଠାନକୁ ନିମନ୍ତ୍ରଣ କରାଯାଇଥିବା ବେଳେ କେବଳ ୨୫ଟି ଅନୁଷ୍ଠାନର କର୍ମକର୍ତା ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ ଜଗନ୍ନାଥ ସାଗରର ସୀମା ନିର୍ଦ୍ଧାରଣ, ସାଗର ମଧ୍ୟରେ ଥିବା ସମସ୍ତ ଆଡିବନ୍ଧର ଉଚ୍ଛେଦ,ମତ୍ସ୍ୟ ବିଭାଗର ସ୍ଥାନାନ୍ତରଣ ସମସ୍ତ ଅନୁଷ୍ଠାନ ଓ ରାଜନୈ?ତିକ ଦଳକୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଜାତୀୟ ରାଜପଥ ଅବରୋଧ କରି ବନ୍ଦ କରିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଟ୍ରଷ୍ଟ କର୍ମକର୍ତା ମାନେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ। ଯଦି ଦ୍ୱିତୀୟ ପର୍ଯ୍ୟାୟରେ କିଛି ସମସ୍ୟାର ସମାଧାନ ନ ବାହାରେ ତେବେ ତୃତୀୟ ପର୍ଯ୍ୟାୟରେ ବିଧାନ ସମ୍ମୁଖରେ ଧାରଣା ଦିଆଯିବ ବୋଲି କମିଟି ପକ୍ଷରୁ ସୂଚନା ଦେଇଛନ୍ତି। ଆଜିର ଏହି ବୈଠକରେ ରଜନୀକାନ୍ତ ନାୟକ, ବି.ଚନ୍ଦନ ସହୁ, ମୁନା ପାଣିଗ୍ରାହୀ, ରଘୁନାଥ ତ୍ରିପାଠି, ସତୀଶ କୁମାର ନନ୍ଦ, ନିରଞ୍ଜନ ପାଣିଗ୍ରାହୀଙ୍କ ସମେତ ୨୫ଟି ଅନୁଷ୍ଠାନର କର୍ମକର୍ତା ଉପସ୍ଥିତ ଥିଲେ।

# ଓଡିଶା ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ବିଶାଳ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ

ଜୟପୁର, ୧୦/୧୨ (ନି.ପ୍ର): ଓଡିଶା ସ୍ୱାବଲମ୍ବୀ କାରିଗର ସଂଘ କୋରାପୁଟ ଜିଲା ଜୟପୁର ବ୍ଲକ ତରଫରୁ ଆଜି ୧୧ଟା ୩୦ ମିନିଟ ସମୟରେ ବିଶାଳ ଶୋଭାଯାତ୍ରା ସହ ଦାବି ପତ୍ର ପ୍ରଦାନ କରାଯାଇଛି । ଜୟପୁର ଝାଙ୍କରଦେଇ ମନ୍ଦିର ଠାରୁ ଶୋଭାଯାତ୍ରା ବାହାରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଛନ୍ତି । ଜୟପୁର ବ୍ଲକ କାଯ୍ୟାଳୟରେ ପହଂଚି ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ମନୋଜ ନାୟକ ଦାବି ପତ୍ର ଗ୍ରହଣ କରିଥିଲେ । କୋରାପୁଟ ଜିଲା ସଭାପତି ତ୍ରିପତି ନାୟକ, ବ୍ଲକ ସଭାପତି ଗୋପାଳ ନାୟକ ସମ୍ପାଦକ ଜଗଦିଶ ପୁଜାରି କୋଷାଧକ୍ଷ କୁମାର ନାୟକ, ରାମ ନାୟକ, ସୁରେନ୍ଦ୍ର ନାୟକ ଙ୍କ ନେତୃତ୍ୱରେ ଶୋଭାଯାତ୍ରା ରେ ଆସି ୯ ଦଫା ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ମାନଙ୍କୁ ସରକାରୀ କର୍ମଚାରୀ ରୁପେ ଘୋଷଣା କରାଯାଉ, ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ମାନଙ୍କୁ ସ୍ଥିରକୃତ କୁଶଳୀ ଶ୍ରମିକ ହିସାବରେ ଦୈନିକ ମଜୁରୀ ୬ ଶହ ଟଙ୍କା ହାରରେ ବେତନ ଦିଆଯାଉ, ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଉ, ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ମାନଙ୍କୁ ଭବିଷ୍ୟାନିଧୀ ବୀମା, ଇଏସଆଇ ଲାଗୁ କରାଯାଉ, ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ମାନଙ୍କୁ କାଯ୍ୟରତ ସମୟରେ ଦୁର୍ଘଟଣା ଜନିତ ମୃତ୍ୟୁ ହେଲେ ଦଶ ଲକ୍ଷ ଟଙ୍କା ଓ ସ୍ୱାଭାବିକ ମୃତ୍ୟୁ ହେଲେ ତାଙ୍କ ପରିବାର କୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉ, ସ୍ୱବଲମ୍ବୀ କାରିଗର ଓ ପମ୍ପ ଚାଳକ ମାନଙ୍କୁ ଅବସର ନେଲା ପରେ ସେ ମାନଙ୍କୁ ଅବସର କାଳୀନ ସହାୟତା ରାଶି ପାଂଚ ଲକ୍ଷ ଟଙ୍କା ଓ ମାସିକ ପେନସନ ପାଂଚ ହଜାର ଟଙ୍କା ଦିଆଯାଉ, ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ମାନଙ୍କୁ ସାଇକେଲ ଯୋଗାଇ ଦିଆଯାଉ, ସ୍ୱବଲମ୍ବୀ କାରିଗର ଓ ପମ୍ପ ଚାଳକ ମାନଙ୍କୁ ବିଭାଗରେ ଖାଲି ପଡୁଥିବା ପଦବୀରେ ନିଯୁକ୍ତି ଦିଆଯାଉ, ସମାନ କାମ କୁ ସମାନ ବେତନ ଦିଆଯାଉ ।

# ପର୍ଯ୍ୟଟନସ୍ଥଳୀରେ ବେଆଇନ ଚାନ୍ଦା ଆଦାୟ: ଏସପିଙ୍କୁ ଜଣାଇଲା ପଂଚାୟତ

କୋରେଇ, ୧୦/୧୨ (ନି.ପ୍ର): ଯାଜପୁର ଜିଲ୍ଲାର ସୁକିନ୍ଦା ଥାନା ଅନ୍ତର୍ଗତ ଲେମ୍ପୋ ପଂଚାୟତରେ ଅବସ୍ଥିତ ତଥା ଯାଜପୁର ଜିଲ୍ଲାର ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଅଶୋକଝର ଏବେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ବର୍ତମାନ ପର୍ଯ୍ୟଟନ ଓ ପିକନିକର ଋତୁ ଚାଲିଥିବା ବେଳେ ଜିଲ୍ଲା ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ମାନେ ଏଠାକୁ ଆସୁଛନ୍ତି । ଯାହାର ଫାଇଦା ନେଉଛନ୍ତି ଏହି ଯୁବକ ମାନେ । ଜୋର ଜବରଦସ୍ତ ବିଭିନ୍ନ ଆଳ ଦେଖାଇ ଚାନ୍ଦା ଆଦାୟ କରୁଛନ୍ତି ପର୍ଯ୍ୟଟକ ମାନଙ୍କ ଠାରୁ । ପ୍ରକାଶ ଯେ, ରାଜ୍ୟ ସରକାର ଉକ୍ତ ପର୍ଯ୍ୟଟନସ୍ଥଳୀକୁ ଲେମ୍ପୋ ପଂଚାୟତକୁ ହସ୍ତାନ୍ତର କରିଛନ୍ତି । ତେବେ ପର୍ଯ୍ୟଟନସ୍ଥଳୀକୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ସୁରକ୍ଷା ଓ ଏହାର ଗଣପର୍ବ ମକର ସଂକ୍ରାନ୍ତି ନିମନ୍ତେ ପଂଚାୟତ ତରଫରୁ ତହସିଲଦାର ଓ ଜଙ୍ଗଲ ବିଭାଗ ଠାରୁ ଅନୁମତି ମଗାଯାଇଛି । କିନ୍ତୁ, ହରିଡ଼ା ବାହାଳି(ସାମନ୍ତରାପୁର) ଗ୍ରାମର ଦେବେନ୍ଦ୍ର ମହାନ୍ତ ଓ ପଙ୍କଜ ମହାନ୍ତଙ୍କ ସମେତ ଆଉ କିଛି ଯୁବକ 'ଅଶୋକଝର ବିକାଶ ପରିଷଦ ସମିତି 'ନାମରେ ପର୍ଯ୍ୟଟନ ସ୍ଥଳୀକୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ଠାରୁ ଦୁଇ ଚକିଆ, ଚାରି ଚକିଆ ଯାନ ଲାଗି ଚାନ୍ଦା ଆଦାୟ କରୁଛନ୍ତି ।

# ହତ୍ୟା ମାମଲାରେ ୫ ଦୋଷୀଙ୍କୁ ଆଜୀବନ ଜେଲ୍

ଗଞ୍ଜାମ, ୧୦/୧୨ (ନି.ପ୍ର): ହତ୍ୟା ମାମଲାରେ ଆଜି ୫ ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଗଞ୍ଜାମ ଜିଲ୍ଲା ଦୌରାଜଜ୍ । ବଡବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ଛକରେ ବୋମାମାଡ କରି ଜଣଙ୍କୁ ହତ୍ୟା ମାମଲାରେ କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି । ୨୦୧୦ ମସିହାରେ ଏହି ହତ୍ୟାକାଣ୍ଡ ଘଟିଥିଲା । ବୋମାମାଡ କରି ଜଣଙ୍କୁ ହତ୍ୟା କରାଯାଇଥିଲା । ଘଟଣାରେ ୮ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ । ଏଥିସହ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ୍ କରିଛନ୍ତି ।

# କ୍ଲାଟ ସ୍ନାତକୋତ୍ତର ପରୀକ୍ଷାରେ ସର୍ବଭାରତୀୟ ପ୍ରଥମ ସ୍ଥାନ ଗୌରବ ଲାଭ କଲେ ସେଲ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀଙ୍କ ସୁପୁତ୍ରୀ

ରାଉରକେଲା, ୧୦/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ସୁରକ୍ଷା ଇନ୍ସପେକ୍ଟର ଶ୍ରୀ ଅମିତାଭ ଠାକୁର ଓ ଦିଲ୍ଲୀ ପବ୍ଲିକ୍ ସ୍କୁଲର ଶିକ୍ଷୟିତ୍ରୀ ଶ୍ରୀମତୀ ରୁମା ଠାକୁରଙ୍କ ସୁପୁତ୍ରୀ ଅରୁଣିମା ଠାକୁର ସମ୍ମାନଜନକ କମନ ଲ' ଆଡମିଶନ ଟେଷ୍ଟ (କ୍ଲାଟ) ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ପ୍ରଥମ ସ୍ଥାନ ଲାଭ କରି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ।

ଇସ୍ପାତ ସହରର ଏକ ଉଜ୍ଜ୍ୱଳ ତାରକା, ଅରୁଣିମାଙ୍କ ଅଧ୍ୟୟନରେ ସଫଳତା ତାଙ୍କର ବିପୁଳ ମେଧା ଏବଂ ନିଷ୍ଠାକୁ ପ୍ରତିଫଳନ କରୁଛି। ସେ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର-୨୨ ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲ, ସେକ୍ଟର -୧୪, ରାଉରକେଲାରେ ନିଜର ବିଦ୍ୟାଳୟ ପାଠପଢା ସମ୍ପନ୍ନ କରିଥିଲେ। ଅରୁଣିମା ଉଭୟ ଦଶମ ଶ୍ରେଣୀ ଏବଂ ଦ୍ୱାଦଶ ଶ୍ରେଣୀରେ ଯଥାକ୍ରମେ ୯୭.୮% ଏବଂ ୯୮.୨% ମାର୍କ ସହିତ ଇସ୍ପାତ ସହର ଟପ୍ପର ହୋଇଥିଲେ। ସେ କ୍ଲାଟରେ ୯୯.୯୯୩ ପର୍ସେଣ୍ଟାଇଲ ନମ୍ବର ହାସଲ କରିଛନ୍ତି।



ପାଠ୍ୟୋତ୍ତରରେ, ଅରୁଣିମାଙ୍କ ପ୍ରତିଭା ଜଣେ ବକ୍ତା ଭାବରେ ତାଙ୍କର ବ୍ୟାପକ ସ୍ୱୀକୃତି ରହିଛି। ସେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ସମ୍ମାନଜନକ ଇସ୍ପାତ ସହର ଶ୍ରେଷ୍ଠ ଯୁବ ବକ୍ତା ପୁରସ୍କାର ଲାଭ କରିଥିଲେ। ସେ ମଧ କୁଳପତି ବିତର୍କ ପ୍ରତିଯୋଗିତାରେ ତାଙ୍କୁ ସ୍ୱର୍ଣ୍ଣ ପଦକ ମଧ ପ୍ରଦାନ କରାଯାଇଥିଲା।

ଅରୁଣିମା ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟର 'ୟୁନିଭରସିଟି କଲେଜ ଅଫ୍ ଲ'ରେ ୫ ବର୍ଷୀୟ ଇଣ୍ଟିଗ୍ରେଟେଡ୍ ଆଇନ ପାଠ୍ୟକ୍ରମର ଶେଷ ବର୍ଷରେ ପଢୁଛନ୍ତି। ତାଙ୍କର ସଦ୍ୟତମ ସଫଳତା ସହିତ ସେ ତାଙ୍କ ପରିବାର, ରାଉରକେଲା ଏବଂ ଓଡ଼ିଶା ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି । ଅରୁଣିମା ଜଣେ ଆଇଏଏସ୍ ଅଧିକାରୀ ହୋଇ ଦେଶ ସେବା କରିବାକୁ ଆଶାବ୍ୟକ୍ତ କରନ୍ତି।

# ମୟୂରଭଞ୍ଜର ବ୍ଲକୱାରି ୨୬ ଶ୍ରେଷ୍ଠ ଚାଷୀ ଓ ୫ ପ୍ରତିଭାଙ୍କୁ ବାବୁଲାଲ ଅଗରୱାଲା ସ୍ମୃତି ପୁରସ୍କାର ପ୍ରଦାନ



ବାରିପଦା, ୧୦/୧୨ (ନି.ପ୍ର): ବେସରକାରୀ ଉଦ୍ୟମରେ ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକର ଅଗ୍ରଣୀ କୃଷକଙ୍କୁ ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସମ୍ବର୍ଦ୍ଧିତ କରାଯିବା ପରମ୍ପରା ସମଗ୍ର ଓଡ଼ିଶାରେ ଅନନ୍ୟ ବୋଲି ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟ ଅତିଥି, ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ମୁଖ୍ୟବକ୍ତା ଏବଂ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ସମାଜସେବୀ ମୁରାରୀଲାଲ ଶର୍ମା ସମ୍ମାନିତ ଅତିଥିଭାବେ ଯୋଗଦେଇ ମତପୋଷଣ କରିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରାଙ୍କ ସଂଯୋଜନାରେ ବ୍ଲକୱାରି ଶ୍ରେଷ୍ଠ କୃଷକଙ୍କୁ ଚୟନ କରାଯାଇ ଏହି ସ୍ମୃତି ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହିତ ବିଭିନ୍ନ କ୍ଷେତ୍ରର କୃତି ସମ୍ପନ୍ନ ୫ଜଣ ବରିଷ୍ଠ ପ୍ରତିଭାଧାରୀ ରାଇରଙ୍ଗପୁରର ବର୍ଷିୟାନ ଆଇନଜୀବୀ ରସାନନ୍ଦ ଲେଙ୍କା, ବରିଷ୍ଠ ସାରସ୍ୱତ ସାଧକ ହରନାରାୟଣ ମିଶ୍ର, କୃଷି ବିଶେଷଜ୍ଞ ରାସେଶ୍ୱର ସାହୁ, ଜଷ୍ଟିସ୍ ଦେବବ୍ରତ ଦାଶ ଏବଂ ଚଳଚ୍ଚିତ୍ର ଜଗତର ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ରଭାବେ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା।

ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାବୁଲାଲ ଅଗରୱାଲା ମେମୋରିଆଲ ଆୱାର୍ଡ ଫାଉଣ୍ଡେସନ ପକ୍ଷରୁ ସ୍ୱର୍ଗତ ବାବୁଲାଲ ଅଗରୱାଲାଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆୟୋଜିତ ବାର୍ଷିକ ଜିଲାସ୍ତରୀୟ ବାବୁଲାଲ ଅଗରୱାଲ ସ୍ମୃତି ପୁରସ୍କାର ପ୍ରଦାନ ଉତ୍ସବରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତପୋଷଣ ସହ କୃଷି ଓ କୃଷକର ଉନ୍ନତି ବିନା ଦେଶର ବିକାଶ ସମ୍ଭବ ନ ଥିବାରୁ ଏକ ବିକାଶଶୀଳ ସମାଜ ଓ ରାଷ୍ଟ୍ର ଗଠନ ପାଇଁ କୃଷିକ୍ଷେତ୍ର ଓ କୃଷିଜୀବିମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକ ସଚେତନ ହେବା ପାଇଁ ଗୁରୁତ୍ୱାରୋପ କରିଥିଲେ।

ଫାଉଣ୍ଡେସନର ଚେୟାରମ୍ୟାନ ତଥା ଭାରତ କୃଷକ ସମାଜର ଆଜୀବନ ସଦସ୍ୟ ଡ. ବିଜୟ କୁମାର ଅଗରୱାଲାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତି ରସାନନ୍ଦ ଲେଙ୍କା, ରାସେଶ୍ୱର ସାହୁ ଓ ଚିନ୍ମୟ ଦାସ ପଟ୍ଟନାୟକ ପ୍ରମୁଖଙ୍କ ସହ ଅବସରପ୍ରାପ୍ତ ସିଡିଏମଓ ଡା. କୈଳାସ ଚନ୍ଦ୍ର ମହାପାତ୍ର, ପଣ୍ଡିତ ଭାଗବତ ପଣ୍ଡା ଓ ବର୍ଷିୟାନ ଶିକ୍ଷାବିତ ନନ୍ଦ କୁମାର ମହାପାତ୍ର ପ୍ରମୁଖ ବାବୁଲାଲ ଅଗରୱାଲାଙ୍କ ସ୍ମୃତିଚାରଣ କରି କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ମୟୂରଭଞ୍ଜ ଆୟୁର୍ବେଦିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଆଦିତ୍ୟ ପଣ୍ଡା, କୃତି ଶିକ୍ଷକ ଡ. ଶଶଧର ବିଶ୍ୱାଳ ଓ ପ୍ରାଧ୍ୟାପକ ଶ୍ରୀନିବାସ ଭଞ୍ଜ ପ୍ରମୁଖ ଉତ୍ସବର ବିଭିନ୍ନ କାର୍ଯ୍ୟ ନିର୍ବାହ କରିଥିଲେ। ପ୍ରାରମ୍ଭରେ ଦିବଂଗତ ବାବୁଲାଲ ଅଗରୱାଲାଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ବେଳେ ଶେଷରେ ଫାଉଣ୍ଡେସନର ସମ୍ପାଦକ ଡ. ଅକ୍ଷୟ କୁମାର ଅଗରୱାଲା ଧନ୍ୟବାଦ ଦେଇଥିଲେ।

ଏହି ଉତ୍ସବରେ ଜିଲାର ୨୬ ବ୍ଲକୱାରି ଶ୍ରେଷ୍ଠ କୃଷକଙ୍କ ମଧ୍ୟରେ ଗୌତମ ମହାନ୍ତ (ବାରିପଦା), ସଂଜୀବ କୁମାର ନାୟକ (ବଡସାହି), ନୀଳକଣ୍ଠ ସେଠୀ (ବେତନଟୀ), କମଳ ଚନ୍ଦ୍ର ମହାନ୍ତ (ବାଙ୍ଗିରିପୋଷି), ମନୋରଞ୍ଜନ ସାହୁ (ମୋରଡା), ତାରାକାନ୍ତ ଭୋଇ (ରାସଗୋବିନ୍ଦପୁର), ସୁନା ସିଂ (ସାରସକଣା), ରବୀନ୍ଦ୍ର ହେମ୍ବ୍ରମ (ଶୁଳିଆପଦା), ଭରତ ବେହେରା (ଶାମାଖୁଣ୍ଟା), ରବୀନ କୁମାର ଦଣ୍ଡପାଟ (କୁଳିଅଣା), ସୀମାରାଣୀ ଦାସ (ଖୁଣ୍ଟା), ଅଜିତ କୁମାର ପରିଡା (ଗୋପବନ୍ଧୁ ନଗର), ଶିବଶଙ୍କର ଟୁଡୁ (ଉଦଳା), ରାଜୀବ କୁମାର ଜେନା (କପ୍ତିପଦା), ଜେନା ନାଏକ (ବିଶୋଇ), ସୁଗ୍ ?ଦା ମାଝୀ (ରାଇରଙ୍ଗପୁର), ମାସାଂ ହେମ୍ବ୍ରମ (ବିଜାତୋଳା), ଯୋଗେନ୍ଦ୍ର ମହାନ୍ତ (ବହଳଦା), ସୁନ୍ଦର ମୋହନ ହେମ୍ବ୍ରମ (ତିରିଙ୍ଗ), ରାମେଶ୍ୱର କଣ୍ଡାଙ୍କେଲ (ଜାମଦା), ସାମୁ ନାଏକ (କୁସୁମୀ), କଟୀଚନ୍ଦ୍ର ମହାନ୍ତ (ଯଶିପୁର), ଗହ୍ଲା ମହାନ୍ତ (କରଞ୍ଜିଆ), ପରେନ୍ଦ୍ର ମଢେଇ (ଠାକୁରମୁଣ୍ଡା), ପ୍ରହ୍ଲାଦ ମହାନ୍ତ (ରରୁଆଁ) ଏବଂ ଦେବେନ୍ଦ୍ର ନାଥ ସାମୁରାୟ (ଶୁକ୍ଳୀ) ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ।

## ମୁମ୍ବାଇର କୁର୍ଲା ବେଷ୍ଟ ବସ ଦୁର୍ଘଟଣାରେ ୫ ମୃତ, ୪୯ ଆହତ: ଡ୍ରାଇଭର ଗିରଫ

ମୁମ୍ବାଇ, ୧୦/୧୨ (ନି.ପ୍ର): ମୁମ୍ବାଇର କୁର୍ଲାରେ ବେଷ୍ଟ ବସ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ହୋଇଛି । ଦୁର୍ଘଟଣାରେ ଆହତ ୪୯ଜଣ ଲୋକଙ୍କୁ ଚିକିତ୍ସା ପାଇଁ ସାୟନ ଓ ଭାଭା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏମାନଙ୍କ ମଧ୍ୟରୁ ୨୬ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଅଧିକାରୀଙ୍କ ମୁତାବକ ମୃତକଙ୍କ ସଂଖ୍ୟା ବଢିବାର ଅନୁମାନ କରାଯାଉଛି । ବସ ଡ୍ରାଇଭର ସଂଜୟ ମୋରେଙ୍କୁ ଗିରଫ କରାଯାଇଛି । କୁର୍ଲା ପୋଲିସ ଅନୁସାରେ ସୋମବାର ରାତି ପ୍ରାୟ ୯.୩୦ ମିନିଟ ସମୟରେ ବସଟି କୁର୍ଲାରୁ ୬୦ଜଣ ଯାତ୍ରୀଙ୍କୁ ନେଇ ଅନ୍ଧେରୀ ଯାଉଥିଲା । ଏଲବିଏସ ମାର୍ଗରେ ଡ୍ରାଇଭର ସଂଜୟ ମୋରେ ବ୍ରେକ ବଦଳରେ ଏକ୍ସିଲେଟର ଚାପି ଦେଇଥିଲେ । ଫଳରେ ବସଟି ଭାରସାମ୍ୟ ହରାଇବା ସହ ପଥଚାରୀଙ୍କ ସହିତ ଅନେକ ଗାଡିକୁ ଧକ୍କା ଦେଇ ବଜାରରେ ପଶି ଏକ ଗେଟରେ ଧକ୍କା ହୋଇ ଅଟକିଥିଲା । ଏହି ଦୁର୍ଘଟଣାରେ ୫ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ସେହିପରି ୪୯ଜଣ ଆହତ ହୋଇଛନ୍ତି ।

# ୧୦୦.୧୩ ଏମଏମଟି ପଣ୍ୟ ପରିଚାଳନା କରି ବୃହତ ବନ୍ଦର ଇତିହାସରେ କୀର୍ତ୍ତିମାନ ସ୍ଥାପନ କଲା ପାରାଦ୍ୱୀପ ବନ୍ଦର



ପାରାଦ୍ୱୀପ, ୧୦/୧୨ (ନି.ପ୍ର): ଦେଶର ଏକ ନମ୍ବର ପାରାଦ୍ୱୀପ ବନ୍ଦର ନିଜର ଟ୍ରାକ ରେକର୍ଡ ଅଭିବୃଦ୍ଧି ଘଟାଇ ଲଗାତାର ଅଷ୍ଟମ ବର୍ଷ ୧୦୦ ମିଲିୟନ ମେଟ୍ରିକ ଟନ (ଏମଏମଟି) ଟାର୍ଗେଟ ଅତିକ୍ରମ କରିଛି । ଚଳିତ ଡିସେମ୍ବର ୯ ତାରିଖରେ ୧୦୦.୧୩ ଏମଏମଟି ପଣ୍ୟ କାରବାର କରି ସର୍ବ-ଭାରତୀୟ ବୃହତ ବନ୍ଦର ଇତିହାସରେ ବିରଳ କୀର୍ତ୍ତିମାନ ସ୍ଥାପନ କରିଛି । ଗତ ୨୦୨୩ ଆର୍ଥିକ ବର୍ଷ ଡିସେମ୍ବର ୧୮ ତାରିଖରେ ୨୬୨ ଦିନରେ ୧୦୦ ଏମଏମଟି ପଣ୍ୟ ପରିଚାଳନାର ରେକର୍ଡ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହି ରେକର୍ଡ ୨୫୩ ଦିନରେ ଅର୍ଥାତ ୯ ଦିନ ପୂର୍ବରୁ ଏହି ଦୃତତମ କୀର୍ତ୍ତିମାନ ସ୍ଥାପନ ହୋଇପାରିଛି । ତେବେ ଲୁହାପଥର ଚାହିଦା ହ୍ରାସ ଏବଂ ତାପଜ କୋଇଲା ଭଳି ବୃହତ ବଜାର ଅଭାବ ସତ୍ୱେ ପାରାଦ୍ୱୀପ ବନ୍ଦରର ଏହି ରେକର୍ଡ ବେସ ମହତ୍ୱ ରଖେ । ଏସବୁ ସତ୍ୱେ ଚଳିତ ଆର୍ଥିକ ବର୍ଷରେ ପାରାଦ୍ୱୀପ ବନ୍ଦର ୧୫୦ ଏମଏମଟି ପଣ୍ୟ ପରିଚାଳନା କରିବାର ଲକ୍ଷ୍ୟ ପାଇଁ ପ୍ରସ୍ତୁତ ଅଛି । ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଆଇରନ୍ ଓର ଏବଂ ପେଲେଟ୍ ପରିଚାଳନାରେ ୨.୨୩% ଅଭିବୃଦ୍ଧି ଘଟିଥିବା ବେଳେ ତଟବର୍ତ୍ତୀ ଥର୍ମାଲ୍ କୋଇଲା ନିୟନ୍ତ୍ରଣ ବନ୍ଦରରେ ପରିଚାଳିତ ସମୁଦାୟ କାର୍ଗୋ ପରିମାଣର ୩୦% ରୁ ଅଧିକ ଅଟେ ଏବଂ ଏଥିରେ ୩.୫୭ % ଅଭିବୃଦ୍ଧି ଘଟିଛି । ସେହିଭଳି, କଣ୍ଟେନରାଇଜଡ୍ କାର୍ଗୋ ପରିମାଣ ୧୨୩.୦୯% ବୃଦ୍ଧି ପାଇଛି ଏବଂ ଚଳିତ ଆର୍ଥିକ ବର୍ଷରେ ଜିପସମ୍ ଏବଂ ଫ୍ଲକ୍ସ ୨୬.୫୫% ଭଲ୍ୟୁମକୁ ବୃଦ୍ଧି ପାଇଛି । ଏହିପରି ପାରାଦ୍ୱୀପ ବନ୍ଦର ଦେଶର ଏକ ଉପକୂଳ ପରିବହନ ହବ୍ ଭାବରେ ଉଭା ହେଉଛି । ଏନେଇ ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦରର ଏହି ଐତିହାସିକ କୃତିତ୍ୱ ପାଇଁ କେନ୍ଦ୍ର ସରକାର ତଥା ଜାହାଜ ଚଳାଚଳ ଓ ଜଳପଥ ମାର୍ଗ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ପ୍ରେରଣା, ଗତିଶୀଳ ନେତୃତ୍ୱ ଏବଂ ମାର୍ଗଦର୍ଶନ ପାଇଁ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ସଫଳତା ପାଇଁ ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ସମସ୍ତ ଅଧିକାରୀ,କର୍ମଚାରୀ, ଶିଳ୍ପ ଉପଭୋକ୍ତା, ଷ୍ଟିଭେଡୋରସ୍, ଷ୍ଟିମର ଏଜେଣ୍ଟ, ଟ୍ରେଡ୍ ୟୁନିଅନ୍, ପିପିପି ଅପରେଟରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏତଦବ୍ୟତୀତ ଜାହାଜ ଓ ଜଳପଥ ମାର୍ଗ ମନ୍ତ୍ରଣାଳୟ, ଓଡିଶା ସରକାର,କଷ୍ଟମ ବିଭାଗ, ରେଳ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ମାନଙ୍କର ଅବିରତ ସମର୍ଥନ ପାଇଁ ପାରାଦ୍ୱୀପ ବନ୍ଦର ଏହି ସଫଳତା ହାସଲ କରିଥିବା ନେଇ କହିଛନ୍ତି ବନ୍ଦର ଅଧ୍ୟକ୍ଷ ଶ୍ରୀ ପି.ଏଲ.ହରନାଦ । ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରାଦ୍ୱୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ଟ୍ରାଫିକ ପରାମର୍ଶଦାତା ଆଶିଷ କୁମାର ବୋଷ ଏବଂ ଟ୍ରାଫିକ ମ୍ୟାନେଜର ଜି. ଏଡିସନ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ସରସ ସୁନ୍ଦର କରିବାକୁ କାବିନ ଭାଙ୍ଗିବା ଘଟଣା ନେଇଛି ଉଗ୍ର ରୂପ

ଖୋର୍ଦ୍ଧା , ୧୦/୧୨ (ନି.ପ୍ର): ଖୋର୍ଦ୍ଧା ଡିସେମ୍ବର ଦଶତାରିକ ଦିନ ସକାଳ ଆଠାରୁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର କାବିନ( କାଠ) ଭାଙ୍ଗିବା ପ୍ରୟାସ ଆରମ୍ଭ । ଜିଲ୍ଲାରେ କାଠ କାବିନି ବଦଳରେ ଟିଣ କାବିନିକୁ ଯାଅ। ଖୋର୍ଦ୍ଧା ଯେଉଁ କାବିନି ସହର କୁ ସେହି କାବିନି ସହର ନାଲି ନୀଳ ରଙ୍ଗ ଭେଟମିଙ୍ଗି ଜୋନ ‘ କାବିନ ସହର।ଗରିବ ଦୋକାନୀ ଖରା ଦିନେ କରିବେ ସ୍ନାନ। ଟିଣକାନ୍ଥ ଟିଣ କବାଟ ଓ ଟିଣ ଛପର ମସାଣି ପାଖେ କରିବେ ତାଙ୍କ ବ୍ୟବସାୟୀ ଆରମ୍ଭ। ଖୋର୍ଦ୍ଧା ପାଇକ ପୁଅକୁ ଜିଲ୍ଲା ପ୍ରଶାସନର ଲଲି ପବ ଦେଖାଇ କରିବେ ସନ୍ତୁଷ୍ଟ ମାତ୍ର ବ୍ୟାବସାୟି ମହା ସଂଘର ନଛୋଡ ଆହ୍ୱାନ। ଖୋର୍ଦ୍ଧା ବନ୍ଦ ଯୋଗୁ ଖାଉଟି ହଇରାଣ । ଚୁଲି ମୁଣ୍ଡ ପରିବା ସ୍ୱପ୍ନ। ଖୋର୍ଦ୍ଧା ପ୍ରଶାସନର ଦୂରଦୃଷ୍ଟି ଅଭାବ ଯେତିକି ଟଙ୍କାରେ ଟିଣଘର ହେଲା ତା ଠାରୁ କମରେ ଛାତ ଘର ହୋଇ ଥାନ୍ତା। ଏ ହେଉଛି ଠିକାଦାର ଲାଭବାନ ପିସି ପାଇବେ କରାଇବା ଧଳା ହାତୀ। ଖୋର୍ଦ୍ଧା ହାବେଳି ପୋଖରି ପୋତି ବ୍ୟବସାୟୀ ଥଇଥାନ କରିବାର ଥିଲା ମାତ୍‌ର୍ ରାଜନେତାଙ୍କ ଏଣ୍ଡୁଅ ଭଳି ନିତି ଯୋଗୁ ଖୋର୍ଦ୍ଧା ପ୍ରଶାସନ ବଦନାମ୍।ସରକାରୀ ଜାଗା ଯେଉଁଠି ବଡ ଏରିଆ ଥିଲା ସେଠି ଗଢି ଉଠିଲା ବସ୍ତି ଆଉ ଯାହା ସରକାରି ଜାଗା ଥିଲା ବଡ , ବଡ, ବଡ଼ିଆ ରାଜନେତା ତ୍ରିତଲ ପ୍ରସାଦ । ଖୋର୍ଦ୍ଧା ପୌର ପରିଷଦ ଜଳାଶୟ (ପୋଖରୀ) ପୋତି କରିବେ ସଭା ସମିତି ଉଧାହରଣ ହାତୀ ବୁଡି ଯିବା ହାବେଳି ପୋଖରି କିଏ କାହିଁକି ପୋତିଲା କାହା ଅମଳରେ ହୋଇଥିଲା କୁହନ୍ତୁ ଖୋର୍ଦ୍ଧା ଜନସାଧାରଣ । ଖୋର୍ଦ୍ଧା ପୌର ପରିଷଦ କେତୋଟି ନୂତନ ପୋଖରି କରିଛନ୍ତି କୁହନ୍ତୁ। ଏବେ ଖୋର୍ଦ୍ଧା ୱାର୍ଡ ନମ୍ବର ପାଞ୍ଚରେ ଅଛି ବହୁ ପୁରାତନ ହାଟ ପୋଖରି। ତାକୁ ପୋତି କରନ୍ତୁ ସଭା ସମିତି ଓ ରାଜନୀତି ଓ ବ୍ୟାବସାୟି ଥଇ ଥାନ। ସେଠାରେ ଥିବା ବାଇଶି ଏକର ଜାଗା ଯବର ଦଖଲ ହୋଇଛି ଗଠି ଉଠିଛି ବେସରକାରୀ ଶିକ୍ଷା ଅନୁଷ୍ଠାନ , ସଂସ୍କାର ଭାରତୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାହାର ? ଓ ଯବର ଦଖଲ କରି କୋଠା କରି ରହିଛନ୍ତି କିଛି ଲୋକ। ଆଉ ମଠ ଜାଗା ପାଞ୍ଚ ଏକର ପରେ ତାହା କାହା ଦଖଲ ଜାଣିଛନ୍ତି ଖୋର୍ଦ୍ଧା ରାଜସ୍ୱ ବିଭାଗ ଓ ଜଣାଇ ଛନ୍ତି ପାଞ୍ଚ ନମ୍ବର ୱାର୍ଡରେ ମୁରବି ବାସୀ। ଖୋର୍ଦ୍ଧା ତହସିଲ ଦାର ଜାଣି ନୀରବ। ଆଉ ରହିଲା ଭାଲିଆ ବାଡ଼ି ଲୋକେଶ୍ୱର ପୋଖରି ତାହା ନବୀକରଣ ନାମରେ ଚାଲିଛି କୋଟି କୋଟି ଟଙ୍କା ବାଟ ମାରଣା ଶୁଣାଯାଏ। ଖୋର୍ଦ୍ଧା ଜିଲ୍ଲାପାଳ କରନ୍ତୁ ତଦନ୍ତ । ଖୋର୍ଦ୍ଧା ଜନସାଧାରଣ ଅନୁରୋଧ।

**AFFIDAVIT**

An affidavit before the Notary Basta, Balasore No. 8358 dtd. 7.12.2024, I, Shrikanta Behera aged about 52 years, S/o Naran Behera of vill- Handidhua, Po- Paikasahi, Ps- Rasgovindpur, Dist- Mayurbhanj, Pin- 757052 declare that my original RSD issued by Sub- Register Betonati, vide RSD No- 11381400472 dtd. 3.4.2014 for plot No 138, Mouza- Handidhua Ps- Rasgovindpur, Thand No- 214 Tahasil- Rasgovindpur, Dist-Mayurbhanj has lost when my furniture and asset was transfer from my old home to my new building. If anyone will get this kindley infrom on this No- 8984626757.

**Shrikanta Behera**

# ନୀଳଗିରିର ବିଭିନ୍ନ ସମସ୍ୟା ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ

ନୀଳଗିରି , ୧୦/୧୨ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଆଞ୍ଚଳିକ କମିଟି ତରଫରୁ ନୀଳଗିରି ତଥା ରାଜ୍ୟର ବିଭିନ୍ନ ସମସ୍ୟା ନେଇ ଆଜି ଉପଜିଲ୍ଲାପାଳଙ୍କ ଜରିଆରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ସ୍ୱାଧୀନତାକୁ ଦୀର୍ଘ ୭୦ବର୍ଷ ବିତିଯାଇଥିଲେ ମଧ୍ୟ ରାଜ୍ୟର ପ୍ରାୟ ୮୦ଶତକଡା ଲୋକ ଚାଷଉପରେ ନିର୍ଭରକରି ଚଳୁଥିବା ବେଳେ ଲକ୍ଷଲକ୍ଷ ଯୁବକ ବେକାରୀ ସମସ୍ୟାରେ ଯୁଝୁଛନ୍ତି। ତେଣୁ ଓଡ଼ିଶାରେ ଶିଳ୍ପାୟନ ପ୍ରତିଷ୍ଠା କରି ଯୁବକ ମାନଙ୍କୁ ନିଯୁକ୍ତି କଲେ ଦାଦନ ସମସ୍ୟା ରୋକ ଲାଗିପାରିବା ସହ ସ୍ୱାବଲମ୍ବୀ ହୋଇପାରିବେ। ପ୍ରମୁଖ ଦାବୀ ମଧ୍ୟରେ ଓଡ଼ିଶାରେ ରେଳଡବା କାରଖାନା ପ୍ରତିଷ୍ଠାକରି ନିଯୁକ୍ତି ପ୍ରଦାନ, ଓଡ଼ିଶାର ଇଷ୍ଟକୋଷ୍ଟ ରେଳଡିଭିଜନର କିଛିଅଂଶ ବିଭାଜନକରି ନୂଆ ଡିଭିଜନ କରିବା ବନ୍ଦକରିବା, ନୀଳଗିରି ରେଳଲାଇନକୁ ମୟୂରଭଞ୍ଜ ପର୍ଯ୍ୟନ୍ତ ସମ୍ପ୍ରସାରଣ, ନୀଳଗିରିରୁ ଭୁବନେଶ୍ୱରକୁ ଦୈନନ୍ଦିନ ରେଳ ଚଳାଚଳ, ଶିଳ୍ପପତି ଗୌତମ ଆଦାନୀ ଆନ୍ତର୍ଜାତୀୟ ନ୍ୟାୟାଳୟରେ ଦୋଷୀସାବ୍ୟସ୍ତ ହୋଇଥିବାରୁ ଆମ ଦେଶକୁ ନିନ୍ଦିତ ହେବାକୁପଡ଼ିଛି। ତେଣୁ ତାଙ୍କୁ ଗିରଫ କରିବା ଆଦି ଦାବି ସହିତ ନୀଳଗିରି ଅଞ୍ଚଳରେ ରେଳଡବା ନିର୍ମାଣ କାରଖାନା ପ୍ରତିଷ୍ଠାକରି ସ୍ଥାନୀୟ ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ, ପ୍ରତି ପଞ୍ଚାୟତରେ ଧାନମଣ୍ଡି ଖୋଲି ପଞ୍ଜୀକୃତ ଏବଂ ଅଣପଞ୍ଜୀକୃତ ଚାଷୀଙ୍କ ଠାରୁ ଧାନକିଣିବା ସହ କଟନି ଛଟଣି ବନ୍ଦକରିବା, ପ୍ରଧାନମନ୍ତ୍ରୀ ବିମା ଅର୍ଥ ପ୍ରଦାନ, ବାତ୍ୟା ‘ଦାନା‘ରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ ସବସିଟ ପ୍ରଦାନ, କୁଳଡିହା ଅଭୟାରଣ୍ୟ ଚତୁର୍ପାର୍ଶ୍ୱରେ ବସବାସ କରୁଥିବା ହଜାର ହଜାର ଆଦିବାସୀ ଲୋକଙ୍କୁ ଇକୋସେନସ୍ଟିଭ ଜୋନରୁ ବାଦଦେବା ଆଦି ବିଭିନ୍ନ ସମସ୍ୟାନେଇ ଦାବୀପତ୍ର ପ୍ରଦାନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କାନାଡାରୁ ଆସିଥିଲା ...

ତାଙ୍କର ଉଦଯାପନୀ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରି କହିଥିଲେ ଯେ, ସମ୍ମିଳନୀରେ ସୁରକ୍ଷା ଆହ୍ୱାନର ଜାତୀୟ ଏବଂ ଅନ୍ତର୍ଜାତୀୟ ଦିଗ ଉପରେ ବ୍ୟାପକ ଆଲୋଚନା ହୋଇଛି। ଏହି ସମ୍ମିଳନୀର ଆଲୋଚନାରୁ ବାହାରିଥିବା ମୁକାବିଲା ରଣନୀତି ଉପରେ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ, ଡିଜିଟାଲ ଠକେଇ, ସାଇବର ଅପରାଧ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ପ୍ରଯୁକ୍ତି କାରଣରୁ ସୃଷ୍ଟି ହେଉଥିବା ସମ୍ଭାବ୍ୟ ବିପଦ, ବିଶେଷକରି ସାମାଜିକ ଏବଂ ପାରିବାରିକ ସମ୍ପର୍କକୁ ବ୍ୟାହତ କରିବା ପାଇଁ ଅବିକଳ ନକଲ ବା ଡିପ୍ ଫେକର ବ୍ୟବହାର ଆଶଙ୍କା ରହିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ‘ଆକାଂକ୍ଷୀ ଭାରତ’କୁ ନେଇ ଦେଶର ଦ୍ୱିଗୁଣିତ ଏଆଇ ଶକ୍ତିକୁ ଉପଯୋଗ କରି ଏହି ଆହ୍ୱାନକୁ ସୁଯୋଗରେ ପରିଣତ କରିବାକୁ ସେ ପୁଲିସ ନେତୃତ୍ୱଙ୍କୁ ଆହ୍ୱାନ ଦେଇଥିଲେ।

### ୧୭ରୁ ରତ୍ନଭଣ୍ଡାର ...

ସାରିବାକୁ କହିଛି ଏଏସ୍ଆଇ। ରାଜ୍ୟ ସରକାରଙ୍କ ମାର୍ଗ ଦର୍ଶିକା ଅନୁସାରେ ହେବ ମରାମତି କାମ। ମରାମତି କାମ ସରିବା ପରେ ଅସ୍ଥାୟୀ ରତ୍ନ ଭଣ୍ଡାରରୁ ଅଳଙ୍କାର ସ୍ଥାନାନ୍ତରଣ କରାଯିବ। ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତରଣ ପରେ ହେବ ଗଣତି, ମଣତି କାମ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି। ଏହା ପୂର୍ବରୁ ଏଏସ୍ଆଇ ଅଧୀକ୍ଷକ ଡି.ବି ଗଡ଼ନାୟକ କହିଥିଲେ ଯେ ସେମାନେ ଡିସେମ୍ବର ୧୬ ତାରିଖରୁ ରତ୍ନଭଣ୍ଡାର କାମ କରିବାକୁ ପ୍ରସ୍ତୁତ ଅଛନ୍ତି। ମରାମତି ପାଇଁ ଦୈନିକ ସେମାନଙ୍କୁ ସର୍ବନିମ୍ନ ୫/୬ ଘଣ୍ଟା ଆବଶ୍ୟକ ବୋଲି ସେ କହିଥିଲେ।

### ରାଜ୍ୟସଭା ଉପନିର୍ବାଚନ...

ସେ ୨୦୨୬ ଏପ୍ରିଲ ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏହା ପୂର୍ବରୁ ମମତା ମହନ୍ତ ବିଜେଡି ଛାଡ଼ି ବିଜେପିରେ ମିଶିବା ପରେ ଦଳ ତାଙ୍କୁ ରାଜ୍ୟସଭା ପଠାଇଥିଲା। ସୂଚନାଯୋଗ୍ୟ, ଓଡ଼ିଶା ସମେତ ୪ ରାଜ୍ୟରେ ଖାଲି ପଡ଼ିଥିବା ୬ଟି ଆସନରେ ଉପନିର୍ବାଚନ କରିବା ପାଇଁ ଏବେ ଚାଲିଛି ପ୍ରକ୍ରିୟା।

### ଲାଞ୍ଚ ନେବା ପଡ଼ିଲା...

ଅଫିସରେ ଯାଞ୍ଚ ବେଳେ ୧୫ ଲକ୍ଷରୁ ଅଧିକ ଟଙ୍କା ଭିଜିଲାନ୍ସ ଅଧିକାରୀ ଜବତ କରିଥିଲେ। ଏତେ ଟଙ୍କା ଦେବଜାନି କେଉଁଠୁ ଆଣିଲେ ଭିଜିଲାନ୍ସ ପ୍ରଶ୍ନରେ ସନ୍ତୋଷ ଜନକ ଉତ୍ତର ଦେଇପାରି ନଥିଲେ। ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ରହିଛି।

### ଦୁଇ ଦିନ ହେଲା ଶୀତ...

ନାୟକ ଓ ସମ୍ପାଦିକା ସବିତା ମାନସିଂହ ଉପସ୍ଥିତ ଥିଲେ। ମିଶନ ଶକ୍ତିକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ମିଶନ ଶକ୍ତିର ମହିଳାଙ୍କୁ କେହି ବିଭ୍ରାନ୍ତ କରନ୍ତୁ ନାହିଁ। ଗତକାଲି ଏହି ପ୍ରସଙ୍ଗରେ ଗୃହରେ ଚର୍ଚ୍ଚା ହୋଇଛି। କାହା କଥାରେ ପଡ଼ି ରାସ୍ତାରେ ଗଡ଼ିବା ଆବଶ୍ୟକତା ନାହିଁ । ମହିଳାଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ମହିଳାଙ୍କ ସ୍ୱାର୍ଥ ପାଇଁ ଯାହା ଠିକ୍ ତାହା କରିବେ ସରକାର। ମିଶନ ଶକ୍ତିର ମହିଳାଙ୍କୁ କେହି ବିଭ୍ରାନ୍ତ କରନ୍ତୁ ନାହିଁ। ଗତକାଲି ଏହି ପ୍ରସଙ୍ଗରେ ଗୃହରେ ଚର୍ଚ୍ଚା ହୋଇଛି। କାହା କଥାରେ ପଡ଼ି ରାସ୍ତାରେ ଗଡ଼ିବା ଆବଶ୍ୟକତା ନାହିଁ । ମହିଳାଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ମହିଳାଙ୍କ ସ୍ୱାର୍ଥ ପାଇଁ ଯାହା ଠିକ୍ ତାହା କରିବେ ସରକାର। ଗତ ୬ ମାସର ବକେୟା ଦରମା ଦାବି ନେଇ ବୁଧବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ନିଖିଳ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ସଦସ୍ୟାମାନେ ପ୍ରଦର୍ଶନ କରିଛନ୍ତି। ବିଧାନସଭା ଚାଲିଥିବାବେଳେ ସେମାନେ ନିଜର ସମସ୍ୟା ସରକାରଙ୍କୁ ଜଣାଇବାକୁ ଉଦ୍ୟମ କରିଛନ୍ତି । ଲୋୟର ପିଏମଜିରେ ଆନ୍ଦୋଳନକାରୀ ବିଧାନସଭା ଆଡକୁ ମୁହାଁଇଥିବାବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା। ସେମାନେ ବିଭିନ୍ନ ସ୍ଲୋଗାନ ଦେବା ସହିତ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଏଣେ ଏହାକୁ ସମର୍ଥନ ଜଣାଇ ବିଜେଡି ନେତାମାନେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଡେରା ପକାଇ ବସିଥିବା ଦେଖିବାକୁ ମିଳିଛି। ତେଣେ ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ହଟ୍ଟଗୋଳ ହୋଇଥିବାରୁ ପୂର୍ବାହ୍ନ ସାଢେ ୧୧ଟା ଯାଏ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି ସୁରମା ପାଢୀ।

### କଂଗ୍ରେସକୁ ଝଟ୍‌କା...

ମେଣ୍ଟରେ ସବୁ କିଛି ଠିକ ନାହିଁ । ଇଣ୍ଡିଆ ଗଠନ ପରେ ନୀତିଶ ହଠାତ ଛାଡି ଚାଲିଯିବା ଆଉ ଏବେ କଂଗ୍ରେସର ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇ ନିଜ ହାତକୁ ମୁଖିଆ ଦାୟିତ୍ୱ ନେବାକୁ ମମତାଙ୍କ ଇଚ୍ଛା ଏହା ସଦ୍ୟ ପ୍ରମାଣ । ନେତୃତ୍ୱକୁ ନେଇ ପୂର୍ବରୁ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଇଣ୍ଡିମେଣ୍ଟ ଛାଡିଥିଲେ । ଆଉ ଏବେ ମମତାଙ୍କ ନେତୃତ୍ୱ ସମ୍ଭାଳିବା ପ୍ରଶ୍ନ କଂଗ୍ରେସର ବଡଭାଇପଣିଆକୁ ଚ୍ୟାଲେଞ୍ଜ କରିଛି ।

### ଇସ୍ରାଏଲ ପରେ ସିରିଆ ...

କୁର୍ଦ୍ଦ ସୈନିକଙ୍କୁ ସ୍ଥାନାନ୍ତର କରିବା ପାଇଁ ସୋମବାର ଆମେରିକା ଓ ତୁର୍କୀ ମଧ୍ୟରେ ଚୁକ୍ତି ହୋଇଛି । ସେପଟେ ତୁର୍କୀ ରାଷ୍ଟ୍ରପତି କହିଛନ୍ତି ଯେ ମନବିଜରୁ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିବାରୁ ସେ ଖୁସି ଅଛନ୍ତି । ତୁର୍କି ବୈଦେଶିକ ମନ୍ତ୍ରୀ ହାକାନ୍ ଫିଦାନ୍ ସିରିଆରେ ଏକ ନୂତନ ଯୁଗ ପାଇଁ ଆଶା ବ୍ୟକ୍ତ କରିଛନ୍ତି ଯେଉଁଥିରେ ଜାତିଗତ ଏବଂ ଧାର୍ମିକ ଗୋଷ୍ଠୀ ଏକ ସମାବେଶୀ ସରକାର ଅଧୀନରେ ଶାନ୍ତିପୂର୍ଣ୍ଣ ଭାବରେ ରହିବାରେ ସକ୍ଷମ ହେବେ । ବଶାର ଅଲ-ଅସଦଙ୍କୁ କ୍ଷମତାଚ୍ୟୁତ କରିବା ପରେ ସିରିଆ ଏବେ ଇସଲାମିକ ବିଦ୍ରୋହୀ ସଙ୍ଗଠନ ହୟାତ ତାହିର ଅଲ-ଶାମ ବା ଏଚଟିଏସ ର କବଜାରେ ରହିଛି । ସିରିଆକୁ ଏଚଟିଏସ ଦଖଲ କରିବା ପରେ ରାଷ୍ଟ୍ରପତି ବଶାର ଅଲ-ଅସଦ ଏବଂ ତାଙ୍କ ପରିବାର ରୁଷିଆକୁ ପଳାୟନ କରିଛନ୍ତି । ସେପଟେ ଅସଦଙ୍କ ପଳାୟନ ପରେ ଆମେରିକା ଓ ଇସ୍ରାଏଲ ବଡ଼ ପଦକ୍ଷେପ ନେଇଛନ୍ତି । ଇସ୍ରାଏଲ ସହ ମିଶି ଆମେରିକୀୟ ବାୟୁସେନା ସିରିଆରେ ଥିବା ସାମରିକ ଘାଟି ଓ ରାସାୟନିକ ଅସ୍ତ୍ରଶସ୍ତ୍ର କାରଖାନା ଉପରେ ଜୋରଦାର ଏୟାର ଷ୍ଟ୍ରାଇକ୍ କରିଛି । ଆମେରିକାର ବାୟୁସେନାର ବୋମାବର୍ଷୀ ବିମାନ ସେଗୁଡ଼ିକୁ ଧ୍ୱଂସ କରିଛି। ସିରିଆର ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ଯେପରି ବିଦ୍ରୋହୀଙ୍କ ହାତକୁ ନ ଯାଏ ତାହା ସୁନିଶ୍ଚିତ କରିବାକୁ ଏହି ଆକ୍ରମଣ କରାଯାଇଛି ବୋଲି ଆମେରିକା କହିଛି । ଏହାରି ଭିତରେ ଇସ୍ରାଏଲ ସେନା ମଧ୍ୟ ସ୍ଥଳଭାଗରୁ ସିରିଆ ସୀମାରେ ପ୍ରବେଶ କରିଛି । ୧୯୭୪ ଚୁକ୍ତି ପରେ ପ୍ରଥମ ଥର ପାଇଁ ଇସ୍ରାଏଲ ସେନା ସିରିଆ ମାଟିରେ ପାଦ ଥାପିଛି। ଖାଲି ସେତିକି ନୁହେଁ, ଇସ୍ରାଏଲ ସେନା ଗୋଲାନ ହାଇଟ୍ସ ନିକଟରେ ଥିବା ସିରିଆ ସୀମାର ୧୦ କିଲୋମିଟର ଭିତରେ ଥିବା ଜମିକୁ ଦଖଲ କରି ବଫର ଜୋନରେ ପରିଣତ କରିଛି । ଇସ୍ରାଏଲ ଏହି ପଦକ୍ଷେପ ପଛରେ ନିଜ ନାଗରିକଙ୍କ ସୁରକ୍ଷାକୁ ଦର୍ଶାଇଛି । ଇସ୍ରାଏଲର ବୈଦେଶିକ ମନ୍ତ୍ରୀ ସୋମବାର କହିଛନ୍ତି ଯେ ଇସ୍ରାଏଲ ସେନା ସିରିଆରେ ସନ୍ଦିଗ୍ଧ ରାସାୟନିକ ଅସ୍ତ୍ର ଶସ୍ତ୍ର ପ୍ରତିଷ୍ଠାନ ଏବଂ ଦୀର୍ଘ ଦୂରତା ରକେଟ୍ ଉପରେ ଆକ୍ରମଣ କରି ନଷ୍ଟ କରିଛି । ବୈଦେଶିକ ମନ୍ତ୍ରୀ ଗିଦିଓନ ସାର କହିଛନ୍ତି, ଆମର ଏକମାତ୍ର ସ୍ୱାର୍ଥ ହେଉଛି ଇସ୍ରାଏଲ ଏବଂ ଏହାର ନାଗରିକଙ୍କ ସୁରକ୍ଷା । ଦେଶରେ ୨୪ ବର୍ଷର ରାଷ୍ଟ୍ରପତି ବଶରଙ୍କ ଶାସନ ଶେଷ ହେବା ପରେ କିଏ ହେବ ପରବର୍ତ୍ତୀ ରାଷ୍ଟ୍ରପତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ବିଦ୍ରୋହୀ ଗୋଷ୍ଠୀ ‘ହୟାତ ତହରିର ଅଲ୍-ଶାମ’ କବଜାରେ ସିରିଆ। ଏବେ ବିଦ୍ରୋହୀଙ୍କ ଦଖଲରେ ପ୍ରମୁଖ ସହର ଦମାସ୍କସ୍, ଦାରା, କୁନେତ୍ରା, ସୁୱେଡା ଏବଂ ହୋମ୍ସ। ଦେଶର ସବୁଠାରୁ ଶକ୍ତିଶାଳୀ ବିଦ୍ରୋହୀ ଗୋଷ୍ଠୀ ‘ହୟାତ ତହରିର ଅଲ୍-ଶାମ’ ମୁଖ୍ୟ ଅବୁ ମହମ୍ମଦ ଅଲ ଜୁଲାନିଙ୍କ ହାତକୁ ଯାଇପାରେ କ୍ଷମତା। ଦେଶ ଛାଡି ଋଷିଆରେ ଆଶ୍ରୟ ନେଇଛନ୍ତି ରାଷ୍ଟ୍ରପତି ବଶର ଅଲ ଅସଦ। ଏପଟେ ଶାନ୍ତିପୂର୍ଣ୍ଣ ଭାବେ ଜୁଲାନି କ୍ଷମତା ହସ୍ତାନ୍ତର କରିବାକୁ ପ୍ରସ୍ତୁତ ସିରିୟା ସରକାର। ଯଦି ବିଦ୍ରୋହୀ ଗୋଷ୍ଠୀ ମୁଖ୍ୟ ଜୁଲାନି ସିରିଆର ରାଷ୍ଟ୍ରପତି ହେବେ ତାହାଲେ ଏହା ସ୍ପଷ୍ଟଯେ, ସିରିଆ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ଜାରିରଖିବ, କାରଣ ଏହି ଦୁଇ ଦେଶ ଆତଙ୍କବାଦୀ ସଂଗଠନକୁ ମୂଳରୁ ବିରୋଧ କରିଆସୁଛନ୍ତି। ଆଉ ସିରିଆର ପଡୋଶୀ ଦେଶ ଇସ୍ରାଏଲ ନିଜ ଦେଶର ସୁରକ୍ଷା ପାଇଁ କିଛି ବି କରିପାରେ ।ତେବେ ଦେଖିବାକୁ ବାକି ରହିଲା କିଏ ହେଉଛି ସିରିଆର ସର୍ବୋଚ୍ଚ ନେତା ଏବଂ ସେହି ଘୋଷଣାକୁ ହିଁ ବିଶ୍ୱର ଅପେକ୍ଷା।

### ହତ୍ୟା କରି ଜୁଇକୁ ...

ଆଦିବାସୀ ରୀତିନୀତିରେ ଦଶଙ୍କ ଜୁଇରେ ଲାଗିଥିଲା ନିଆଁ। ଆଖି ସାମ୍ନାରେ ହୁତୁହୁତ ହୋଇ ଜଳିଲା ଦଶଙ୍କ ଜୁଇ। ଠିକ୍ ସେତିକି ବେଳେ ଜୁଇଠାରୁ ଅଳ୍ପ ଦୂରରେ ଶିବ ବସି ମଦ ପିଉଥିଲେ। ଏହା ଦେଖି ମାଲ ଭାଇମାନେ ତାତି ଯାଇଥିଲେ। ତାଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଥିଲେ। ପରେ ଜଳୁଥିବା ଦଶଙ୍କ ଜୁଇରେ ଶିବଙ୍କ ମୃତଦେହ ଫିଙ୍ଗି ଦେଇଥିଲେ। ତା’ପରେ କାଠ ଲଦି ଦେଇଥିଲେ। ରାତିର ଅନ୍ଧକାର ଭିତରେ ଚାହୁଁଚାହୁଁ ଗୋଟିଏ ଜୁଇରେ ଜଳିଗଲେ ଦଶ ଓ ଶିବଙ୍କ ମୃତଦେହ। ବିଳମ୍ବିତ ରାତିରେ ମାଲ ଭାଇମାନେ ଘରକୁ ଫେରିଥିଲେ। ଶିବଙ୍କ ପରିବାର ଲୋକଙ୍କୁ ଧମକ ଚମକ ଦେଇଥିଲେ। ଘଟଣା ସମ୍ପର୍କରେ ପୁଲିସ୍‌କୁ କହିଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିଲେ। ଯେଉଁଥିପାଇଁ ପରିବାର ଲୋକ କାହା ପାଖରେ ମୁହଁ ଖୋଲିନଥିଲେ। ହେଲେ ସୋମବାର ସକାଳେ ଘଟଣା ପ୍ରଘଟ ହୋଇଯାଇଥିଲା। ଏହା ପରେ ଗାଁରେ ପହଞ୍ଚିଥିଲା ବନ୍ଧୁଗାଁ ଥାନା ପୁଲିସ୍। ଆଉ ସାଥୀରେ ଆସିଥିଲେ ସାଇଣ୍ଟିଫିକ୍ ଟିମ୍। ଶିବଙ୍କୁ କିଏ ହତ୍ୟା କଲା ? କାହିଁକି ହତ୍ୟା କରାଗଲା ? କେଉଁ ସ୍ଥାନରେ ତାକୁ ପୋଡ଼ି ଦିଆଗଲା ? ଏମିତି କେତେକଣ ପ୍ରଶ୍ନ ଗାଁ ଲୋକଙ୍କୁ ପଚାରିଥିଲା ପୁଲିସ୍। ଭୟରେ ଲୋକମାନେ ପ୍ରଥମେ ଚୁପ୍ ରହିଥିଲେ। ହେଲେ ପରବର୍ତ୍ତୀ ସମୟରେ ପୁଲିସ୍‌ର ଗାଁ ଲୋକଙ୍କଠାରୁ କଥା ଆଦାୟ କରିଥିଲା। ଆଉ ହତ୍ୟାର ପୂରା କାହାଣୀ ଜାଣିଥିଲା। ତା’ପରେ ଫିଟିଥିଲା ଶିବ ହତ୍ୟାର ଗୁମର। ଏହି ମାମଲାରେ ଜାଗିଲି ମିଣିଆକା, ରୁପା ମିଣିଆକା, କାସାରି ମିଣିଆକା, ଡୁମ୍ବୁରି ମିଣିଆକା ଓ ଜାଗା ମିଣିଆକାଙ୍କୁ ଗିରଫ କରିଥିଲା। ଏପରିକି ହତ୍ୟାରେ ବ୍ୟବହୃତ ଏକ ଠେଙ୍ଗାକୁ ଜବତ କରିଛି। ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ଲକ୍ଷ୍ମୀପୁର ଏସ୍‌ଡିପିଓ ମନବ୍ରତ ଶତପଥୀ।

ବୁଧବାର, ଡିସେମ୍ବର ୧୧, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନୀଳଗିରି ତାଲୁକ ଆଇନସେବା ପରିଷଦ ତରଫରୁ ଆନ୍ତର୍ଜାତୀୟ ମାନବାଧିକାର ଦିବସ ପାଳନ




ନୀଳଗିରି , ୧୦/୧୨ (ନି.ପ୍ର): ନୀଳଗିରି ତାଲୁକ ଆଇନ ସେବା ପରିଷଦ ତରଫରୁ ୧୦ତାରିଖ ରତ୍ନାକର ଟାଉନ ହାଇସ୍କୁଲ ପରିସରରେ ଆନ୍ତର୍ଜାତୀୟ ମାନବଧିକାର ଦିବସ ପାଳନ କରାଯାଇଅଛି.. ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଉର୍ଦ୍ଧ ଛାତ୍ର, ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରି ତାଲୁକ ଆଇନସେବା ପରିଷଦର ସଭାପତି ତଥା ମାନ୍ୟବର ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀମତୀ ସୁନନ୍ଦା ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ମାନ୍ୟବର ଏସ ଡ଼ି ଜି ଏମ ମୋନାଲିସା ପଣ୍ଡା, ନୀଳଗିରି ଓକିଲ ସଙ୍ଘର ସମ୍ପାଦକ ଆଇନଜିବି ଦେବେନ୍ଦ୍ର ପଣ୍ଡା , ନୀଳଗିରି ଉପଖଣ୍ଡ ସଂଗଠନର ସଭାପତି ଆଇନଜିବି ଚିତ୍ତରଞ୍ଜନ ଷଡ଼ଙ୍ଗୀ , ଆଇନଜିବୀ ବିଘ୍ନେଶ୍ୱର ବାରିକ ଓ ରିମାଣ୍ଡ ଆଇନଜିବୀ କମ ରିଟେନର ଜୟନ୍ତ କୁମାର ସ, ବିଦ୍ୟାଳୟର ବିଜ୍ଞାନଶିକ୍ଷକ ଅଚିନ୍ତ ସାର ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଛାତ୍ରମାନଙ୍କୁ ଆନ୍ତର୍ଜାତୀୟ ଆଇନ ବାବଦରେ ସବିଶେଷ ବୁଝାଇଥିଲେ ଓ ଆଜିର ଛାତ୍ରଛାତ୍ରୀ ଆସନ୍ତାକାଲିର ନାଗରିକ ସେମାନଙ୍କର ମୌଳିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ବକ୍ତା ମାନେ ବିଶେଷ ଭାବରେ ବୁଝାଇଥିଲେ । ସେମାନେ ତାଙ୍କର କର୍ମମୟ ଜୀବନରେ ମାନବିକ ଅଧିକାରକୁ ଉପଭୋଗ କରିବାସହ ଦେଶ, ଜାତି ଓ ସମାଜ ଉପରେ କିପରି ତୁଲେଇବେ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

# ଇକୋ ସେନସିଟିଭ୍ ଜୋନରେ ଥିବା ୧୩ଟି ବେଆଇନ ଇଟାଭାଟିରେ ପ୍ରଶାସନ ଲଗାଇଲା ନାଲିଫିତା



ନୀଳଗିରି, ୧୦/୧୨ (ନି.ପ୍ର): ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଇକୋ ସେନସିଟିଭ୍ ଜୋନ ଭିତରେ ଓ ବାହାରେ ଚାଲିଛି ଏକାଧିକ ବେଆଇନ ଚିମିନି ଇଟାଭାଟି। କୁଲଡିହା ଅଭୟାରଣ୍ୟ ୨୭୨.୭୫ ବର୍ଗ କିମି ପରିବ୍ୟାପ୍ତ ବନ୍ୟଜନ୍ତୁ ଏବଂ ଅଭୟାରଣ୍ୟର ସୁରକ୍ଷା ଉଦ୍ଦେଶ୍ୟରେ କେନ୍ଦ୍ର ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ୨୦୧୭ ରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଏଥିରେ ମୋଟ ୨୧୯.୧୮ବର୍ଗ କିମି ଅଞ୍ଚଳ କୁଲଡିହା ଇକୋ ସେନସିଟିଭ ଜୋନରେ ଅନ୍ତର୍ଭୁକ୍ତ କରାଯାଇଥିଲା। ପରେ କୁଲଡିହା ଇକୋ ସେନ୍‌ସିଟିଭ ଜୋନ ଓ ଅଭୟାରଣ୍ୟ ସୀମାନ୍ତରେ ହୋଇଥିବାର ଏହି ଚିମିନିଭାଟି ବିଷୟରେ ଜାଣିବାକୁ ପାଇଥିଲା ବନବିଭାଗ। ତେବେ ୧୩ଗୋଟି ବେଆଇନ ଚିମିନି ଇଟାଭାଟି କୁଲଡିହା ଇକୋ ସେନସିଟିଭ୍ ଜୋନ୍ ଭିତରେ ଚାଲିଛି। ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ଏହି ବେଆଇନ ଇଟାଭାଟିକୁ ଦମନ କରିବାକୁ ନେଇ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ଜିଲ୍ଲାପାଳଙ୍କ ଆଦେଶ ମୂଳେ ନୀଳଗିରି ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ ଏବଂ ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ଆଇ.ଏ.ଏସ ଦୁଧାଲ ଅଭିଷେକ ଦିଲୀପ, ନୀଳଗିରି ତହସିଲଦାର ସୋନମ ଦାସ, ସହକାରୀ ଜିଲ୍ଲାପାଳ ଇଶ୍ୱରଚନ୍ଦ୍ର ରଣା ଓ ରଞ୍ଜନ ସେନାପତି, ଏ.ସି.ଏଫ ରାମଚନ୍ଦ୍ର ମୁର୍ମୁ, ଭଦ୍ରକ ମାଇନସ୍ ବିଭାଗର ଡେପୁଟି ଡାଇରେକ୍ଟର, ରିଜିଓନାଲ ଅଫିସର ,ଷ୍ଟେଟ ପଲ୍ୟୁସନ ବୋର୍ଡର ଅଧିକାରୀ, ନୀଳଗିରି ସହକାରୀ ଶ୍ରମ ଅଧିକାରି ଶ୍ରୀହରି ସାମଲ, ନୀଳଗିରି ଏସ.ଡି.ପି.ଓ ସରୋଜ ଉପାଧ୍ୟାୟ, ଆଇ.ଆଇ.ସି ଗୋପାଳ ଚନ୍ଦ୍ର କର୍ଣ୍ଣ, କୁଲଡିହା ରେଞ୍ଜର ପ୍ରବିର ମୁର୍ମୁ ପ୍ରମୁଖ ସନ୍ତରାଗଡିଆ ଅଞ୍ଚଳରେ ଦିବା ୧୨ଟା ସମୟରେ ପହଞ୍ଚିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ଇଟାଗଢିବା ପାଇଁ ମାଟି କାଟିବା ଆରମ୍ଭ କରିଥିବା ବେଳେ ନୀଳଗିରି - ସନ୍ତରାଗଡ଼ିଆ ଅଞ୍ଚଳର ୧୩ଟି ଇଟାଭାଟି ଇକୋ ସେନ୍‌ସିଟିଭ୍ ଜୋନ୍ ମଧ୍ୟରେ ଥିବାରୁ ପ୍ରଶାସନ ଉକ୍ତ ଇଟାଭାଟିଗୁଡକରେ ନାଲି ପତକା ଲଗାଇବା ସହିତ ୧୬୩ ଧାରା ୬୦ଦିନ ପାଇଁ ଲାଗୁକରିବା ସହ ବେଆଇନ ଇଟାଭାଟିକୁ ସିଲ କରିଛନ୍ତି।

## ବିରୋଧୀ ସଂସଦକୁ ଚାଲିନଦେବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ: ସମ୍ବିତ ପାତ୍ର

ନୂଆଦିଲ୍ଲୀ, ୧୦/୧୨ (ନି.ପ୍ର): ସଂସଦର ଶୀତକାଳୀନ ଅଧିବେଶନ ମଙ୍ଗଳବାର ବି ହଙ୍ଗାମା ମଧ୍ୟରେ ସ୍ଥଗିତ ହୋଇଛି । ବିଜେପି ନେତା ତଥା ଲୋକସଭା ସାଂସଦ ସମ୍ବିତ ପାତ୍ର ଅଭିଯୋଗ କରିଛନ୍ତି ଯେ, ବିରୋଧୀ ସଂସଦକୁ ଚାଲିବାକୁ ଦେବାକୁ ଚାହୁଁନାହାନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଯେ, ବିରୋଧୀ ସଂସଦର କାର୍ଯ୍ୟ ଚାଲିବାକୁ ଦେଉନାହାନ୍ତି । ସେମାନେ ଜ୍ୟାକେଟ ଓ ମାସ୍କ ପିନ୍ଧି ଆସୁଛନ୍ତି, ଯାହାକି ସମ୍ମାନଜନକ ନୁହେଁବ । ସଂସଦ ପରିସରରେ ସାମ୍ବାଦିକଙ୍କ ସହ ଅନଉପଚାରିକ ଆଲୋଚନାରେ ସମ୍ବିତ ପାତ୍ର କହିଛନ୍ତି ଯେ, ବିରୋଧୀଙ୍କୁ ଗଣତନ୍ତ୍ର ଠିକ୍ ଭାବେ ବୁଝାପଡୁନି । ରାହୁଲ ଗାନ୍ଧି ମାସ୍କ ପିନ୍ଧି ଲୋକଙ୍କ ରେକର୍ଡ କରୁଥିବା ଦେଖିବା ଆଶ୍ଚର୍ଯ୍ୟଜନକ ଅଟେ । ବିରୋଧୀ ନେତାଙ୍କ ବ୍ୟବହାର ଏଭଳି ହୋଇନଥାଏ । ରାହୁଲ ଗାନ୍ଧୀଙ୍କୁ ଜଣାନାହିଁ ବିରୋଧୀ ନେତା କିଭଳି ବ୍ୟବହାର କରିବା ଉଚିତ । ଏହା ସଂସଦର କାର୍ଯ୍ୟକ୍ରମ ଚାଲିଛି, କୌଣସି ଫ୍ୟାସନ ସୋ ନୁହେଁ ।

# 'ଦୀକ୍ଷା ଦେବ ଦର୍ଶିନୀ'ଙ୍କ ଇଂରାଜୀ କବିତା ପୁସ୍ତକ ଉନ୍ମୋଚିତ




ବାଲେଶ୍ୱର, ୧୦/୧୨ (ନି.ପ୍ର): ରୋଟାରୀ ଭବନ ପରିସରରେ ଦୀକ୍ଷା ଦେବଦର୍ଶିନୀଙ୍କ 'ଇନ ଦି ମିଡ୍‌ସଟ୍ ଅଫ୍ କେଓସ୍' କବିତା ପୁସ୍ତକ ଉନ୍ମୋଚିତ ହୋଇଛି ରୋଟାରୀ କ୍ଲବର ସଭାପତି କର୍ଣ୍ଣେଲ କ୍ଷେତ୍ର ମୋହନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଦିଲ୍ଲିପ ଘୋଷ ଯୋଗ ଦେଇଥିଲେ। ଜଣେ ଯୁବ ଲେଖିକା ଭାବରେ ଦୀକ୍ଷାଙ୍କର କବିତା ପୁସ୍ତକ ନିଜ ସମସାମୟିକ ଯୁବ ପିଢ଼ିଙ୍କ ପାଇଁ ପ୍ରେରଣାଦାୟି ହୋଇପାରିଛି ବୋଲି ମତ ବ୍ୟକ୍ତ କରିଥିଲେ । ସମୀକ୍ଷକ ଭାବେ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଦିଗ ଉପରେ ଆଲୋଚନା କରିଥିଲେ । ଦୀକ୍ଷଙ୍କର ପ୍ରତିକୂଳ ପରିବେଶ ମଧ୍ୟରେ ରହିଲେବି ଯୁବ ସମାଜ କିପରି ସକରାତ୍ମକ ମାନସିକତା ସହିତ ଦୃଢ଼ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିବେ ଚିନ୍ତାଧାରାକୁ ସାଧୁବାଦ ଜଣାଇଥିଲେ । କବି ଶ୍ରୀଦେବ ମୁଖ୍ୟ ବକ୍ତାଭାବେ ଯୁବ ଲେଖକ ଲେଖିକା ମାନେ ନିଜର ଲେଖକୀୟ ଚିନ୍ତାଧାରାକୁ ପରିପକ୍ୱ କରିବାକୁ ଆହ୍ୱାନ ଦେଇଥିଲେ । ବରିଷ୍ଠ ସଦସ୍ୟ ରୋ. ସୁବ୍ରତ କର ରୋଟାରୀ ପରିବାର ସଦସ୍ୟଙ୍କ ବୃତିକୁ ଲୋକ ଲୋଚନକୁ ଆଣିବା ପାଇଁ ସର୍ବଦା ଚେଷ୍ଟିତ ବୋଲି ମତ ପ୍ରକାଶ କରିଥିଲେ । ରୋ. ପ୍ରବଳ ସିହ୍ନା ଧନ୍ୟବାଦ ଦେଇଥିଲେ । ରୋଟାରୀ କ୍ଲବର ସଦସ୍ୟ ସଦସ୍ୟା ତଥା ବାଲେଶ୍ୱର ସହରର ବରିଷ୍ଠ ସାହିତ୍ୟାନୁରାଗିମାନେ ଉପସ୍ଥିତ ରହି ଦୀକ୍ଷାଙ୍କର ଉଜ୍ଜ୍ୱଳ ସାରସ୍ୱତ ଜୀବନର ଆଶୀଷ ଦେଇଥିଲେ ।

# ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୧୦/୧୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଭଦ୍ରକ ତରଫରୁ ଶଙ୍କରପୁରସ୍ଥିତ ଆସିଆନା ଶକ୍ତି ସଦନ ସଭାଗୃହରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଭାରତୀ ରାଉତଙ୍କ ପୌରହିତ୍ୟରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଲୋନି ଲିୟନା ବେହେରା, କ୍ଲିନିକାଲ୍ ସାଇକୋଲୋଜିଷ୍ଟ, ଗୌରୀପ୍ରଭା ସିଂ, ସାଇକିୟାଟିକ୍ ସାମାଜିକ କର୍ମୀ,ଦେବେନ୍ଦ୍ର କୁମାର ନାୟକ, କମ୍ୟୁନିଟି ସୁପରଭାଇଜର ମାନସୀ ପ୍ରିୟଦର୍ଶନୀ ପାଢ଼ୀ, କେଶ୍ ରେଜିଷ୍ଟାର ପ୍ରମୁଖ ଯୋଗଦେଇ ମାନସିକ ଚାପର କାରଣ, ନିରାକରଣ ଓ ପ୍ରତିକାର ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସଂଗେ ସଂଗେ ମାନସିକ ଚାପରୁ କିପରି ମୁକ୍ତି ପାଇପାରିବେ ସେ ସମ୍ବନ୍ଧରେ ବିଭିନ୍ନ ପ୍ରକାର ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆସିଆନାର ସଂଯୋଜକ ରିଆଜ ଅହମ୍ମଦ, ଶକ୍ତି ସଦନର ସୁପରିଟେଣ୍ଡ ସବାନା ସେଖ, ପରମର୍ଶଦାତ୍ରୀ ଅନିମା ପଣ୍ଡା, କର୍ମକର୍ତ୍ତା ରୁବିନା ବେହରା, ଶାନ୍ତିଲତା ସ୍ୱାଇଁ, ଓପନ୍ ସେଲଟ୍ର ହୋମ୍‌ର ସାମାଜିକ କର୍ମୀ ଭାଗ୍ୟଶ୍ରୀ ମହାକୁଡ଼, କର୍ମକର୍ତ୍ତା କାଦମ୍ବିନୀ ଜେନା ପ୍ରମୁଖ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆସିଆନା ଶକ୍ତି ସଦନ ଓ ଓପନ୍ ସେଣ୍ଟର ହୋମ୍‌ର ଅନ୍ତେବାସୀମାନେ ଭାଗ ନେଇଥିଲେ ।

## ମଣିପୁରରେ ୫୫ ଏକର ଅଫିମ କ୍ଷେତକୁ କରାଗଲା ନଷ୍ଟ

ଇମ୍ଫାଲ , ୧୦/୧୨ : ମଣିପୁରରେ ସୁରକ୍ଷାବାହିନୀ ଦ୍ୱାରା ଅସ୍ତ୍ରଶସ୍ତ୍ର ଚୋରାଚାଲାଣ ତଥା ଏହାର ଉତ୍ପାଦନ ବିରୋଧରେ ଏକ ନିରନ୍ତର ଅଭିଯାନ ଚାଲିଛି । ଚଳିତବର୍ଷ ଏ ପର୍ଯ୍ୟନ୍ତ ଅତିକମରେ ତିନିଶହ ଏକର ଜମିରେ ଅଫିମ ଚାଷ ନଷ୍ଟ ହୋଇଯାଇଛି ।ଏହି ସମ୍ପର୍କରେ ମଙ୍ଗଳବାର ଦିନ ମଣିପୁର ପୋଲିସ କହିଛନ୍ତି ଯେ ସୁରକ୍ଷାବାହିନୀ ଉଖରୁଲ ଜିଲ୍ଲାରେ ସିହାଇ ଖୁଲ୍ଲେନ ଗ୍ରାମରେ ପୋଲିସ ବନ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଟିମ ସହାୟତାରେ ୫୫ ଏକର ଅଫିମ କ୍ଷେତ ରବିବାର ଦିନ ନଷ୍ଟ କରିଦେଇଛି। ପ୍ରାରମ୍ଭିକ ଅବସ୍ଥାରେ ଅଫିମ ଗଛଗୁଡିକ ନଷ୍ଟ କରିଦିଆଯାଇଛି।

# ଚିତ୍ରନାଟକ ରାଗ ଅନୁରାଗ ଲୋକାର୍ପିତ



ଭୁବନେଶ୍ୱର, ୧୦/୧୨ (ନି.ପ୍ର): ପୁସ୍ତକମେଳାର ଚତୁର୍ଥ ସନ୍ଧ୍ୟାରେ ବିଶିଷ୍ଟ ସିନେ ସଂଳାପକାର ଡ. ରଜନୀ ରଞ୍ଜନ ଙ୍କ ଲିଖିତ ଓ ବ୍ୟଙ୍ଗବାଣୀ ଦ୍ୱାରା ପ୍ରକାଶିତ ଚିତ୍ର ନାଟକ 'ରାଗ ଅନୁରାଗ' ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରକାଶକ ଶ୍ରୀଯୁକ୍ତ ସତ୍ୟାନକ୍ଷଣ, ବିଶିଷ୍ଟ କଥାକାର ଅଜୟ ସ୍ୱାଇଁ, ପରେଶ ପଟ୍ଟନାୟକ, ସହଦେବ ସାହୁ, ଡ. ଗୋପାଳ ଆଚାର୍ଯ୍ୟ, ଡ. ମାଧବ ବେହୁରା, ନିର୍ଦ୍ଦେଶକ ତ୍ରିପତି ସାହୁ,ପ୍ରକାଶ ମିଶ୍ର,ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ,ଓଡ଼ିଶା ମିରର୍ ର ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ, ନୀଳକଇଁ ସମ୍ପାଦିକା ସସ୍ମିତା ଦାସ, ଡ ଶ୍ରାବଣୀ ସ୍ୱାଗତିକା, କମଳିନୀ ମଲ୍ଲି ଓ ବହୁ ଲେଖକ କଳାକାର ଉପସ୍ଥିତ ଥିଲେ । ଓଡ଼ିଆ ସାହିତ୍ୟରେ ଚିତ୍ରନାଟ୍ୟ ପୁସ୍ତକ ଏକ ନୂତନ ଦିଗନ୍ତ ଉନ୍ମୋଚନ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ଭାରତୀୟ ଜଳସୀମାରୁ ଦୁଇ ବାଂଲାଦେଶୀ ମାଛଧରା ବୋଟ ସହ ୭୮ ଜଣଙ୍କୁ ଧରିଲା କୋଷ୍ଟଗାର୍ଡ




ପାରାଦୀପ, ୧୦/୧୨ (ନି.ପ୍ର): ଭାରତୀୟ ଜଳସୀମା ମଧ୍ୟରେ ବେଆଇନ୍ ଭାବେ ପ୍ରବେଶ କରି ମାଛ ଧରୁଥିବା ବେଳେ ଭାରତୀୟ କୋଷ୍ଟଗାର୍ଡ ଦ୍ୱାରା ଦୁଇଟି ବାଂଲାଦେଶୀ ମାଛଧରା ବୋଟ୍‌କୁ ଜବତ କରାଯାଇଛି । ଭାରତୀୟ କୋଷ୍ଟଗାର୍ଡ ପକ୍ଷରୁ ଜାରୀ ହୋଇଥିବା ଇସ୍ତାହାରରୁ ସୂଚନା ମିଳିଛି ଯେ, ସୋମବାର ଦିନ ସକାଳ ପ୍ରାୟ ୦୭ଟା ସମୟରେ ଭାରତୀୟ ଜଳସୀମା ନିକଟରେ କୋଷ୍ଟଗାର୍ଡ ଜାହାଜ ଅମୋଘ ମୁତୟନ ହୋଇଥିଲା । ଏହି ସମୟରେ ଭାରତୀୟ ଜଳସୀମା ମଧ୍ୟରେ ବାଂଲାଦେଶରେ ପଂଜୀକୃତ ହୋଇଥିବା ମାଛଧରା ବୋଟ୍ ଏଫଭି ଲୌଲା-୨ ଏବଂ ଏଫଭି ମେଘନା-୫ ବେଆଇନ୍ ଭାବେ ପ୍ରବେଶ କରି ମାଛ ଧରୁଥିଲେ । ଭାରତୀୟ କୋଷ୍ଟଗାର୍ଡ ସେଠାରେ ପହଂଚି ଛାନ୍‌ଭିନ୍ କରିଥିଲେ । ଭାରତୀୟ ଜଳସୀମା ମଧ୍ୟରେ ବେଆଇନ୍ ଭାବେ ପ୍ରବେଶ କରିଥିବାରୁ ଆର୍ନ୍ତଜାତୀୟ ନୌବାଣିଜ୍ୟିକ ଆଇନ୍ ଅନୁଯାୟୀ ଏହି ଦୁଇଟି ଜାହାଜକୁ ଜବତ କରି ପାରାଦୀପ ଅଣାଯାଉଛି । ଏହି ଏଫଭି ଲୌଲା-୨ ମାଛ ଧରା ବୋଟ୍‌ରେ ୪୧ ଜଣ ଓ ଏଫଭି ମେଘନା-୫ରେ ୩୭ ଜଣ ମୋଟ୍ ୭୮ଜଣଙ୍କୁ ଧରି କୋଷ୍ଟଗାର୍ଡ ଜାହାଜ ଅମୋଘ ପାରାଦୀପ ଫେରୁଥିବା କୋଷ୍ଟଗାର୍ଡ ପକ୍ଷରୁ ସୂଚନା ମିଳିଛି । ଏ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟକୁ ସୂଚନା ପ୍ରଦାନ କରାଯାଇଛି । ଆର୍ନ୍ତଜାତୀୟ ନୌବାଣିଜ୍ୟିକ ଆଇନ୍ ୧୯୮୧ ଅନୁଯାୟୀ ଏହି ଦୁଇ ମାଛଧରା ବୋଟ୍ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି ଦୁଇ ମାଛଧରା ବୋଟର ସମସ୍ତ କର୍ମଚାରୀ ସୁସ୍ଥ ଥିବା ଜଣା ପଡିଛି । ପାରାଦୀପରେ ପହଂଚିବା ପରେ ସମସ୍ତ ମତ୍ସଜୀବୀଙ୍କୁ ପାରାଦୀପ ମେରାଇନ୍ ପୋଲିସ୍‌କୁ ହସ୍ତାନ୍ତରିତ କରାଯିବ ।

## ହିମାଚଳରେ ପୁନର୍ବାର ବରଫପାତ ପୂର୍ବାନୁମାନ: ମାଇନସରେ ଛଅ ଜିଲ୍ଲାରେ ପାରା

ଶିମଳା , ୧୦/୧୨ (ନି.ପ୍ର): ହିମାଚଳପ୍ରଦେଶରେ ବରଫପାତ ପରେ ଥଣ୍ଡା ବୃଦ୍ଧି ପାଇଛି । ରାଜ୍ୟରେ ତାପମାତ୍ରା ଯଥେଷ୍ଟ ହ୍ରାସ ପାଇଛି ଏବଂ ପାଣିପାଗ ବିଭାଗ ଆଗାମୀ ଦିନରେ ପୁନର୍ବାର ବରଫପାତ ହେବାର ପୂର୍ବାନୁମାନ କରିଛି ।୧୨ ଡିସେମ୍ବରରେ ଉଚ୍ଚ ପାର୍ବତ୍ୟ ଏବଂ ମଧ୍ୟବର୍ତ୍ତୀ ଅଂଚଳରେ ବରଫପାତ ହେବାର ସମ୍ଭାବନା ରହିଛି । ବିଶେଷକରି ରାଜ୍ୟର ଉଚ୍ଚ ଅଂଚଳରେ ବରଫପାତ ହୋଇପାରେ। ଏହି କାରଣରୁ ରାଜ୍ୟରେ ଥଣ୍ଡା ପବନର ଆହୁରି ଅଧିକ ବଢିବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ମଣ୍ଡୀ, ବିଳାସପୁର, କାଙ୍ଗଡା ଏବଂ ହମୀରପୁର ଜିଲ୍ଲାରେ ସମତଳ ଅଂଚଳରେ ଆଗାମୀ ଦୁଇ ଦିନ ଘନ କୁହୁଡିର ୟେଲୋ ଆର୍ଲଟ ଜାରି କରାଯାଇଛି । ଯଦିଓ ୧୧ ଡିସେମ୍ବର ଏବଂ ୧୩ରୁ ୧୬ ଡିସେମ୍ବର ପର୍ଯ୍ୟନ୍ତ ପାଣିପାଗ ସ୍ୱଷ୍ଟ ରହିବ।

# ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା 'କୋଶମ୍ବ-୨୦୨୫'ର ସଫଳ ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ବାଲେଶ୍ୱର, ୧୦/୧୨ (ନି.ପ୍ର): ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ତଥା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା କୋଶମ୍ବ-୨୦୨୫ ଆଗାମୀ ଜାନୁଆରୀ ୧୩ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ସ୍ଥାନୀୟ ପୋଲିସ ଲାଇନ୍ ପଡିଆରେ ଆୟୋଜିତ ହେବାକୁ ଯାଉଛି । ଏଥି ନିମନ୍ତେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜ଼ିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଭାଗ ନେଇ କୋଶମ୍ବ ମେଳା ଆୟୋଜନର ସଫଳ ରୂପାୟନ ସଂପର୍କରେ ଆଲୋଚନା ତଥା ବିଭିନ୍ନ ଦିଗ ଉପରେ ମତାମତ ଓ ପ୍ରସ୍ତାବ ଜିଲ୍ଲାପାଳଙ୍କ ସମ୍ମୁଖରେ ରଖିଥିଲେ । ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ ନାୟକ ମଧ୍ୟ ମଞ୍ଚାସୀନ ଥିଲେ । ଏହି ମେଳାରେ ବିଭିନ୍ନ ବିଭାଗର ପ୍ରାୟ ୨୫୦ ଷ୍ଟଲ୍ ଖୋଲିବାର ବ୍ୟବସ୍ଥା କରାଯାଇଛି ଓ ପୂର୍ବାହ୍ନ ଏବଂ ଅପରାହ୍ନ ସମୟରେ ବିଭିନ୍ନ କର୍ମଶାଳା ମାନ ଆୟୋଜିତ ହେବ । ବିଭିନ୍ନ କୃଷିଜାତ, ଗ୍ରାମୀଣ, ହସ୍ତଶିଳ୍ପ, କୁଟୀର ଶିଳ୍ପ ଆଦି ଅନେକ ବ୍ୟବହାର୍ଯ୍ୟ ସାମଗ୍ରୀର ପ୍ରଦର୍ଶନ ସହ ବିକ୍ରୟ ହେବ ଓ ସଂଧ୍ୟାରେ ସ୍ଥାନୀୟ, ଓଡ଼ିଶା, ତଥା ଜାତୀୟ ସ୍ତରର କଳାକାର ମାନଙ୍କ ଦ୍ୱାରା ଉଚ୍ଚକୋଟୀର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯିବ । ଜିଲ୍ଲା ସ୍ତରୀୟ ବିଭିନ୍ନ ଦଳମାନେ ମଧ୍ୟ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିବେ । ପୁରସ୍କାର, ସମ୍ବର୍ଦ୍ଧନା, ସମ୍ମାନ ପ୍ରଦାନ ଆଦି ପର୍ବ ସହ କୃଷକ ଯନ୍ତ୍ରପାତି ମେଳା ମଧ ଏହି ଅବସରରେ ଆୟୋଜିତ ହେବ । ଡେପୁଟି ସିଇଓ, ଓରମାସ ଶ୍ରୀ ଶାନ୍ତନୁ ବାନାର୍ଜୀ ଉକ୍ତ ବୈଠକର ପରିଚାଳନା କରିଥିଲେ । ଶେଷରେ ଜିଲ୍ଲାପାଳ ଶ୍ରୀ ବିକାଶ ଏହି ମେଳାର ସଫଳ ରୂପାୟନ ନିମନ୍ତେ ଆନ୍ତବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ୨୦୨୪ ଉଦ୍‌ଘାଟିତ

ବାରିପଦା , ୧୦/୧୨ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ୨୦୨୪ ଉଦ୍‌ଘାଟିତ ହୋଇ ଯାଇଛି । ଆଗାମୀ ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଅଧକ୍ଷତା କରିଥିଲେ । କୁଳପତି ନିଜ ବକ୍ତବ୍ୟରେ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିବା ସହ କେବଳ ଶାରୀରିକ ସ୍ତରରେ ନୁହେଁ ମାନସିକ ସ୍ତରରେ ମଧ ଫିଟ୍ ରହିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ କରିବା ପାଇଁ ଦିନକୁ ଦିନ ହଜିଯାଉଥିବା ପାରମ୍ପରିକ ଭାରତୀୟ ଖେଳଗୁଡ଼ିକର ଆୟୋଜନ କରାଯିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ପ୍ରିୟରଞ୍ଜନ ଦେବତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାନ୍ତାଳୀ ବିଭାଗର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ଫିଟ୍ ଇଣ୍ଡିଆର ଶପଥ ପାଠ କରାଯାଇଥିଲା । କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଜନ୍ମେଞ୍ଜୟ ନାୟକ ଓ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧୀରସାଇକେଲ ଚାଳନା, ତର୍କ, ପ୍ରବନ୍ଧ, କୁଇଜ୍, ପୋଷ୍ଟର, ଦଉଡ଼ିଡିଆଁ, ଦୌଡ଼, ଯୋଗ, ଓ ବିଭିନ୍ନ ପାରମ୍ପାରିକ ଭାରତୀୟ କ୍ରୀଡ଼ା ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧାପକ ଅଧାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida